# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଜୁନ୍ ୨୩/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, June 23/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୨୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 208 | ମୂଲ୍ୟ₹୭/-






## ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ଡେଇଁଲା ଆମେରିକା

# ରୁଷିଆ, ଚାଇନାର ନିନ୍ଦା

ମସ୍କୋ/ବେଜିଂ, ୨୨।୬

ଇରାନର ୩ଟି ଆଣବିକ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣକୁ ରୁଷିଆ ଦାୟିତ୍ୱହୀନତା କହି କଡ଼ା ନିନ୍ଦା କରିଥିବାବେଳେ ଏହା ଅନ୍ତର୍ଜାତୀୟ ଆଇନ, ଜାତିସଂଘ ଚାର୍ଟର ଏବଂ ଜାତିସଂଘ ସୁରକ୍ଷା ପରିଷଦ ସଂକଳ୍ପନାମାର ଗୁରୁତର ଉଲ୍ଲଂଘନ ବୋଲି କହିଛି। ସେହିପରି ଚାଇନା ମଧ୍ୟ ଆମେରକାର ଏୟାରଷ୍ଟ୍ରାଇକ୍‌କୁ ଦୃଢ଼ ନିନ୍ଦା କରିବା ସହ ଏହା ଜାତିସଂଘ ଚାର୍ଟରର ଉଲ୍ଲଂଘନ ଓ ପଶ୍ଚିମ ଏସିଆରେ ଉତ୍ତେଜନା ବଢ଼ାଇଥିବା କହିଛି। ଯୁଦ୍ଧରେ ସାମିଲ ଥିବା ଇସ୍ରାଏଲ୍ ଏବଂ ଅନ୍ୟ ପକ୍ଷମାନେ ଆଲୋଚନା ଜରିଆରେ ଯଥାଶୀଘ୍ର ସମ୍ଭବ ଯୁଦ୍ଧବିରତି ରାଜିନାମାରେ ପହଞ୍ଚିବା ଏବଂ ନାଗରିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବେଜିଂ ଆହ୍ୱାନ ଦେଇଛି। ଇରାନର ଆଣବିକ କାର୍ଯ୍ୟକ୍ରମକୁ ଧ୍ୱଂସ କରିବା ପାଇଁ ଆମେରିକା ରବିବାର ଏହାର ଫର୍‌ଦୋ, ଇସ୍‌ଫାହାନ ଏବଂ ନତାଞ୍ଜ ନ୍ୟୁକ୍ଲିୟର ଫାସିଲିଟି ଉପରେ ଜୋର୍‌ଦାର ଆକ୍ରମଣ କରିଥିଲା। ଏହି ଆକ୍ରମଣ ପରେ ଇରାନର ନ୍ୟୁକ୍ଲିୟର ଫାସିଲିଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କରିଥିଲେ। ଆମେରିକା ସେନା ବହୁତ ସଫଳ ଆକ୍ରମଣ କରିଛନ୍ତି ଏବଂ ଇରାନ ଯଦି ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଆହୁରି ଆକ୍ରମଣ ହେବ ବୋଲି ସେ ଚେତାବନୀ ଦେଇଥିଲେ। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ସୁରକ୍ଷାରେ ଥିବା ଇରାନର ୩ଟି ଆଣବିକ ସ୍ଥଳ ଉପରେ ଆମେରିକାର ଆକ୍ରମଣକୁ ଚାଇନା ଦୃଢ଼ ନିନ୍ଦ କରିଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି। ଏହା ଜାତିସଂଘ ଚାର୍ଟର ଏବଂ ଅନ୍ତର୍ଜାତୀୟ ଆଇନର ଉଦ୍ଦେଶ୍ୟ ଓ ସିଦ୍ଧାନ୍ତର ଗୁରୁତର ଉଲ୍ଲଂଘନ ଏବଂ ପଶ୍ଚିମ ଏସିଆରେ ଉତ୍ତେଜନା ବଢ଼ାଇଛି। ପଶ୍ଚିମ ଏସିଆରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ବେଜିଂ ଅନ୍ତର୍ଜାତୀୟ ସମୁଦାୟ ସହ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

ସେହିପରି ରୁଷିଆ ବହିର୍ବ୍ୟାପର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏକ ସାର୍ବଭୌମ ରାଷ୍ଟ୍ରରେ ମିଶାଇଲ୍ ଓ ବୋମା ଆକ୍ରମଣ ଦାୟିତ୍ୱହୀନ ନିଷ୍ପତ୍ତି। ଜାତିସଂଘ ସୁରକ୍ଷା ପରିଷଦର ଏକ ସ୍ଥାୟୀ ସଦସ୍ୟ ରାଷ୍ଟ୍ର ଦ୍ୱାରା ଏଭଳି ଆକ୍ରମଣ ବିଶେଷ ଭାବେ ଚିନ୍ତାଜନକ ବୋଲି ଆମେରିକାର ନାଁ ନ ନେଇ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତିଙ୍କ ସହ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କର ଆଲୋଚନା କରିବାର କୌଣସି ଯୋଜନା ନାହିଁ ବୋଲି କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସିଚୁଏଶନ୍ ରୁମ୍‌ରେ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ 'ଅପରେଶନ୍ ମିଡ୍‌ନାଇଟ୍ ହାମର' ଉପରେ ଅନୁଧ୍ୟାନ କରୁଛନ୍ତି।

## ଆମେରିକାର ଘାତକ ବି-୨ ବମ୍ବର



### ଲଗାତର ୩୭ ଘଣ୍ଟା ଉଡ଼ାଣ କରିଥିଲା

ୱାଶିଂଟନ୍, ୨୨।୬

ଇରାନ୍‌ର ୩ ଆଣବିକ କେନ୍ଦ୍ରକୁ ଧ୍ୱସ୍ତବିଧ୍ୱସ୍ତ କରିବାରେ ସକ୍ଷମ ହୋଇଥିବା ଆମେରିକାର ବି-୨ ବମ୍ବର ମିସୋରିଠାରୁ ଲଗାତର ୩୭ ଘଣ୍ଟା ଉଡ଼ାଣ କରି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମିଶନକୁ ସଫଳ କରିଥିଲା। ଶନିବାର ବି-୨ ବମ୍ବରଗୁଡ଼ିକ ଗୁଆମ୍ ପାସିଫିକ୍ ଆଇଲାଣ୍ଡରେ ରହିଥିଲା। ୭ହଜାର ମାଇଲ ଅତିକ୍ରମ କରି ରବିବାର ଭୋର ସମୟରେ ଫର୍ଦ୍ଦୋ, ନତାଞ୍ଜ ଓ ଇଶ୍‌ଫାହାନ୍ ନ୍ୟୁକ୍ଲିୟର ସାଇଟ୍‌ରେ ପହଞ୍ଚିବା ପୂର୍ବରୁ ୬ଟି ଯାକ ବମ୍ବରରେ ଆକାଶରେ ଅନେକ ଥର ଇନ୍ଧନ ଭର୍ତ୍ତି କରାଯାଇଥିଲା। ଏହି ଏୟାରକ୍ରାଫ୍ଟ ଭୂତଳ ଟାର୍ଗେଟକୁ ଲକ୍ଷ୍ୟଭେଦ କରିବା ପାଇଁ ଜିବିୟୁ-୫୭ ମାସିଭ୍ ଅର୍ଡନାନ୍ସ ପେନେଟ୍ରେଟର ଧାରଣ ସହ ଯାତ୍ରା କରିପାରିବା ଭଳି ଡିଜାଇନ୍ ହୋଇଛି। ଗୋଟିଏ ବି-୨ ବମ୍ବରର ମୂଲ୍ୟ ୨.୧ ବିଲିୟନ୍ ଡଲାର ହୋଇଥିବାରୁ ଏହାକୁ ବିଶ୍ୱର ଅନ୍ୟତମ ଦାମୀ ଫାଇଟର ଜେଟ୍ କୁହାଯାଏ। ଏହାର ଅପରେଟିଂ ଖର୍ଚ୍ଚ ଘଣ୍ଟା ପ୍ରତି ୧୫୦,୦୦୦ ଡଲାର। ଲଗାତର ୩୬ରୁ ୪୪ ଘଣ୍ଟା ପର୍ଯ୍ୟନ୍ତ ଏହା ମିଶନରେ ସାମିଲ ହୋଇ ଦୂରଗାମୀ ସ୍ଥଳକୁ ଟାର୍ଗେଟ କରିଥାଏ।

## ଇରାନ ଉପରେ ଆକ୍ରମଣ ଅତ୍ୟନ୍ତ ଚିନ୍ତାଜନକ: ପାକିସ୍ତାନ

ଲାହୋର, ୨୨।୬(ପି.ଟି.)

ଇରାନର ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକାର ଆକ୍ରମଣକୁ ପାକିସ୍ତାନ ରବିବାର ନିନ୍ଦା କରିଛି। ଏହା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ଇସ୍‌ଲାମାବାଦ କହିବା ସହ ଆଞ୍ଚଳିକ ହିଂସାକୁ ଆହୁରି ବଢ଼ାଇବ ବୋଲି ସତର୍କ କରାଇଛି। ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇବାର ଦିନକ ପରେ ପାକିସ୍ତାନ ୱାଶିଂଟନକୁ ନିନ୍ଦା କରିଛି। ଇରାନ ଉପରେ ଆକ୍ରମଣ ଓ ଉତ୍ତେଜନା ବୃଦ୍ଧି ଅତ୍ୟନ୍ତ ଚିନ୍ତାଜନକ। ଏହା ଅଧିକ ବଢ଼ିଲେ ଉକ୍ତ ଅଞ୍ଚଳ ଓ ଏହାର ବାହାରେ ବହୁତ କ୍ଷତିକାରକ ପ୍ରଭାବ ପକାଇବ ବୋଲି ପାକିସ୍ତାନ ବହିର୍ବ୍ୟାପାର କାର୍ଯ୍ୟାଳୟ କହିଛି।

### ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପାଇଁ ସୁପାରିସ କରି ଇସ୍‌ଲାମାବାଦ ସମାଲୋଚିତ

ନାଗରିକଙ୍କ ଜୀବନ ଓ ସମ୍ପତ୍ତିକୁ ସମ୍ମାନ ମିଳିବା ଅନିବାର୍ଯ୍ୟ ଆବଶ୍ୟକତା ବୋଲି ଇସ୍‌ଲାମାବାଦ କହିବା ସହ ତୁରନ୍ତ ଯୁଦ୍ଧ ବନ୍ଦ ଉପରେ ଗୁରୁତ୍ୱ ଦେଇଛି। ସବୁ ପକ୍ଷ ଅନ୍ତର୍ଜାତୀୟ ମାନବୀୟ ଆଇନ ସମେତ ଅନ୍ତର୍ଜାତୀୟ ଆଇନର ଅନୁପାଳନ କରିବା ଜରୁରୀ ବୋଲି ପାକ୍ ବହିର୍ବ୍ୟାପାର କାର୍ଯ୍ୟାଳୟ କହିଛି।

ଭାରତ-ପାକିସ୍ତାନ ସଂଘର୍ଷ ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନିର୍ଣ୍ଣାୟକ କୂଟନୈତିକ ହସ୍ତକ୍ଷେପ ନିମନ୍ତେ ତାଙ୍କୁ ୨୦୨୬ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ପାକିସ୍ତାନ ଶନିବାର ଆନୁଷ୍ଠାନିକ ସୁପାରିସ କରିଥିଲା। ଏହାକୁ ନେଇ ପାକ୍ ସରକାର ଏବଂ ସେନା କଡ଼ା ସମାଲୋଚନାର ସମ୍ମୁଖୀନ ହୋଇଛି। ପାକିସ୍ତାନ ଜନସାଧାରଣ ସୋସିଆଲ ମିଡିଆରେ ସରକାରଙ୍କୁ ଗାଳି ଦେଇଥିଲେ। ଆମେରିକା ଇରାନର ୩ ଆଣବିକ ସ୍ଥଳ ଉପରେ ଆକ୍ରମଣ କରିବା ପରେ ଏହି ସମାଲୋଚନା ଆହୁରି ଜୋର୍‌ଦାର ହୋଇଛି। ଇରାନ ଉପରେ ଆକ୍ରମଣ ପାଇଁ ପ୍ରଧାନମନ୍ତ୍ରୀ ଶେହବାଜ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ କେବଳ ନୋବେଲ ଶାନ୍ତି ପୁରସ୍କାର ନୁହେଁ, ବରଂ ତମ୍‌ଘା-ଇ-ଜୁରାଟ, ତମଘା-ଇ-ସୁଜାତ, ତମଘା-ଇ-ବାଲାସତ, ତମ୍‌ଘା-ଇ-ଇମ୍‌ତିଆଜ ଏବଂ ଏପରିକି ପାକିସ୍ତାନର ସର୍ବୋଚ୍ଚ ସାମରିକ ସମ୍ମାନ ନିଶାନ-ଇ-ହାଇଦର ଦେବେ ବୋଲି ଜଣେ ୟୁଜର ଏକ୍ସ'ରେ ଲେଖିଛନ୍ତି। ପିଏମ୍‌ଏଲ୍-ଏନ୍‌ର ବରିଷ୍ଠ ନେତା ଖାୱାଜା ସାଦ୍ ରଫିକ୍ ଏକଦା ଟ୍ରମ୍ପ୍‌ଙ୍କୁ ଦେଶ ପାଇଁ ଲଜ୍ଜାଜନକ ଓ ଭୀରୁ ନିଷ୍ପତ୍ତି ନେଉଥିବା ଗେଙ୍ଗିସ୍ ଖାନ୍ ଏବଂ ହିଟ୍‌ଲରଙ୍କ ସହ ତୁଳନା କରିଥିଲେ। ସେହି ଦଳର ସରକାର ଏବେ ଟ୍ରମ୍ପ୍‌ଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ସୁପାରିସ୍ କରିଥିବାରୁ ଆମେରିକା ସରକାରଙ୍କୁ ଖୁସି କରିବାକୁ ଶରିଫ୍ ଓ ଅସିଫ୍ ଜର୍ଦ୍ଦାରୀ କେତେ ତଳକୁ ଯିବେ ବୋଲି ପାକିସ୍ତାନୀ ଖବରଦାତା ଅମିର ଆବ୍ବାସ ପ୍ରଶ୍ନ କରିଛନ୍ତି।

## ଉତ୍ତେଜନା ହ୍ରାସ ପାଇଁ ଇରାନ ରାଷ୍ଟ୍ରପତିଙ୍କୁ କହିଲେ ମୋଦି

ନୂଆଦିଲ୍ଲୀ, ୨୨।୬

ଇରାନର ଆଣବିକ ସ୍ଥଳ ଉପରେ ଆମେରିକାର ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଇରାନ ରାଷ୍ଟ୍ରପତି ମସୌଦ ପେଜେଶ୍‌କିଆନଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ଇସ୍ରାଏଲ୍ ସହ ଇରାନର ସଂଘର୍ଷକୁ ନେଇ ଭାରତର ଉଦ୍‌ବେଗ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଜଣାଇବା ସହ ଆଲୋଚନା ଓ କୂଟନୈତିକ ମାର୍ଗ ଜରିଆରେ ତୁରନ୍ତ ଉତ୍ତେଜନା ହ୍ରାସ କରିବାକୁ ଆହ୍ୱାନ ଦେଇଛନ୍ତି। ଇରାନର ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକାର ଆକ୍ରମଣ ଯୋଗୁ ଆଞ୍ଚଳିକ ଯୁଦ୍ଧ ବ୍ୟାପିବା ଆଶଙ୍କା ସଅଷ୍ଟି ହୋଇଛି। ସଂଯମ ରହିବାକୁ ବହୁ ପ୍ରମୁଖ ଦେଶ ଆହ୍ୱାନ ଦେଇଛନ୍ତି।

## ଇରାନର ଆଣବିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଛି: ପେଣ୍ଟାଗନ ମୁଖ୍ୟ

ୱାଶିଂଟନ, ୨୨।୬



ପେଟେ ହେଗ୍‌ସେଠ୍

ଇରାନର ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକାର ଆକ୍ରମଣ ଯୋଗୁ ଏହାର ଆଣବିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଥିବା ପେଣ୍ଟାଗନ ମୁଖ୍ୟ ତଥା ଆମେରିକା ପ୍ରତିରକ୍ଷା ସଚିବ ପେଟେ ହେଗ୍‌ସେଠ୍ କହିଛନ୍ତି। ଆମ କମାଣ୍ଡର-ଇନ୍-ଚିଫ୍ (ଟ୍ରମ୍ପ୍)ଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ଶକ୍ତିଶାଳୀ ଆକ୍ରମଣ କରାଯାଇଥିଲା। ଇରାନର ମୁଖ୍ୟ ଆଣବିକ ସ୍ଥଳଗୁଡ଼ିକ ଉପରେ ସଠିକ୍ ଆକ୍ରମଣ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ କିଛି ମାସ ଲାଗିଥିଲା। ଆକ୍ରମଣରେ କୌଣସି ସାଧାରଣ ଜନତା କିମ୍ବା ଇରାନୀୟ ସୈନ୍ୟଙ୍କୁ ଟାର୍ଗେଟ କରାଯାଇ ନ ଥିଲା। ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଯୋଜନା ଦୁଃସାହସିକ ଏବଂ ଚମତ୍କାର ଥିଲା, ଯାହା ଆମେରିକାର ପ୍ରତିହତ କ୍ଷମତା ଫେରିଥିବା ବିଶ୍ୱକୁ ଦେଖାଇଦେଇଛି। ଆମ ରାଷ୍ଟ୍ରପତି କହିବା ବେଳେ ସାରା ବିଶ୍ୱ ଶୁଣିବା ଆବଶ୍ୟକ ବୋଲି ହେଗ୍‌ସେଠ୍ କହିଛନ୍ତି।

# ବିଶ୍ୱ ସମୁଦାୟର ପ୍ରତିକ୍ରିୟା

ଦୁବାଇ/ପ୍ୟାରିସ୍, ୨୨।୬

ଇରାନ ଓ ଇସ୍ରାଏଲ୍ ଯୁଦ୍ଧରେ ଆମେରିକା ପ୍ରତ୍ୟକ୍ଷ ସମ୍ପୃକ୍ତ ହେବା ଦ୍ୱାରା ଆଞ୍ଚଳିକ ସଂଘର୍ଷ ଆହୁରି ବଢ଼ିପାରେ ବୋଲି ବିଭିନ୍ନ ଦେଶ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେମାନେ ଆମେରିକାକୁ ସତର୍କ କରାଇବା ସହ କୂଟନୈତିକ ସ୍ତରରେ ଯୁଦ୍ଧ ବନ୍ଦ ଲାଗି ଉଦ୍ୟମ କରିବାକୁ ଆହ୍ୱାନ ଦେଇଛନ୍ତି। ଯୁଦ୍ଧରେ ଆମେରିକା ସାମିଲ ହେବ କି ନାହିଁ ୨ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର କହିବାର ୨ ଦିନ ପରେ ଇରାନର ୩ ନ୍ୟୁକ୍ଲିୟର ଫାସିଲିଟି ଉପରେ ଶକ୍ତିଶାଳୀ ବୋମାମାଡ଼ କରିଛି। ଏହି ଆକ୍ରମଣରେ ଇରାନର କେତେ କ୍ଷୟକ୍ଷତି ହୋଇଛି, ତାହା ସ୍ପଷ୍ଟ ହୋଇ ନ ଥିଲାବେଳେ ଇସ୍ରାଏଲ ସହ ଯୁଦ୍ଧରେ ସାମିଲ ହେଲେ ଏହାର ଜବାବ ଦିଆଯିବ ବୋଲି ତେହରାନ କହିଛି।

ଆମେରିକାର ବୋମା ଆକ୍ରମଣ ଆଞ୍ଚଳିକ ଦ୍ୱନ୍ଦ୍ୱ ବଢ଼ାଇବ ବୋଲି ଲେବାନନ୍ ରାଷ୍ଟ୍ରପତି ଜୋସେଫ୍ ଅଉନ୍ କହିବା ସହ ବୁଝାମଣା ପାଇଁ ଆହ୍ୱାନ ଦେଇଛନ୍ତି। ଇସ୍ରାଏଲ୍ ଏବଂ ହେଜବୋଲ୍ଲା ଆତଙ୍କବାଦୀ ସଂଗଠନର ଯୁଦ୍ଧ ପରେ ଲେବାନନ୍‌ର ନୂଆ ନେତୃତ୍ୱ ଦେଶଗୁଡ଼ିକୁ ବିବାଦ ମଧ୍ୟକୁ ନିଜକୁ ନ ଟାଣିବାକୁ ଏବଂ ଦୀର୍ଘବର୍ଷର ଆର୍ଥିକ ସଙ୍କଟରୁ ମୁକୁଳିବାକୁ ଆହ୍ୱାନ ଦେଇଛନ୍ତି। ଯୁଦ୍ଧରୁ ହେବାକୁ ଥିବା କୌଣସି ପ୍ରକାର ସମ୍ଭାବ୍ୟ ଆଞ୍ଚଳିକ ପ୍ରଭାବରୁ ଲେବାନନ ଦୂରେଇ ରହିବା ଆବଶ୍ୟକ ବୋଲି ଏହାର ପ୍ରଧାନମନ୍ତ୍ରୀ ନୱାଫ୍ ସଲାମ କହିଛନ୍ତି।



ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍



ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର

ଆମେରିକା ନିଜର ସାମରିକ ଶକ୍ତିକୁ ବ୍ୟବହାର କରିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି। ଏହି ଯୁଦ୍ଧ ଖୁବ୍‌ଶୀଘ୍ର ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ, ଯାହାର ଧ୍ୱଂସାତ୍ମକ ପରିଣାମ ସଭ୍ୟତା, ଅଞ୍ଚଳ ଏବଂ ବିଶ୍ୱ ଉପରେ ପଡ଼ିବ ବୋଲି ଗୁଟେରେସ୍ ଏକ୍ସ'ରେ ଲେଖିଛନ୍ତି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ଉତ୍ତେଜନା ହ୍ରାସ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସଙ୍କଟର କୂଟନୈତିକ ପରିସମାପ୍ତି ପାଇଁ ଇରାନ ବୁଝାମଣା ଟେବୁଲ୍‌କୁ ଫେରିବା ନିମନ୍ତେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଆହ୍ୱାନ ଦେଇଛନ୍ତି। ଅସ୍ଥିର ଅଞ୍ଚଳରେ ସ୍ଥିରତା ପ୍ରଥମ ଆବଶ୍ୟକତା ବୋଲି ସେ କହିଛନ୍ତି। ଗତ ସପ୍ତାହରେ ୟୁରୋପୀୟ ସଂଘ, ଫ୍ରାନ୍ସ ଓ ଜର୍ମାନୀ ଜେନେଭାରେ ଇରାନ ସହ କୂଟନୈତିକ ସମାଧାନ ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ଇରାନର ଆଣବିକ କାର୍ଯ୍ୟକ୍ରମ ବିଶ୍ୱ ସୁରକ୍ଷା ପାଇଁ ବଡ଼ ବିପଦ ସୃଷ୍ଟି କରିଥିବା ଷ୍ଟାର୍ମର କହିଛନ୍ତି। ସେହିପରି ସମସ୍ତ ପକ୍ଷ ଆଲୋଚନାକୁ ଫେରିବା ପାଇଁ ନ୍ୟୁଜିଲାଣ୍ଡ ବହିର୍ବ୍ୟାପାର ମନ୍ତ୍ରୀ ୱିନ୍‌ଷ୍ଟନ ପିଟର୍ସ ଆହ୍ୱାନ ଦେଇଛନ୍ତି।

ଆମେରିକାର ଆକ୍ରମଣକୁ ହମାସ୍ ଏବଂ ହୁଟି ବିଦ୍ରୋହୀମାନେ ନିନ୍ଦା କରିଛନ୍ତି। ଆମେରିକାର ଆକ୍ରମଣ ବିରୋଧରେ ଇରାନକୁ ସହାୟତା କରିବାକୁ ହୁଟି ପ୍ରତିଶ୍ରୁତି ଦେଇଛି। ଇହୁଦୀ-ଆମେରିକୀୟ ଅହଙ୍କାର ବିରୋଧରେ ଏକାଠି ଜିହାଦ ଓ ପ୍ରତିରୋଧ ବିକଳ୍ପରେ ସାମିଲ ହେବାରୁ ହୁଟି ପଲିଟିକାଲ ବ୍ୟୁରୋ ମୁସଲମାନ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛି।

ଇରାନ ଅଣୁଅସ୍ତ୍ର ବିକାଶ ବନ୍ଦ କରିବାକୁ ହେବ ବୋଲି ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା କହିବା ସହ ଯଥାଶୀଘ୍ର ସମ୍ଭବ ସ୍ଥିତିକୁ ଶାନ୍ତ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଛନ୍ତି। ୨ ଦିନ ପୂର୍ବରୁ ତେହରାନରେ ନିଜର ଦୂତାବାସ ବନ୍ଦ କରିବା ସହ କର୍ମଚାରୀମାନଙ୍କୁ ଫେରାଇ ନେଇଥିବା ଅଷ୍ଟ୍ରେଲିଆ କୂଟନୀତି ଜରିଆରେ ଯୁଦ୍ଧ ଅବସାନ ପାଇଁ ପ୍ରସ୍ତାବ ଦେଇଛି। ଇରାନର ଆଣବିକ ଓ ବାଲିଷ୍ଟିକ୍ ମିଶାଇଲ କାର୍ଯ୍ୟକ୍ରମ ଅନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷା ପାଇଁ ବିପଦ ବୋଲି ଅଷ୍ଟ୍ରେଲିଆ କହିଛି। ସେହିପରି ୩ ଆଣବିକ କେନ୍ଦ୍ର ଉପରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଫ୍ରାନ୍ସ ଚିନ୍ତବ୍ୟକ୍ତ କରିଛି। ଆମେରିକାର ଆକ୍ରମଣରେ ଫ୍ରାନ୍ସ ସାମିଲ ନ ଥିଲା ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ଜିନ୍-ନୋଏଲ ବାରୋଟ୍ କହିଛନ୍ତି।

## ପହଲଗାମ୍ ଆକ୍ରମଣକାରୀଙ୍କୁ ସହାୟତା କରିଥିବା ୨ ଗିରଫ

ନୂଆଦିଲ୍ଲୀ, ୨୨।୬

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ଠିକ୍ ୨ ମାସ ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୨ ଜଣଙ୍କୁ ଗିରଫ କରିଛି। ସେମାନେ ଆକ୍ରମଣକାରୀଙ୍କୁ ଆଶ୍ରୟ ଦେବା ସହ ଲଜିଷ୍ଟିକ୍ ସହାୟତା ଯୋଗାଇ ଦେଇଥିଲେ। ଗିରଫ ୨ ଅଭିଯୁକ୍ତ ହେଲେ ପହଲଗାମ୍ ହିଲ୍ ପାର୍କ ଅଞ୍ଚଳର ପରଭେଜ୍ ଅହମଦ ଜୋଠାର ଏବଂ ବଶିର ଅହମଦ ଜୋଠାର। ଏପ୍ରିଲ ୨୨ ତାରିଖରେ ହୋଇଥିବା ଏହି ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୬ ଜଣ ଗୁରୁତର ଆହତ ହୋଇଥିଲେ। ଗିରଫ ଅଭିଯୁକ୍ତମାନେ ଏହି ଆକ୍ରମଣରେ ସମ୍ପୃକ୍ତ ୩ ଲଶ୍କର-ଇ-ତୋଇବା ଆତଙ୍କବାଦୀଙ୍କ ନାଁ ପ୍ରକାଶ କରିବା ସହ ସେମାନେ ପାକିସ୍ତାନୀ ଥିଲେ ବୋଲି କହିଛନ୍ତି।

### ୩ ଲଶ୍କର ଆତଙ୍କବାଦୀ ଚିହ୍ନଟ


ଏନ୍‌ଆଇଏ ତଦନ୍ତ ଅନୁଯାୟୀ, ପରଭେଜ୍ ଏବଂ ବଶିର ସେମାନଙ୍କ ଜାଣତରେ ୩ ସଶସ୍ତ୍ର ଆତଙ୍କବାଦୀଙ୍କୁ ହିଲ୍ ପାର୍କର ଏକ ଘରେ ଆଶ୍ରୟ ଦେଇଥିଲେ। ଏଥିସହିତ ସେମାନେ ଆତଙ୍କବାଦୀଙ୍କୁ ଖାଦ୍ୟ ଓ ଲଜିଷ୍ଟିକ୍ ସହାୟତା ଯୋଗାଇ ଦେଇଥିଲେ।

## ପାକିସ୍ତାନରୁ ଡ୍ରୋନ୍ ଯୋଗେ ପଞ୍ଜାବ ଅପରାଧୀଙ୍କ ପାଖକୁ ଆସୁଛି ତୁର୍କୀ ପିସ୍ତଲ

ଚଣ୍ଡିଗଡ଼, ୨୨।୬

ପାକିସ୍ତାନରୁ ଡ୍ରୋନ୍ ଯୋଗେ ତୁର୍କୀ ନିର୍ମିତ ପିଏକ୍ସ୫ ପିସ୍ତଲ ପଞ୍ଜାବ ଆସୁଥିବା ଜଣାପଡ଼ିଛି। ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘର୍ଷ ଚାଲିଥିଲାବେଳେ ଇସ୍‌ଲାମାବାଦ ଛାଡ଼ିଥିବା ତୁର୍କୀ ଡ୍ରୋନ୍‌ଗୁଡ଼ିକୁ ଭାରତୀୟ ସେନା ଖସାଇଥିଲା। ଚଳିତ ମାସରେ ପାକିସ୍ତାନ ୪ ଥର ଡ୍ରୋନ୍ ଯୋଗେ ପିଏକ୍ସ୫ ପିସ୍ତଲ ଡ୍ରପ୍ କରାଇଥିବାବେଳେ ପଞ୍ଜାବ ପୋଲିସ ସେଗୁଡ଼ିକୁ ଜବତ କରିଛି। ତୁର୍କୀର ଟିସାସ୍ ଏହି ପିସ୍ତଲଗୁଡ଼ିକର ନିର୍ମାତା। ଗତ ଶନିବାର ଅମୃତସରରୁ ୩ଟି ପିଏକ୍ସ୫ ପିସ୍ତଲ ଜବତ ହୋଇଛି। ଅମୃତସର ପୋଲିସ ସ୍ଥାନୀୟ ଅପରେଟରଙ୍କୁ ଗିରଫ କରିବା ସହ ପାକ୍ ସମର୍ଥିତ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ (ବିକେଆଇ) ଟେରର ମଡ୍ୟୁଲ୍‌କୁ ଧ୍ୱଂସ କରିଥିଲା।

DADLS-35
ଓଡ଼ିଶା ସରକାର



ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ
ରାଜ୍ୟସ୍ତରୀୟ ବଳିଦାନ ଦିବସ
୨୩ ଜୁନ, ୨୦୨୫
ସକାଳ ୯.୩୦ ମିନିଟ: ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ସତ୍‌ସଙ୍ଗ ବିହାର, ଭୁବନେଶ୍ୱରସ୍ଥିତ ଡଃ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସନ୍ଧ୍ୟା ୭ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର
ମୁଖ୍ୟ ଅତିଥି :
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସଦୟ ଉପସ୍ଥିତି :
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ
ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା
ଶ୍ରୀଯୁକ୍ତ ବାବୁ ସିଂ, ମାନ୍ୟବର ବିଧାୟକ, ଏକାମ୍ର-ଭୁବନେଶ୍ୱର
ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂହ, ପ୍ରମୁଖ ଶାସନ ସଚିବ,
ସୂଚନା ଓ ଲୋକସମ୍ପର୍କ ବିଭାଗ
ମୁଖ୍ୟବକ୍ତା:
ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରାକ୍ତନ ନିର୍ଦ୍ଦେଶକ,
ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ କେନ୍ଦ୍ର, ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର
ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ
ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ
ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0717/2526

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ସୋମବାର, ଜୁନ୍ ୨୩/୨୦୨୫ | Bhubaneswar, Monday, June 23/2025 | ପୃଷ୍ଠା-୧



**ବୁମ୍‌ରାଙ୍କୁ ୫ ଉଇକେଟ ସଫଳତା**
ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି ଭାରତୀୟ ବୋଲର ଯଶପ୍ରୀତ୍ ବୁମ୍‌ରା।
୧୨

୦୮
**ମେଟ୍ରୋ ଟ୍ରେନ୍‌ରେ ବୁଲିଲେ ବରୁଣ, ଆହାନ**
ପୁଣେ ସହରର ମେଟ୍ରୋ ଟ୍ରେନ୍‌ରେ ଅଭିନେତା ବରୁଣ ଧାୱନ ଓ ଆହାନ ଶେଟ୍ଟୀ ଯାଉଥିବା ବେଳର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।






ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ରବିବାର ଆରମ୍ଭ ହୋଇଥିବା ୧୮ତମ ସିନିୟର ନ୍ୟାଶନାଲ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ପ୍ରତିଯୋଗୀମାନେ ସୁଇମିଂପୁଲ୍‌କୁ ଲମ୍ଫ ପ୍ରଦାନ କରୁଛନ୍ତି। **(ଫଟୋ– ବିକାଶ ନାୟକ)**

# ୨ ଦଳିତଙ୍କୁ ଲଣ୍ଡାକରି ଆଣ୍ଠୁରେ ଚଲେଇଲେ

## ଗୋଟାଲାଣକୁ ନେଇ କଙ୍ଗାରୁ କୋର୍ଟ

ଧରାକୋଟ,୨୨।୬
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗାଁରେ କେତେଜଣ ଲୋକ ଗୋଟାଲାଣ ଅଭିଯୋଗ ଆଣି ୨ଜଣ ଦଳିତଙ୍କୁ ରବିବାର ଅକଥନୀୟ ନିର୍ଯାତନା ଦେଇଛନ୍ତି। କଙ୍ଗାରୁ କୋର୍ଟ କରି ସେମାନଙ୍କୁ ଟଙ୍କା ମଗାଯାଇଥିଲା। ନ ଦେବାରୁ ୨ ଦଳିତଙ୍କୁ ଅଧା ଲଣ୍ଡା କରି ଗାଁ ଦାଣ୍ଡରେ ୨ କି.ମି. ଚଲାଇବା ସହ ନର୍ଦ୍ଦମା ପାଣି ପିଆଇଛନ୍ତି ଲୋକେ।

ଖବରରୁ ଜଣାପଡିଛି, ଝିଅକୁ ଯୌତୁକ ଦେବା ପାଇଁ ୨ ଦଳିତ ବ୍ୟକ୍ତି ରବିବାର ହରିପୁରରୁ ୩ଟି ଗାଈ ଧରି ସିଙ୍ଗିପୁର ଯାଉଥିଲେ। ଖାରିଗୁମ୍ମାରେ ତାଙ୍କୁ କେତେଜଣ ଲୋକ ଅଟକାଇ ଗୋ ଚାଲାଣ କରୁଥିବା ଅଭିଯୋଗ କରି ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେମାନେ ଉଭୟଙ୍କୁ ମାଡ଼ ମାରିଥିଲେ। ☞ପୃଷ୍ଠା–୨

# ଯୁକ୍ତ୩ ଦ୍ୱିତୀୟ ମେଧା ତାଲିକା ପ୍ରକାଶ

ଭୁବନେଶ୍ୱର,୨୨।୬(ସୁଚିସ୍ମିତା ସାହୁ)

ଚଳିତବର୍ଷ ଯୁକ୍ତ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ରବିବାର ଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଲାଗି ମେଧାତାଲିକା ସହ କଟ୍‌ଅପ୍ ମାର୍କ ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ପାଇଁ ୪୫ହଜାର ୫୦୨ଜଣ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି। ଏଥିମଧ୍ୟରୁ ୨୦ହଜାର ୩୧ଜଣ ଛାତ୍ର ରହିଥିବା ବେଳେ ୨୫ ହଜାର ୪୬୮ଜଣ ଛାତ୍ରୀ ଏବଂ ୩ଜଣ ଟ୍ରାନ୍ସଜେଣ୍ଡର ରହିଛନ୍ତି।

ତେବେ କଟ୍‌ଅପ୍ ମାର୍କରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କଳା, ବିଜ୍ଞାନ ଓ ବାଣିଜ୍ୟରେ ସବୁଠାରୁ ଆଗରେ ରହିଛି। କଳା ବିଭାଗର ରାଜନୀତି ବିଜ୍ଞାନରେ ସର୍ବାଧିକ ୯୧% କଟ୍‌ଅଫ୍ ମାର୍କ ରହିଛି। ବିଜ୍ଞାନ ବିଭାଗର ଫିଜିକ୍ସରେ ୯୨.୮୦% କଟ୍‌ଅଫ ମାର୍କ ରହିଥିବାବେଳେ ଜୈବିକ ବିଜ୍ଞାନରେ ୯୨.୨୦% ଓ ବାଣିଜ୍ୟ ବିଭାଗରେ ୮୯.୮୩% କଟ୍‌ଅଫ ମାର୍କ ରହିଛି। ଅନ୍ୟପଟେ ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ବେଦ କର୍ମକାଣ୍ଡ(ଡିଗ୍ରୀ) କଲେଜର ଶାସ୍ତ୍ରୀ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ** ପଶିଲା ଆମେରିକା

# ୭,୭୯୭ ପରିବର୍ତ୍ତେ ଏବେ ୨୨ କିସମ

## ରାଜସ୍ୱ ବିଭାଗର ସଂକଳ୍ପ

### ୭୫୦ ପ୍ରକାର ସ୍ୱତ୍ୱ ୪କୁ ହ୍ରାସ

ଭୁବନେଶ୍ୱର,୨୨।୬
(ରବିନାରାୟଣ ଜେନା)

ଲୋକଙ୍କୁ କିଭଳି ରାଜସ୍ୱ ସେବା ହାତ ପାହାନ୍ତାରେ ମିଳିପାରିବ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି। ନିକଟରେ ଜମି ପ୍ଲଟିଂ କିଣାବିକାଠାରୁ ଆରମ୍ଭ କରି ଜମି କିସମ ପରିବର୍ତ୍ତନ ବା କନ୍‌ଭରଶନ ଓ ବିବିଧ ପ୍ରମାଣପତ୍ର ପର୍ଯ୍ୟନ୍ତ ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଥିବାବେଳେ ଶନିବାର ବିବିଧ କିସମ ଉପରେ ରାଜସ୍ୱ ବିଭାଗ ଏକ ସଂକଳ୍ପ ଜାରି କରିଛି। ରାଜ୍ୟରେ ବ୍ରିଟିଶ ଅମଳରୁ ପ୍ରଚଳିତ ହେଉଥିବା ଜମିଜମାର କିସମ ପ୍ରକ୍ରିୟାକୁ ଉଚ୍ଛେଦ କରିବା ସହିତ ଏହାକୁ ସରଳୀକରଣ ଦିଗରେ ବିଭାଗ ପଦକ୍ଷେପ ନେଇଛି। ପୂର୍ବରୁ ପ୍ରଚଳିତ ୭,୭୯୭ କିସମକୁ ହଟାଇ ୨୨ ପ୍ରକାର କିସମରେ ସୀମିତ କରାଯାଇଛି। ଏଥିସହିତ ବିଭିନ୍ନ ସତ୍ୱକୁ ୪ ଟି ମଧ୍ୟରେ ରଖାଯାଇ ଏକ ସଂକଳ୍ପ ଜାରି କରାଯାଇଛି।

ଏନେଇ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଜାରି କରିଥିବା ସଂକଳ୍ପ ଅନୁଯାୟୀ, ଜମିର ବିଭକ୍ତୀକରଣ ବିଭିନ୍ନ ପ୍ରକାରରେ ହୋଇଥାଏ। ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ନିୟମ-୧୯୬୨ ଅନୁଯାୟୀ, କେଉଁ ଜମିରେ କିପ୍ରକାର ଫସଲ ହେଉଛି ବା ମୃତ୍ତିକା ଓ ସ୍ଥିତାବସ୍ଥା ନେଇ ଜମିର କିସମ ନିରୂପଣ କରାଯାଇଥାଏ। ସମ୍ପ୍ରତି ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏହି କିସମ ଜମିଜମା ସେବା ଲୋକଙ୍କୁ ପ୍ରଦାନରେ ଅନ୍ତରାୟ ସୃଷ୍ଟି କରୁଛି। ଜମିର ସ୍ୱତ୍ୱ ଅନେକ ସମୟରେ ଅଧିକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏବେ ରାଜ୍ୟରେ ୭,୭୯୭ କିସମର ଜମି ରହିଛି। ଏହାସହିତ ୭୫୦ ପ୍ରକାର ସ୍ୱତ୍ୱ ରେକର୍ଡ ଅଫ୍ ରାଇଟ୍ସରେ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜମିଜମାର ଡିଜିଟାଇଜେଶନ କରିବା ବେଳକୁ ଭୂଲେଖ ଓ ଭୂନକ୍ସା ପୋର୍ଟାଲରେ ଅନେକ ସମସ୍ୟା ଦେଖାଦେଉଛି। ପରିସ୍ଥିତିର ଜରୁରୀକୁ ଅନୁଭବ କରି ଜମିର ବିଭକ୍ତୀକରଣକୁ ୨୨ମଧ୍ୟରେ ସୀମିତ ରଖିବାକୁ ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଛି।

ସଂକଳ୍ପରେ କୁହାଯାଇଛି ଯେ, ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ବିବିଧ କିସମର ଅସୁବିଧା ସହିତ ଜମିର କର ବା ଖଜଣା ଧାର୍ଯ୍ୟ କରିବା, ମୂଲ୍ୟାୟନ କରିବା ଓ ବନ୍ଦୋବସ୍ତର ସରଳ ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହାବାଦ୍ ସରକାରଙ୍କ 'ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ' ନୀତିକୁ ତ୍ୱରାନ୍ୱିତ କରିବା ସହିତ ସାଧାରଣ ଲୋକଙ୍କୁ ସହଜରେ ଜମି ହସ୍ତାନ୍ତର, କୃଷକଙ୍କୁ ଫସଲତ୍‌ଜନିତ କ୍ଷତି ତୁରନ୍ତ ପ୍ରଦାନ କରିବାକୁ ଦୃଷ୍ଟିରେ ରଖି ସରକାର ଏବେ ୨୨ ପ୍ରକାର ଜମି କିସମରେ ସୀମିତ ରଖିବାକୁ ଚାହୁଁଛନ୍ତି। ରାଜ୍ୟ ସରକାର ଏହା ଉପରେ ଯତ୍ନର ସହିତ ବିଚାର କରିବା ପରେ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଜମି କିସମ କରିବା ଉପରେ ନିଷ୍ପତ୍ତି ନେଇଛନ୍ତି। ଏହି ୨୨ ପ୍ରକାର ଜମି କିସମ ମଧ୍ୟରେ ଜଳସେଚିତ ଦୋଫସଲି, ଜଳସେଚିତ ଏକଫସଲି, ଅଣଜଳସେଚିତ, ବଗାୟତ, ଜଳାଶୟ, ଘରବାରି, ବ୍ୟବସାୟିକ, ଖଣି ଖାଦାନ, ଆନୁଷ୍ଠାନିକ, ଜଙ୍ଗଲ, ଉନ୍ନୟନ ଯୋଗ୍ୟ, ନାଳ, ନୟନଯୋରି, ଗୋଚର, ନଦୀ, ରାସ୍ତା, ରେଳ ଲାଇନ୍, ଶ୍ମଶାନ, କବରସ୍ଥାନ, ସମୁଦ୍ର, ପତିତ, ପାହାଡ଼ କିସମ ରହିଛି।

ସେହିପରି ସଂକଳ୍ପରେ ରାଜ୍ୟରେ ଥିବା ୭୫୦ ପ୍ରକାର ଜମିର ସ୍ୱତ୍ୱକୁ ଉଚ୍ଛେଦ କରି ମାତ୍ର ୪ପ୍ରକାର ସ୍ୱତ୍ୱରେ ସୀମିତ ରଖାଯାଇଛି। ସେଥିମଧ୍ୟରେ ରୟତି/ସ୍ଥିତିବାନ, ପଟ୍ଟାଦାର, ଧର୍ମାନୁଷ୍ଠାନ ଓ ଅମୃତମଣୋହି ରହିଛି। ଏହାବାଦ୍ ଜମିଜ୍‌ଜମା ସମସ୍ୟାର ସମାଧାନ ପାଇଁ ରାଜସ୍ୱ ପର୍ଷଦ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ସେଥିମଧ୍ୟରେ ସଚିବ ଅଧ୍ୟକ୍ଷ ରହିଥିବାବେଳେ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ(ସିଏଚ୍‌ଆଣ୍ଡଏସ୍) ଆବାହକ ରହିଛନ୍ତି। ଏହାବାଦ୍ ଚକବନ୍ଦୀ ଓ ବନ୍ଦୋବସ୍ତ ନିର୍ଦ୍ଦେଶକ, ରାଜସ୍ୱ ବିଭାଗ ଅତିରିକ୍ତ ସଚିବ(ଆର୍‌ଆଣ୍ଡଆର୍), ଅତିରିକ୍ତ ସଚିବ ଏଲ୍‌ଆର୍‌ଜିଇ, ଅତିରିକ୍ତ ସଚିବ ପଞ୍ଜୀକରଣ, ଏନ୍‌ଆଇସି ପ୍ରତିନିଧି ସଭ୍ୟ ରହିଛନ୍ତି ବୋଲି ସଂକଳ୍ପରେ ଉଲ୍ଲେଖ ରହିଛି।

# ଇରାନରେ ଆମେରିକାର ଅପରେଶନ 'ହାମର'

## ୩ ଆଣବିକ କେନ୍ଦ୍ରରେ ଏୟାରଷ୍ଟ୍ରାଇକ୍



ଡୋନାଲ୍ଡ ଟ୍ରମ୍ପ




ଆମେରିକା ଆକ୍ରମଣ କରିଥିବା ଇରାନର ୩ ପରମାଣୁ କେନ୍ଦ୍ର

ଇସ୍ରାଏଲ-ଇରାନ୍ ଯୁଦ୍ଧ ଦଶମ ଦିନରେ ପହଞ୍ଚିଥିବାବେଳେ ଆମେରିକା ଏଥିରେ ନିଜକୁ ସାମିଲ କରିଛି। ଆମେରିକୀୟ ସେନା ରବିବାର ଭୋର ସମୟରେ ମଧ୍ୟପ୍ରାଚ୍ୟର ଦୁଇ ମହାଶକ୍ତିଙ୍କ ସାମରିକ ସଂଘର୍ଷ ମଝିକୁ ଲମ୍ଫ ମାରି ଇରାନ୍‌ର ୩ ପ୍ରମୁଖ ଆଣବିକ ସ୍ଥଳରେ ମିଶାଇଲ ମାଡ଼ କରିଛି। ଅପରେଶନ 'ହାମର' ନାମରେ ଆମେରିକାର ଏହି ଏୟାରଷ୍ଟ୍ରାଇକ୍‌ରେ ଫାର୍ଡୋ, ନତାଞ୍ଜ ଓ ଇଶଫାହାନ୍ ଆଣବିକ କେନ୍ଦ୍ରର ପ୍ରଭୂତ କ୍ଷତି ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ଏହାକୁ ଏକ ବଡ଼ ସଫଳତା ବୋଲି ଅଭିହିତ କରିବା ସହ ଇରାନ୍ ପ୍ରତିଶୋଧ ନେଲେ ଅଧିକ ପ୍ରଭାବଶାଳୀ ଢଙ୍ଗରେ ଆକ୍ରମଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ମଧ୍ୟପ୍ରାଚ୍ୟକୁ ସୁରକ୍ଷିତ କରିଥିବାରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକା ଓ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆମେରିକାର ଇରାନ୍ ଆକ୍ରମଣ ପୂର୍ବରୁ ଇସ୍ରାଏଲ୍‌କୁ ଏନେଇ ଅବଗତ କରାଯାଇଥିଲା ବୋଲି ନେତାନ୍ୟାହୁ ସୂଚନା ଦେଇଛନ୍ତି। ଇତିମଧ୍ୟରେ ଆମେରିକା ଏୟାରଷ୍ଟ୍ରାଇକ୍‌ର ଜବାବ ଦେବାକୁ ଯାଇ ଇରାନ୍ ଇସ୍ରାଏଲ୍ ଉପରେ ତୁହାକୁ ତୁହା ମିଶାଇଲ୍ ଆକ୍ରମଣ ଜାରି ରଖିଛି। ଇରାନୀୟ ଆଣବିକ କେନ୍ଦ୍ରରେ ଆମେରିକୀୟ ବମ୍ବର ଆକ୍ରମଣକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ବିପଜ୍ଜନକ ଓ ଉତ୍ତେଜନା ସୃଷ୍ଟିକାରୀ ବୋଲି ଅଭିହିତ କରିବା ସହ ସଂଯମ ରହିବାକୁ ପକ୍ଷମାନଙ୍କୁ ପରାମର୍ଶ ଦେଇଛନ୍ତି। ରୁଷିଆ, ଚାଇନା ଓ ଇରାନର ଅନ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଆମେରିକାର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି।

ୱାଶିଂଟନ୍/ ତେହରାନ୍/ ତେଲ୍‌ଆଭିଭ୍,୨୨।୬
(ରଏଟର୍ସ/ ଏପି/ ଟାଇମ୍ସ ଅଫ୍ ଇସ୍ରାଏଲ୍)

ମଧ୍ୟପ୍ରାଚ୍ୟର ଯୁଦ୍ଧ ପରିସୀମା ବୃଦ୍ଧି ପାଇଛି। ହମାସ୍ ସହ ଇସ୍ରାଏଲର ଯୁଦ୍ଧ ୬୨୫ ଦିନରେ ପହଞ୍ଚିଥିବାବେଳେ ଗାଜାର ଏହି ସଶସ୍ତ୍ର ଆତଙ୍କବାଦୀ ଶାସକ ସହ ୟେମେନ୍‌ର ହୁଟି ଓ ଲେବାନନ୍‌ର ହେଜ୍‌ବୋଲ୍ଲାକୁ ସହଯୋଗ କରିଆସୁଥିବା ଇରାନ୍ ସହିତ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଗତ ୧୩ ତାରିଖରୁ ମୁହାଁମୁହିଁ ଅବସ୍ଥାରେ ରହିଛି। ଇରାନ୍ ପରମାଣୁ ☞ପୃଷ୍ଠା–୨

# ଭୂ-ରାଜନୈତିକ ଉତ୍ତେଜନାରୁ କର୍ମକ୍ଷେତ୍ର ପ୍ରଭାବିତ



## ୬୩% ଭାରତୀୟ କମ୍ପାନୀ ସ୍ଥଗିତ ରଖିଛନ୍ତି ନିଯୁକ୍ତି

ନୂଆଦିଲ୍ଲୀ, ୨୨।୬

ସମ୍ପ୍ରତି ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ସମେତ ବିଭିନ୍ନ ଭୂ-ରାଜନୈତିକ ଉତ୍ତେଜନା ଭାରତୀୟ କର୍ମକ୍ଷେତ୍ରଗୁଡ଼ିକୁ ପ୍ରଭାବିତ କରୁଛି। ଏହାର ପ୍ରଭାବରେ ୬୩% ଭାରତୀୟ କମ୍ପାନୀ ନିଜର ନିଯୁକ୍ତିକୁ ସ୍ଥଗିତ ରଖିଛନ୍ତି କିମ୍ବା ନିଯୁକ୍ତିକୁ କମାଉଥିବା ନେଇ ରବିବାର ଷ୍ଟାଫିଙ୍ଗ୍ ସଲ୍ୟୁଶନ୍ସ ଏବଂ ଏଚ୍‌ଆର୍ ସର୍ଭିସ୍ ପ୍ରୋଭାଇଡର 'ଜିନିୟସ୍ କନ୍‌ସଲ୍‌ଟାଣ୍ଟସ୍' ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ଏହି ସର୍ଭେରେ ୬୩% ଉତ୍ତରଦାତା ସେମାନଙ୍କ କମ୍ପାନୀ ପକ୍ଷରୁ ସମ୍ପ୍ରତି ନିଯୁକ୍ତି ସ୍ଥଗିତ ରହିଛି କିମ୍ବା କମ୍ପାନୀ ଦ୍ୱାରା ବିଭିନ୍ନ ଟିମ୍‌ର ସଦସ୍ୟ ସଂଖ୍ୟାକୁ ହ୍ରାସ କରାଯାଉଛି ବୋଲି କହିଛନ୍ତି। ସେହିପରି ସାମ୍ପ୍ରତିକ ସ୍ଥିତିରେ ସେମାନଙ୍କ କମ୍ପାନୀ ପକ୍ଷରୁ ନିଯୁକ୍ତି ପାଇଁ ଚୁକ୍ତିଭିତ୍ତିକ କିମ୍ବା ଫ୍ରିଲାନ୍ସ ଆଦି ବିଭିନ୍ନ ପଦ୍ଧତିକୁ ଆପଣାଯାଉଛି ବୋଲି ୧୫% ଉତ୍ତରଦାତା କହିଛନ୍ତି। ୩୬% କର୍ମଚାରୀ କହିଛନ୍ତି, ଭୂ-ରାଜନୈତିକ ଅସ୍ଥିରତା ବଢୁଥିବାରୁ ସେମାନଙ୍କର ଦରମା ବୃଦ୍ଧି, ବୋନସ୍ କିମ୍ବା ଆପ୍ରାଇଜାଲ ପ୍ରଭାବିତ ହୋଇଛି। ୨୧% ଉତ୍ତରଦାତା କହିଛନ୍ତି, ସେମାନଙ୍କ ଉପରେ କାର୍ଯ୍ୟଚାପ ବଢ଼ିଛି ଏବଂ ସେମାନଙ୍କର ଅନେକ ପ୍ରୋଜେକ୍ଟର ସମୟସୀମା ମଧ୍ୟ ବୃଦ୍ଧି ପାଉଛି। ୨୨% ଉତ୍ତରଦାତା କହିଛନ୍ତି, ସେମାନଙ୍କ ଅନ୍ତର୍ଜାତୀୟ ବ୍ୟବସାୟିକ ସମ୍ପର୍କ ଏବଂ ଯାତ୍ରା ମଧ୍ୟ ବାଧାପ୍ରାପ୍ତ ହୋଇଛି। ସେହିପରି ୨୧% କର୍ମଚାରୀ କହିଛନ୍ତି, ଭୂ-ରାଜନୈତିକ ଉତ୍ତେଜନା ପ୍ରଭାବରେ ସେମାନଙ୍କ ଟିମ୍‌ର ମନୋବଳ ଏବଂ ନିଯୁକ୍ତି ଆତ୍ମବିଶ୍ୱାସ ହ୍ରାସ ☞ପୃଷ୍ଠା–୨

# ଅଘଟଣଶୂନ୍ୟ ରଥଯାତ୍ରାକୁ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

## ଚୂଡ଼ାନ୍ତ ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକ

- ଶୃଙ୍ଖଳିତ ନୀତିକାନ୍ତି, ଭକ୍ତଙ୍କ ସୁରକ୍ଷା ଉପରେ ଗୁରୁତ୍ୱ
- ଏଆଇ କ୍ୟାମେରା, ଡ୍ରୋନ୍ ନଜରରେ ରହିବ ପୁରୀ



ପୁରୀ,୨୨।୬(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଅଘଟଣଶୂନ୍ୟ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଧାର୍ଯ୍ୟ ସମୟରେ ନୀତିକାନ୍ତି ସମ୍ପନ୍ନ କରିବା, ଶୃଙ୍ଖଳିତ ଦର୍ଶନ ସମେତ ଭକ୍ତଙ୍କ ସୁରକ୍ଷାକୁ ସେ ଗୁରୁତ୍ୱ ଦେଇଛନ୍ତି। ରବିବାର ପୁରୀ ପୌର ସଦନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତୃତୀୟ ତଥା ଚୂଡ଼ାନ୍ତ ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ରଥଯାତ୍ରା ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିବା ସହ ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସୂଚନା ଦେଇଛନ୍ତି। ପୋଲିସ, ଟ୍ରାଫିକ, ଅଗ୍ନିଶମ ଓ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟ ଠିକ ଭାବେ ପରିଚାଳନା କରି ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ରଥଯାତ୍ରାରେ ଭାଗ ନେଇପାରିବେ, ସେଥିପ୍ରତି ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଜିଲାରେ ଡାଇରିଆ ସ୍ଥିତି ଥିବାରୁ ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ସମସ୍ତ ସମ୍ପୃକ୍ତ ବିଭାଗ ରଥଯାତ୍ରା ପୂର୍ବରୁ ସୁନାବେଶ ପର୍ଯ୍ୟନ୍ତ ଏହା ଉପରେ ସମ୍ପୂର୍ଣ୍ଣ ନଜର ରଖିବା ଆବଶ୍ୟକ। କୌଣସି ସ୍ଥାନରେ ଯେପରି ଅସ୍ୱାସ୍ଥ୍ୟକର ଖାଦ୍ୟ କିମ୍ବା ପାଣି ବିକ୍ରି ନ ହୁଏ, ତାହା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ସୁରୁଖୁରୁରେ ଏବଂ ଠିକ୍ ସମୟରେ ହେବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କ ସହଯୋଗ କାମନା କରିଥିଲେ।

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆମ ସଂସ୍କୃତିର ସବୁଠୁ ଗୌରବମୟ ପରିଚୟ। ଏହାର ସୁପରିଚାଳନା ଏକ ପବିତ୍ର କର୍ତ୍ତବ୍ୟ। ତେଣୁ ସମସ୍ତେ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି ରଥଯାତ୍ରାକୁ ସଫଳ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ଅତିଥିମାନେ ସୂଚନା ପୁସ୍ତିକା ରୂପରେଖ ଉନ୍ମୋଚନ କରିଥିଲେ। ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଥିଲେ, ଶ୍ରୀମନ୍ଦିର ଭିତରେ, ବାହାରେ ଓ ରଥ ଚାରିପଟେ ପୋଲିସ ମୁତୟନ ସହ ଭିଡ଼, ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ଫୋର୍ସ ମୁତୟନ କରାଯିବ। ସେହିପରି ପାଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍ ମୁତୟନ କରାଯାଇଛି। ପୁରୀ – ଭୁବନେଶ୍ୱର, ପୁରୀ – କୋଣାର୍କ ରାସ୍ତା ସହିତ ପୁରୀର ବିଭିନ୍ନ ଅଞ୍ଚଳକୁ ମିଶାଇ ୨୭୫ଟି ☞ପୃଷ୍ଠା–୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମାଟିକ୍ସ ଆଣ୍ଡ ଆପ୍ଲିକେଶନରେ ପାଠାଗାର ଉଦ୍ଘାଟନ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ପରିସର, ଅନ୍ଧାରୁଆ, ସମୟ: ପୂର୍ବାହ୍ନ ୧୧ଟା।
- ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସରେ ମାଲ୍ୟାର୍ପଣ, ସ୍ଥାନ: ଡ. ଶ୍ୟାମାପ୍ରସାଦ ପାର୍କ, ସତ୍‌ସଙ୍ଗ ବିହାର, ସମୟ: ସକାଳ ୯ଟା ୩୦। ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ଏନ୍‌ଏସି ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପରିଚାଳନାରେ ଅଭିଯୋଗ ଶିବିର, ସ୍ଥାନ: ଏନ୍‌ଏସି ଟାଉନ ହଲ୍, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବ୍ଲକ୍ କାର୍ଯ୍ୟାଳୟ, ଔପଦା,ସମୟ:ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ପ୍ରେସ କ୍ଲବ ବୈଠକ, ସ୍ଥାନ:ପ୍ରେସ କ୍ଲବ ପରିସର, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା ୩୦।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ସକାଳ ୭ଟା।
- ଭାଜପା ପକ୍ଷରୁ ବଳିଦାନ ଦିବସ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବଳିଦାନ ଦିବସ, ସ୍ଥାନ: ହୋଟେଲ ପଦ୍ମା, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ସ୍ଥାନ: ପାଟଣା ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ,ସମୟ:ପୂର୍ବାହ୍ନ ୧୦ଟା୩୦।

## ଗଞ୍ଜାମ
- ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଯୁବଶକ୍ତି ସମାବେଶ, ସ୍ଥାନ: ଆସିକା ବିଜ୍ଞାନ ମହାବିଦ୍ୟାଳୟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ
- ପଞ୍ଚାୟତସ୍ତରୀୟ ଏକାଭିମୁଖୀ ମେଳା, ସ୍ଥାନ: ସ୍କୁଲ ପଡ଼ିଆ ଲାଇନପଡ଼ା ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଦଶମାଣପାଟଣା ଗ୍ରାମପଞ୍ଚାୟତ, କାର୍ଯ୍ୟାଳୟ, ଗଁଦିଆ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଯୁକ୍ତ୨ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଆଳି, ସମୟ: ସକାଳ ୧୦ଟା।

## ଯାଜପୁର
- ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୧୦ଟା।

## ରାୟଗଡ଼ା
- ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ବିଧାୟକଙ୍କ ସମୀକ୍ଷା, ଅଭିଯୋଗ ଶୁଣାଣି, ସ୍ଥାନ: ଖେମୁଣ୍ଡୁଗୁଡା ଓ ନନ୍ଦକା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ୍ କାର୍ଯ୍ୟାଳୟ ପରିସର ; ଦେବୀଘାଟ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ୍ ; ଖେମୁଣ୍ଡୁଗୁଡା ପଞ୍ଚାୟତ କାର୍ଯ୍ୟାଳୟ ; ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ; ପଞ୍ଚାୟତ କାର୍ଯ୍ୟାଳୟ, ପାକଖୋଲା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଉମୁଡି, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ବାବା ମଠେଶ୍ୱର ପୀଠ ଆୟୋଜନରେ ଯଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଖର୍ସନମାଲର ଖଇରମାଲ ଗ୍ରାମ, ସକାଳ ୮ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।

## ବଲାଙ୍ଗୀର
- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ବେଲପଡା ପଞ୍ଚାୟତ ସମିତି, ବେଲପଡା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ପ୍ରଜାପିତା ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟରେ ଆଧାତ୍ମିକ ସଭା, ସ୍ଥାନ: ଡାଇମଣ୍ଡ ଭବନ, ସମୟ: ସକାଳ ୭ଟା ୩୦।
- ସିଏଚ୍‌ଏସ୍‌ଇ ଓ ଏନ୍‌ଆଇଟି ଆନୁକୂଲ୍ୟରେ ରସାୟନ ଶିକ୍ଷକ ତାଲିମ କାର୍ଯ୍ୟକ୍ରମର ୨ୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୯, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ମନ୍ଦିରରେ ଭାଗବତ ପାରାୟଣର ୨ୟ ଦିବସ, ସ୍ଥାନ: ବାସନ୍ତୀ କଲୋନି, ରାଧାକୃଷ୍ଣ ମନ୍ଦିର, ସମୟ: ସନ୍ଧ୍ୟା ୫ଟା ୩୦।
- ଇନ୍ଦ୍ରଧନୁର ସପ୍ତରଙ୍ଗ ସଙ୍ଗୀତ ସନ୍ଧ୍ୟା, ସ୍ଥାନ:ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଜିଲାପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ,ସ୍ଥାନ: କୋଇଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କୋକସରା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ପ୍ରସ୍ତୁତି ପାଇଁ ବୃତାନ୍ତ ବୈଠକ, ସ୍ଥାନ: ନୂଆଗୁଡା, ଜୁନାଗଡ଼ ବ୍ଲକ, ସମୟ: ଅପରାହ୍ନ ୪ଟା।
- ନବନିର୍ମିତ ମାଉସୀ ମା' ମନ୍ଦିର ପ୍ରତିଷ୍ଠା ଉତ୍ସବର ପାର୍ଶ୍ୱଦେବତା, ଦ୍ୱାରଦେବତା, ମୁଖ୍ୟଦେବତା ସିଂହାସନେ ବିଜେ ସହିତ ପୂର୍ଣ୍ଣାହୁତି, ସ୍ଥାନ: ଲାଞ୍ଜିଗଡ଼ ମାଉସୀ ମା' ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ୩୦।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ତଳଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କେଲ୍‌ଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ, ଦେବଗଡ଼ ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାକୃତିକ କୃଷି ପ୍ରଣାଳୀରେ ଚାଷ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠ ସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ଅଣସର ଘରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ଉପଚାର ଓ ପୂଜାର୍ଚ୍ଚନା, ସ୍ଥାନ: ତରଭା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୧୦।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ସଂଗ୍ରାମପୁର ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା୩୦।

## ନୂଆପଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ, ସମୟ: ପୂର୍ବାହ୍ନ ୧୦ଟା
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବୋଡେନ ବ୍ଲକ କର୍ଲାକୋଟ ଗାଁ, ସମୟ: ଅପରାହ୍ନ ୩ଟା।

# ସଫଳତାର ସହ ସରିଲା ନବୀନଙ୍କ ଅସ୍ତ୍ରୋପଚାର

ଭୁବନେଶ୍ୱର,୨୨।୬ (ରବିନାରାୟଣ ଜେନା)

### ଆଶୁ ଆରୋଗ୍ୟ କାମନା କଲେ ଜନପ୍ରତିନିଧି

ମୁମ୍ବାଇର କୋକିଳାବେନ୍ ଧୀରଭାଇ ଅମ୍ବାନୀ ହସ୍‌ପିଟାଲରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କର ଅସ୍ତ୍ରୋପଚାର ହୋଇଛି। ହସ୍ପିଟାଲର ବିଶେଷଜ୍ଞ ଡାକ୍ତର ରମାକାନ୍ତ ପଣ୍ଡା ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଡାକ୍ତର ରମାକାନ୍ତଙ୍କ ସୂଚନା ଅନୁସାରେ, ବୟସ ବଢ଼ିଲେ ସର୍ଭିକାଲ ଆର୍ଥ୍ରାଇଟିସ ସୃଷ୍ଟି ହୁଏ। ରବିବାର ଦୁଇ ଘଣ୍ଟା ଧରି ନବୀନବାବୁଙ୍କ ଅପରେଶନ ଚାଲିଥିଲା। ଅସ୍ତ୍ରୋପଚାର ସଫଳ ହୋଇଛି। ସେ ଦୁଇଦିନ ଅବ୍‌ଜରଭେଶନରେ ରହିବେ ଏବଂ ୫ରୁ ୭ ଦିନ ମଧ୍ୟରେ ଷ୍ଟିଚ୍ ଖୋଲାଯିବ। ଆଇସିୟୁରୁ ରୁମ୍‌କୁ ଆସିବା ପରେ ନବୀନଙ୍କୁ ସାକ୍ଷାତ କରିହେବ । ଏହି ପରିପ୍ରେକ୍ଷୀରେ ରବିବାର ସକାଳ ୮ଟା ୩୦ରେ ଲିଙ୍ଗରାଜ ନାଗରିକ ସମାଜ ଓ ଜନପ୍ରତିନିଧିମାନଙ୍କ ପକ୍ଷରୁ ପ୍ରଭୁ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ପ୍ରାର୍ଥନା କରା ଯାଇଥିଲା। ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ସାମିଲ ଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନଈ ମଝିରେ ଘର କରି**
**କୁମ୍ଭୀର ସଙ୍ଗେ କଳି ।**

ବିପଦପୂର୍ଣ୍ଣ ସ୍ଥଳରେ ରହୁଥିବା ବ୍ୟକ୍ତି ସର୍ବଦା ସତର୍କ ରହିବା ଉଚିତ ହୋଇଥାଏ। ଏପରିସ୍ଥଳେ ବିପଦ ସହ ଟକ୍କର ବା ମୁକାବିଲା ନ କରି ସେଥିରେ ସାଲିସ କରିନେବା ହିଁ ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନାଣ୍ଡୀ ବରଗଛ ଛାଇ**
**ନାଣ୍ଡୀ କି ଘେନି ମୁଁ କି ଘର କରିବି**
**ନାଣ୍ଡୀ ତ ବିନ୍ଧଣା ଗାଈ।**

ଯାହାର ଗୁଣ ଗ୍ରାମ ଭଲ ହୋଇ ନ ଥାଏ, ତା' ସହ ସମ୍ପର୍କ ଯୋଡ଼ିବା କାଠିକର ପାଠ ହୋଇଥାଏ। ନଣ୍ଡା ବା ଥୁଣ୍ଟା ବରଗଛ ଠାରେ କାହାର ଯେମିତି କିଛି ପ୍ରୟୋଜନ ନ ଥାଏ, ସେମିତି ମତିଗତି ଭଲ ନ ଥିବା ବ୍ୟକ୍ତି ଠାରୁ ମନ ଦୂରେଇଯିବା ସ୍ୱାଭାବିକ ହୋଇଥାଏ। ଏପରିସ୍ଥଳେ ଟାଉଁସିଆ ବା ଟାଉଁଟାଉଁ କରି କଥା କହୁଥିବା ଯୁବତୀ ସହ କିପରି ଘର ସଂସାର କରାଯିବ, ସେ ନେଇ ମନରେ ବ୍ୟସ୍ତତା ଭାବ ପ୍ରକାଶ ପାଇବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ




ରବିବାର ଅପରାହ୍ନ ୬ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

### ୨ ଦଳିତଙ୍କୁ ଲଣ୍ଡାକରି ...

ପରେ ସେଲୁନକୁ ନେଇ ଅଧାଲଣ୍ଡା କରି ୨ ଦଳିତଙ୍କୁ ଖାରିଗୁମ୍ମାରୁ ଚଲାଇ ଦୁଇ କି.ମି. ଦୂର ଜାହାଡା ପର୍ଯ୍ୟନ୍ତ ଆଣିଥିଲେ। ପରେ ଉଭୟଙ୍କୁ ଜାହାଡା ଗାଁ ଦାଣ୍ଡରେ ଆଣ୍ଠୁରେ ଚଲାଇଥିଲେ। ସେମାନଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମା ପାଣି ପିଇବାକୁ ବାଧ୍ୟ କରିଥିଲେ। ତେବେ କୌଣସି ପ୍ରକାରେ ନିର୍ଯାତନାକାରୀଙ୍କ କବଳରୁ ସମ୍ପୃକ୍ତ ୨ ବ୍ୟକ୍ତି ଖସି ଆସି ଧରାକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉଭୟଙ୍କ ମୁଣ୍ଡ ଆଉ ପିଠିରେ ଗଭୀର ଆଘାତ ଲାଗିଛି। ଧରାକୋଟ ପୋଲିସ ଚିକିତ୍ସା ପାଇଁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କର ତଦନ୍ତ କରିଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାରେ ୭ ରୁ ୮ ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିବା ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି । ଯିଏ ବି ଆଇନକୁ ହାତକୁ ନେଇ ଏପରି କରିଛନ୍ତି ତାଙ୍କୁ କଠୋର ଦଣ୍ଡ ମିଳିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ଜଣକୁ ଧରି ଆଣି ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

### ଯୁକ୍ତ ୩ ଦ୍ୱିତୀୟ ...

ବିଭାଗରେ ୬୦% କଟ୍‌ଅଫ ମାର୍କ ରହିଛି। ସେଲ୍ଫ ଫାଇନାନ୍ସିଂ କୋର୍ସ ବିଭାଗରେ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂଶାସିତ) କଲେଜ କମ୍ପ୍ୟୁଟର ସାଇନ୍ସରେ ୮୭.୫୦% ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୟୁନିଭର୍ସିଟି ଲ' କଲେଜ ଇଣ୍ଟିଗ୍ରେଟେଡ୍ ବି.ଏ.ଏଲ୍‌ଏଲ୍.ବିରେ ସର୍ବାଧିକ କଟ୍‌ଅଫ୍ ମାର୍କ ୮୪.୪୦% ରହିଛି।

ଅନ୍ୟପକ୍ଷରେ ବିଜ୍ଞାନରେ ନାମଲେଖା ଲାଗି ମୋଟ ୧୭,୧୯୩ ଛାତ୍ରୀଛାତ୍ର ମନୋନୀତ ହୋଇଥିବା ବେଳେ କଳାରେ ୨୩ହଜାର ୯୯୬ଜଣ, ବାଣିଜ୍ୟରେ ୨ହଜାର ୭୫୭ଜଣ, ଶାସ୍ତ୍ରୀରେ ୨ଶହ ଜଣ, ସେଲ୍ଫ ଫାଇନାନ୍ସିଂରେ ୧ହଜାର ୩୦୯ଜଣ ଏବଂ ଲ'ରେ ୪୭ଜଣଙ୍କୁ ଚୟନ କରାଯାଇଛି। ଛାତ୍ରୀଛାତ୍ର ସାମ୍ସ ୱେବ୍‌ସାଇଟ୍ www.samsodisha.gov.inରେ ନାମଲେଖା ପାଇଁ ଚୟନ ହୋଇଥିବା କଲେଜର ନାମ ଦେଖିପାରିବେ। ସେମାନେ ଜୁନ ୨୩ରୁ ୨୫ ତାରିଖ ସକାଳ ୧୦ରୁ ଅପରାହ୍ନ ୫ ମଧ୍ୟରେ ଉକ୍ତ କଲେଜକୁ ଯାଇ ଆଡ୍‌ମିଶନ କରିପାରିବେ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ଥିବା ବିଭିନ୍ନ ଡିଗ୍ରୀ କଲେଜରେ ମୋଟ ୨ ଲକ୍ଷ ୭୪ ହଜାର ୫୦୯ ସିଟ୍ ରହିଛି। ଚଳିତବର୍ଷ +୩ ନାମଲେଖା ପାଇଁ ୨ ଲକ୍ଷ ୬୫ ହଜାର ୫୯୦ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ତନ୍ମଧ୍ୟରୁ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ ମାର୍କ ଅନୁସାରେ ୧ ଲକ୍ଷ ୭୫ ହଜାର ୭୨୨ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଥିଲେ। ଏଥିରେ ୭୦ ହଜାର ୭୪୫ ଛାତ୍ର ରହିଥିବା ବେଳେ ୧ଲକ୍ଷ ୪ ହଜାର ୯୬୭ ଜଣ ଛାତ୍ରୀ ଏବଂ ୧୦ ଜଣ ଟ୍ରାନ୍ସଜେଣ୍ଡର ଥିଲେ। ସେମାନଙ୍କ ଭିତରୁ୭୯ ହଜାର୭୫୨ ଜଣ ବିଭିନ୍ନ କଲେଜରେ ନାମ ଲେଖାଇଥିବାବେଳେ ୫୨ହଜାର ୧୨୬ଜଣ ସ୍ଲାଇଡ୍ ଅପ୍ସନ ଦେଇଛନ୍ତି। ତେବେ ୪୩,୮୪୪ଜଣ ନାମଲେଖାଇ ନାହାନ୍ତି କି ସ୍ଲାଇଡ୍ ଅପ୍ସନ ଦେଇନାହାନ୍ତି।

### ଇରାନରେ ଆମେରିକାର ...

ବୋମା ପ୍ରସ୍ତୁତ କରିବାର ନିକଟତର ହୋଇଛି ଏବଂ ଖୁବଶୀଘ୍ର ଆଣବିକ ଅସ୍ତ୍ର ବିକଶିତ କରିପାରେ ବୋଲି ଦର୍ଶାଇ ଇସ୍ରାଏଲ ତେହରାନ୍‌କୁ ଟାର୍ଗେଟ କରିଥିଲା। ଇରାନ୍ ମଧ୍ୟ ତେଲଆଭିଭ୍ ସମେତ ଅନେକ ଇସ୍ରାଏଲୀ ସହରକୁ ଆକ୍ରମଣ ଜାରି ରଖିଥିଲା। ଇରାନ୍‌ର ପ୍ରମୁଖ ଆଣବିକ କାର୍ଯ୍ୟକ୍ରମ ଚାଲିଥିବା ଫାର୍ଦୋ, ଇଶଫାହାନ୍ ଓ ନତାଞ୍ଜ ନ୍ୟୁକ୍ଲିୟର ଏନ୍‌ରିଚ୍‌ମେଣ୍ଟ ଫାସିଲିଟିକୁ ଧ୍ୱଂସ କରିବା ପାଇଁ ଇସ୍ରାଏଲ୍ ଜୋର୍‌ଦାର ଉଦ୍ୟମ କରିଥିଲେ ମଧ୍ୟ ଏଥିରେ ସଫଳ ହୋଇ ନ ଥିଲା। ତେବେ ବିପଦ ବଢୁଥିବା ଦେଖି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକାକୁ ଯୁଦ୍ଧକୁ ଟାଣିଥିଲେ। ଏପରି କି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଇରାନ୍ ସୁପ୍ରିମ୍ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଯୋଜନା କରିଥିବା ନେଇ ସେ ପ୍ରଘଟ କରିଥିଲେ। ସେପଟେ ଜୁନ୍ ୧୪ରେ ଅନୁଷ୍ଠିତ ଆମେରିକୀୟ ସେନାର ୨୫୦ତମ ବର୍ଷପୂର୍ତ୍ତି ପରେଡ୍‌କୁ ବାରଣ କରାଯାଇଥିବା ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିରଙ୍କୁ ଏହାର ୪ ଦିନ ପରେ ଟ୍ରମ୍ପ୍ ହ୍ୱାଇଟ୍ ହାଉସକୁ ଡାକି ଲଞ୍ଚରେ ଆପ୍ୟାୟିତ କରିବା ସହ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଉଭୟଙ୍କ ମଧ୍ୟରେ କ'ଣ ଆଲୋଚନା ହେଲା ତାହା ସମ୍ପୂର୍ଣ୍ଣ ଗୋପନ ରଖାଯାଇଥିବାବେଳେ ଶନିବାର ପାକିସ୍ତାନୀ ସେନା ଭାରତ-ପାକିସ୍ତାନ ମଧ୍ୟରେ ନିକଟରେ ହୋଇଥିବା ଯୁଦ୍ଧ ବନ୍ଦର ଶ୍ରେୟ ଟ୍ରମ୍ପଙ୍କୁ ଦେଇଥିଲା। ଏଥିସହ ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାମ ସୁପାରିସ କରିବ ବୋଲି ସୂଚନା ଦେଇଥିଲା। ଏହାର କିଛି ଘଣ୍ଟା ପରେ ଇରାନ୍ ଆକାଶରେ ଉଡ଼ିଥିଲା ଆମେରିକାର ଘାତକ ବି-୨ ବମ୍ବର। ମୋଟ ୬ଟି ଷ୍ଟିଲ୍‌ଥ ବମ୍ବରରୁ ରାତିଅଧରେ ୩୦,୦୦୦ ପାଉଣ୍ଡ (୧୩,୬୦୦ କେ.ଜି.) ବଙ୍କରଭେଦୀ ବୋମା ଇରାନ୍‌ର ୩ ଆଣବିକ କେନ୍ଦ୍ରକୁ ଟାର୍ଗେଟ କରିଥିଲା। ମାତ୍ର ୩ ମିନିଟ୍ ଭିତରେ ଫାର୍ଦୋ, ଇଶଫାହାନ୍ ଓ ନତାଞ୍ଜ ନ୍ୟୁକ୍ଲିୟର ଏନ୍‌ରିଚ୍‌ମେଣ୍ଟ ଫାସିଲିଟିକୁ ବଡ଼ଧରଣର କ୍ଷତି ପହଞ୍ଚାଇଥିବା ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ ସୂଚନା ଦେଇଥିଲେ। ଇରାନ୍ ମଧ୍ୟ ଏହାକୁ ସ୍ୱୀକାର କରିଛି। ତେବେ ଏଥିରେ ଅଧିକ କ୍ଷତି ହୋଇ ନାହିଁ ଏବଂ ମରାମତି ପରେ ଆଣବିକ କାର୍ଯ୍ୟକ୍ରମ ପୁଣି ଚାଲିପାରିବ ବୋଲି ଇରାନ୍‌ର ସରକାରୀ ଗଣମାଧ୍ୟମ ଆଇଆର୍‌ଏନ୍‌ଏ ନ୍ୟୁଜ୍ ଏଜେନ୍ସି ପ୍ରକାଶ କରିଛି। ଆମେରିକାର ଏୟାରଷ୍ଟ୍ରାଇକ୍ ପରେ ଇସ୍ରାଏଲ୍ ଉପରେ ଇରାନ୍ ବଡ଼ ଆକ୍ରମଣ କରିଛି। ଇସ୍ରାଏଲ୍‌ର ବିଭିନ୍ନ ସହରରେ ଖୋରାମ୍‌ଶହର-୪ ମିଶାଇଲ ମାଡ଼ କରାଯାଇଥିବା ଇରାନ୍‌ର ସରକାରୀ ଟିଭି ଚ୍ୟାନେଲରେ ପ୍ରସାରିତ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଆମେରିକାର ଉକ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଇରାନ୍ ଏହି ଧରଣର ମୋଟ ୪୦ଟି କ୍ଷେପଣାସ୍ତ୍ର ମାଡ଼ କରିଥିବା ଇରାନିଆନ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆରଜିସି) ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖୋରାମ୍‌ଶହର-୪ ମିଶାଇଲ୍‌ର ଲକ୍ଷ୍ୟଭେଦ କ୍ଷମତା ୨,୦୦୦ କି.ମି. ହୋଇଥିବାବେଳେ ଏହା ୧,୫୦୦ କେ.ଜି. ବିସ୍ଫୋରକ ନେଇ ଆକ୍ରମଣ କରିପାରେ। ୧୯୮୦ ଦଶକରେ ଖୋରାମ୍‌ଶହରରେ ଇରାକ୍-ଇରାନ୍ ମଧ୍ୟରେ ଭୀଷଣ ଯୁଦ୍ଧ ହୋଇଥିଲା। ସେହି ଯୁଦ୍ଧ ଅନୁସାରେ ମିଶାଇଲ୍‌ର ଏପରି ନାମକରଣ କରାଯାଇଛି।

ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘ୍‌ଚି କହିଛନ୍ତି, ତେହରାନ୍‌ର ପ୍ରତିଆକ୍ରମଣ ଅଧିକାର ରହିଛି। ଉପଯୁକ୍ତ ସମୟରେ ଆମେରିକାକୁ ଏହାର ମୁହଁତୋଡ଼ ଜବାବ ଦିଆଯିବ। ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ସେ ମସ୍କୋ ଗସ୍ତ କରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟିବେ। କାରଣ ଆମେରିକାର ଷ୍ଟ୍ରାଇକ୍ ପରେ କୂଟନୀତି ଏକ ବିକଳ୍ପ ହୋଇ ରହିନାହିଁ। ୱାଶିଂଟନ୍‌ର ଯୁଦ୍ଧଖୋର ତଥା ଆଇନବିହୀନ ପ୍ରଶାସନ ଭୟାବହ ପରିଣାମ ପାଇଁ ଦାୟୀ ରହିବ ବୋଲି ତୁର୍କୀ ଗସ୍ତରେ ଥିବା ଆରାଘ୍‌ଚି ଚେତାବନୀ ଦେଇଛନ୍ତି। ରେଡ୍‌କ୍ରସ୍ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱ ଅନ୍ତହୀନ ଯୁଦ୍ଧକୁ ସହ୍ୟ କରିପାରିବ ନାହିଁ। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ିଲେ ଏହା ସମଗ୍ର ବିଶ୍ୱକୁ ବ୍ୟାପିବ, ଯାହା ଅପୂରଣୀୟ କ୍ଷତି ଆଣିଦେବ ବୋଲି ରେଡ୍‌କ୍ରସ୍‌ର ଅନ୍ତର୍ଜାତୀୟ କମିଟି ମୁଖ୍ୟ ସତର୍କ କରାଇଛନ୍ତି।

### ଅଘଟଣଶୂନ୍ୟ ରଥଯାତ୍ରାକୁ...

ଏଆଇ କ୍ୟାମେରା ଲଗାଯାଇଛି। ସ୍ୱତନ୍ତ୍ର ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇ ଏଆଇ ଓ ଡ୍ରୋନ୍ କ୍ୟାମେରା ମାଧ୍ୟମରେ କଡ଼ା ନଜର ରଖାଯାଇଛି। ଭକ୍ତଙ୍କ ସୁବିଧା ପାଇଁ ପୋଲିସ ପକ୍ଷରୁ ଏକ ଚାର୍ଟ ବୋର୍ଡ ଆପ୍ ପ୍ରସ୍ତୁତ ହୋଇଛି। ସେଥିରେ ଟ୍ରାଫିକ ବ୍ୟବସ୍ଥା, ପାର୍କିଂ, ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପର୍କିତ ସୂଚନା ଉପଲବ୍ଧ ହେବ। ବଡ଼ଦାଣ୍ଡ, ପୁରୀ ବେଳାଭୂମି ଏବଂ ସହର ସମେତ ପ୍ରବେଶ ପଥଗୁଡ଼ିକ ଉପରେ ଆକାଶ ମାର୍ଗରୁ କଡ଼ା ନଜର ରଖାଯିବ। ସମୁଦ୍ରରେ କୋଷ୍ଟଗାର୍ଡ ଏବଂ ଓଡ଼ିଶା ପୋଲିସ୍ ମିଳିତ ଭାବେ ପ୍ରହରା ଦେବା ସହ ପର୍ଯ୍ୟାପ୍ତ ଲାଇଫ ଗାର୍ଡ ମୁତୟନ ହେବେ। ପୁରୀ ସହରରେ ୧୦ ହଜାର ପୋଲିସ କର୍ମଚାରୀ ମୁତୟନ ହେବେ। ପୁରୀ ସହରକୁ ୩ଟି ଭାଗରେ ବିଭକ୍ତ କରାଯାଇଥିବା ବେଳେ ୩୬ଟି ପାର୍କିଂ ସ୍ଥାନ ଚିହ୍ନଟ, ଟ୍ରାଫିକ ପରିଚାଳନା ପାଇଁ ୩୯ଟି ଟ୍ରାଫିକ ପରିଚାଳନା କେନ୍ଦ୍ର ସ୍ଥାପନ କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଆମ୍ବୁଲାନ୍ସ ଯାତାୟାତ ପାଇଁ ସ୍ୱତନ୍ତ୍ର ଗ୍ରୀନ୍ କରିଡର ବ୍ୟବସ୍ଥା କରାଯିବ। ବିଭିନ୍ନ ସ୍ଥାନରେ ୬୯ଟି ଫାଷ୍ଟ ଏଡ୍ ସେଣ୍ଟର ଓ ୬୪ଟି ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୭୮ ଜଣ ଅତିରିକ୍ତ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରାଯିବ। ଆଇସିୟୁ, ୨୬୫ ଏମର୍ଜେନ୍ସି ବେଡ୍ ବ୍ୟବସ୍ଥା ହେବ। ପୁରୀରେ ଡାଇରିଆ ସଂକ୍ରମଣ ଯେପରି ନ ବ୍ୟାପିବ, ସେନେଇ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ରହିଛି। ସେହିପରି ଆଗାମୀ ଦିନରେ ରଥକାଠ ସମସ୍ୟା ନ ଉପୁଜୁବା ପାଇଁ ସରକାର ଯୋଜନା କରିଥିବା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ଏମ୍‌ପି ସମ୍ବିତ ପାତ୍ର, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଜିଲାର ବିଧାୟକବୃନ୍ଦ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ସେବାୟତ ଓ ମଠାଧୀଶମାନେ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ଗୁଣ୍ଡିଚା ମନ୍ଦିର ଯାଇ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବୁଲି ଦେଖିଥିଲେ।

### ଭୂ-ରାଜନୈତିକ ଉତ୍ତେଜନାରୁ ...

ପାଇବାରେ ଲାଗିଛି। ୩୦% ଉତ୍ତରଦାତା କହିଛନ୍ତି, ନିଯୁକ୍ତିକୁ ନେଇ ସମ୍ପ୍ରତି ସେମାନେ ଅତ୍ୟନ୍ତ ଚିନ୍ତିତ ଏବଂ ସତର୍କ ରହିଛନ୍ତି। ୨୬% କର୍ମଚାରୀ ସାମାନ୍ୟ ଚିନ୍ତିତ ଥିବା ସହ ପରିସ୍ଥିତି ଉପରେ ନଜର ରଖିଥିବା କହିଛନ୍ତି। ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ୩୧% ଉତ୍ତରଦାତା ନୂତନ ଚାକିରି ସୁଯୋଗ କିମ୍ବା ବିକଳ୍ପ ଭୂମିକା ଅନୁସନ୍ଧାନ କରିବା ଆରମ୍ଭ କରିଦେଇଥିବା ଏହି ସର୍ଭେ କହିଛି। ପ୍ରକାଶ ଯେ, ମେ' ୧୨ରୁ ଜୁନ୍ ୬ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୨,୦୦୬ କର୍ମଚାରୀଙ୍କୁ ନେଇ ଅନ୍‌ଲାଇନ ମାଧ୍ୟମରେ ଏହି ସର୍ଭେ ପ୍ରସ୍ତୁତ କରାଯାଇଛି ବୋଲି 'ଜିନିୟସ୍ କନ୍‌ସଲଟାଣ୍ଟସ୍' ପକ୍ଷରୁ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମୁଖଭାବସ୍ଥ ଚନ୍ଦ୍ର ଯୋଗୁ ମିଠାକଥା କହି କାମ ହାସଲ କରିବାର ପ୍ରକୃଷ୍ଟ ଦିନଟିଏ। ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ଅଭିବୃଦ୍ଧି ଅବଶ୍ୟମ୍ଭାବୀ। ପୂର୍ବ ସ୍ଥିରୀକୃତ ଦୂରଯାତ୍ରା, ବାଣିଜ୍ୟ, ପରିବହନ, ବନ୍ଧୁ ବାନ୍ଧବ କ୍ଷେତ୍ରରେ ସୁଫଳ ପାଇବେ। ସବୁ କଥାକୁ ଭଲରୂପେ ବିଚାର ନ କଲେ ଅସୁବିଧା ଭୋଗିବେ।

**ବୃଷ** ଉଚ୍ଚସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ଼ କରିବାକୁ ପଡିପାରେ। ଏକ ନିର୍ଦ୍ଦିଷ୍ଟ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ରହିବନାହିଁ। ରବି ଓ ବୁଧଙ୍କ ସ୍ଥିତି ପାରିବାରିକ ଓ କର୍ମକ୍ଷେତ୍ରକୁ ନିରୁପଦ୍ରବ ରଖିବ।

**ମିଥୁନ** ରାଶ୍ୟାଧିପତି ସ୍ୱଗୃହୀ ଯୋଗୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ଭଲ ରହିବ। ଇଚ୍ଛା ନ ଥିଲେ ମଧ୍ୟ ବାଧବାଧକତାରେ ଦୂରଯାତ୍ରା କରିବାକୁ ପଡିପାରେ। କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ସହକର୍ମୀଙ୍କ ଅବଦାନ ଅବିସ୍ମରଣୀୟ ରହିବ । ସଙ୍କୋଚ ବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ।

**କର୍କଟ** ଆଜି ଲାଭଭାବରେ ଚନ୍ଦ୍ର ଥିବା ଯୋଗୁ ମନ ଚାହୁଁଥିବା ଜିନିଷ ଲାଭକରି ଖୁସି ହୋଇପାରନ୍ତି। କର୍ମକ୍ଷେତ୍ରରେ କାର୍ଯ୍ୟହାନିଜନିତ ଧୈର୍ଯ୍ୟଚ୍ୟୁତି ସାଙ୍ଗକୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ। ବ୍ୟବସାୟ, ନିର୍ମାଣ ଓ ପରିବହନରେ କିଛି ସମସ୍ୟା ଦେଖାଦେଇପାରେ।

**ସିଂହ** ଧନାଧିପତିଙ୍କ ସହିତ ରାଶ୍ୟାଧିପତିଙ୍କ ସଂଯୋଗ ଅର୍ଥ ସହ ସମ୍ମାନ ଲାଭରେ ସହାୟକ ହେବେ। କିନ୍ତୁ ଶନି ପ୍ରଭାବରେ କେତେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିପାରନ୍ତି। ଯାତ୍ରା, ବାଣିଜ୍ୟ, ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ। ପାରିବାରିକ ସମସ୍ୟା ସୁଧାରିବା ଲାଗି ବନ୍ଧୁଙ୍କ ସାହାଯ୍ୟ ଦରକାର ପଡିପାରେ।

**କନ୍ୟା** କର୍ମକ୍ଷେତ୍ରରେ ବୁଧାଦିତ୍ୟ ଯୋଗ ହେତୁ ସାମାଜିକ ସ୍ତରରେ ପ୍ରତିଷ୍ଠା ଲାଭ କରିବେ। ଶନିଙ୍କ ଦୁର୍ବଳତାଜନିତ ଶିକ୍ଷା କ୍ଷେତ୍ରରେ ଅପୂରଣୀୟ ଆଶା ଓ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣରେ ଚିନ୍ତିତ ରହିବେ। ପାରିବାରିକ ସମସ୍ୟା ଲାଗି ରହିବାରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଧୀରସ୍ଥିର ମନ ନେଇ କାମକଲେ ସମସ୍ୟା ସମାଧାନ ହେବ।

**ତୁଳା** ରାଶି ପ୍ରତି ଶୁକ୍ରଙ୍କ ଦୃଷ୍ଟି ପ୍ରଭାବରେ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ଅଭିଳଷିତ ଜିନିଷ ପାଇ ଖୁସି ହେବେ। ପାପମଧ୍ୟସ୍ଥ ଚନ୍ଦ୍ରଜନିତ ବିଭିନ୍ନ ଅସୁବିଧା ଭିତରେ ମାନସିକ ଅବସ୍ଥା ଭଲ ରହି ନ ପାରେ। ମୂଲ୍ୟବାନ ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ। ବ୍ୟବସାୟିକ ସ୍ଥିତି ଭଲ ରହିବ ଏବଂ ସଭାସମିତିକୁ ଆହୂତ ହୋଇପାରନ୍ତି।

**ବିଛା** ଚନ୍ଦ୍ରଙ୍କ ସୁପ୍ରଭାବରେ କର୍ମାରମ୍ଭ, ଆନୁଷ୍ଠାନିକ କାମ, ସଭାସମିତି ଓ ଭ୍ରମଣଜନିତ ସୁବିଧା ସୁଯୋଗ ପାଇବେ। ଶନିଙ୍କ ପ୍ରଭାବରେ ପରିବାରରେ ଭୁଲ୍ ବୁଝାମଣା ମାନସିକ ଅସ୍ଥିରତାକୁ ବୃଦ୍ଧି କରିପାରେ। ଅଭାବ ନ ଥିଲେ ମଧ୍ୟ ଅନାବଶ୍ୟକ ବ୍ୟୟ ଓ ସ୍ଥଗିତ କାର୍ଯ୍ୟ ସକାଶେ ବିଚଳିତ ରହିବେ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଦୂରେଇ ଯାଇପାରେ।

**ଧନୁ** କର୍ମଜଞ୍ଜାଳ ବଢ଼ିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବାଧ ବାଧକତାରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିବାକୁ ପଡିପାରେ । ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କକୁ ନେଇ ଆଲୋଚନାରେ ବ୍ୟସ୍ତ ରହିପାରନ୍ତି।

**ମକର** ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ମନ ପ୍ରଫୁଲ୍ଲ ରହିବ ଏବଂ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହେବ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ଟିକିଏ କଥାରେ ରାଗିଯାଇ ଯାହାତାହା କହି ପକାଇବା ଦ୍ୱାରା ସମସ୍ୟା ଆସିପାରେ। ଆତ୍ମୀୟମାନେ ସହଯୋଗ ପ୍ରଦାନ କରି ଆପଣଙ୍କ କାମକୁ ସୁଗମ କରିପାରନ୍ତି।

**କୁମ୍ଭ** ରାଶିରେ ରାହୁଙ୍କ ପ୍ରଭାବଜନିତ ପ୍ରତ୍ୟେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିଜ ଲୋକ ଯେତେ ସମସ୍ୟା ସୃଷ୍ଟି କଲେ କିଛି କ୍ଷତି କରିପାରିବେ ନାହିଁ। ପାରିବାରିକ ସ୍ଥିତି ଭଲ ରହିବା ସହ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବେ। ସାଧାରଣ କଥାରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବା ଆଶା ରହିଛି।

**ମୀନ** ଶନି ଓ ରାହୁଙ୍କ ସ୍ଥିତିଜନିତ କର୍ମକ୍ଷେତ୍ରରେ ସମସ୍ୟାକୁ ପ୍ରତିହତ କରି ଆଗକୁ ବଢ଼ିବାକୁ ପଦକ୍ଷେପ ନେବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବା ଆଶଙ୍କା ରହିଛି। ଚେଷ୍ଟା କରୁଥିବା କାମରେ ସଫଳତା ହେତୁ ଖୁସି ହେବେ।


ଆଜି ଜୁନ୍ ୨୩ ତାରିଖ, ଆଷାଢ଼ କୃଷ୍ଣ ତ୍ରୟୋଦଶୀ ସୋମବାର। ଶ୍ରୀମନ୍ଦିରରେ ଅନବସର ତ୍ରୟୋଦଶୀ, ଘଣାଲାଗି, ସିଦ୍ଧାନ୍ତ ଦର୍ପଣ ପ୍ରଣେତା ପଠାଣି ସାମନ୍ତଙ୍କ ତିରୋଧାନ ତିଥି। ରାଶି ନକ୍ଷତ୍ର- କୃତ୍ତିକା/ବୃଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୮.୪୪ ଗତେ ଘ.୧୦.୨୯ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୬.୫୧ ଗତେ ଘ.୦୮.୩୦ ମଧ୍ୟେ ରାହୁ କାଳ ।

# ଅଲାରନାଥଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମଗିରି,୨୨।୬(ସ୍ୱାଧୀନ ଚମ୍ପତିରାୟ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଣସର ସମୟରେ ରବିବାର ଅପରାହ୍ନରେ ଅଲାରନାଥଙ୍କୁ ଦର୍ଶନ କରି ଫେରିଛନ୍ତି। ଚତୁର୍ଦ୍ଧାମୂର୍ତ୍ତି ଅଣସର ପିଣ୍ଡିରେ ଗୁପ୍ତ ପୂଜା ପାଉଥିବା ବେଳେ ବ୍ରହ୍ମଗିରି ଅଲାରନାଥ ପୀଠ ପାଲଟିଯାଏ ଦ୍ୱିତୀୟ ଶ୍ରୀକ୍ଷେତ୍ର। ଏହି ଅଣସର ସମୟରେ ଅଲାରନାଥଙ୍କୁ ଦର୍ଶନ କଲେ ଜଗନ୍ନାଥ ଦର୍ଶନର ସମଫଳପ୍ରାପ୍ତି ହୋଇଥାଏ ବୋଲି କିମ୍ବଦନ୍ତୀ ରହିଛି। ଏନେଇ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନେ ଅଲାରନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥାନ୍ତି। ଅଲାରନାଥଙ୍କ ଦର୍ଶନ ପାଇଁ କେବେ କୌଣସି ମୁଖ୍ୟମନ୍ତ୍ରୀ ଅଲାରନାଥ ପୀଠକୁ ଆସି ନ ଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯିଏକି ପ୍ରଥମଥର ପାଇଁ ଆସିଥିଲେ।

ସୂଚନାଯୋଗ୍ୟ, ପୁରୀ ରଥଯାତ୍ରା ସମନ୍ୱୟ ବୈଠକ ଶେଷ ହେବାପରେ ଅପରାହ୍ନ ୪ଟାରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସ୍ତ୍ରୀ



ଅଲାରନାଥ ପୀଠକୁ ଦର୍ଶନ ପାଇଁ ଆସିଥିଲେ। ସୁରକ୍ଷା ଦୃଷ୍ଟିରୁ ଏହି ସମୟରେ ପୋଲିସ ପ୍ରଶାସନ ତରଫରୁ ୨ଘଣ୍ଟା ପାଇଁ ସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା। ଫଳରେ ସାଧାରଣ ଭକ୍ତମାନେ ଧାଡ଼ିରେ ଅପେକ୍ଷା କରି ରହିଥିଲେ। ମୁଖ୍ୟମନ୍ତ୍ରୀ ଅଲାରନାଥ, ଲକ୍ଷ୍ମୀ ମନ୍ଦିର ଓ ଚୈତନ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ମନ୍ଦିରର ସେବାୟତଙ୍କ ସହ ମିଶି ଫଟୋ ଉଠାଇଥିଲେ। ଏହି ସମୟରେ ସ୍ଥାନୀୟ ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଆସିକାରେ ଯୁବଶକ୍ତି ସମାବେଶ, ଯୋଗଦେବେ ମୁଖ୍ୟମନ୍ତ୍ରୀ

ଛତ୍ରପୁର,୨୨।୬(ସନ୍ତୋଷ ପାଢ଼ୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିବେ। ସକାଳ ସାଢ଼େ ୯ଟାରେ ଆସିକା ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଖେଳପଡ଼ିଆଠାରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଯୁବଶକ୍ତି ସମାବେଶ ଅନୁଷ୍ଠିତ ହେବ। ଉକ୍ତ ସମାବେଶରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଗଞ୍ଜାମ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେବା କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ଦର୍ଶନ କରିବା ନିମନ୍ତେ ସ୍ଥିର ହୋଇଛି। ଯୁବଶକ୍ତି ସମାବେଶ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଯୋଗଦେବେ ବୋଲି ଗଞ୍ଜାମ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସୂଚନା ଦେଇଛନ୍ତି।

# ସୋଲଫୁଲରେ ଝଲସିବ ୩ ରଥ

ଖୋର୍ଦ୍ଧା,୨୨।୬(ପ୍ରଭାତ ପାଣିଗ୍ରାହୀ)

## ସେବାରେ ଗୁରୁଜଙ୍ଗ ଭୋଇ ପରିବାର



ଆସନ୍ତା ୨୭ ତାରିଖରେ ମହାପ୍ରଭୁଙ୍କ ଘୋଷଯାତ୍ରା। ବଡ଼ଦାଣ୍ଡରେ ଗଡ଼ିବ ରଥ। ଏଥିପାଇଁ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ରତ୍ନବେଦି ଛାଡ଼ି ଭାଇଭଉଣୀଙ୍କୁ ଧରି ଗୁଣ୍ଡିଚାକୁ ବିଜେ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଅନ୍ୟପଟେ ତିନି ରଥରେ ଝଲସିବ ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇସାହି ରାଜକିଶୋର ଓ ବୀରକିଶୋର ନାୟକ ପରିବାରଙ୍କ ହାତତିଆରି ସୋଲଫୁଲ। ଏଥିଲାଗି ଦିନରାତି ଲାଗିପଡ଼ିଛନ୍ତି ଏହି ପରିବାର। ନେତ୍ରୋତ୍ସବ ଦିନ ସିଂହଦ୍ୱାରରେ ତିନିରଥ ଲାଗିବା ପରେ ଏହି ପରିବାର ଦ୍ୱାରା ସୋଲରେ ପ୍ରସ୍ତୁତ କଦମ୍ବ, ସୂର୍ଯ୍ୟମୁଖୀ, ସେବତି ଆଦି ବିଭିନ୍ନ କିସମର ଫୁଲରେ ସଜେଇ ହେବ ତିନି ରଥ। ଗତ ୨୨ବର୍ଷ ଧରି ବିନା ପାରିଶ୍ରମିକରେ ସେବା ଯୋଗାଇ ଆସୁଛି ଏହି ପରିବାର। ମହାପ୍ରଭୁଙ୍କ ସେବାରେ ପାରିଶ୍ରମିକର କୌଣସି ମୂଲ୍ୟ ନାହିଁ ବୋଲି ପରିବାର ପକ୍ଷରୁ କୁହାଯାଇଛି।

ରାଜକିଶୋର କୁହନ୍ତି, ୧୯୯୯ ମସିହାରେ ମହାପ୍ରଭୁଙ୍କ ରଥଯାତ୍ରା ଦେଖିବା ଲାଗି ଭାଇମାନେ ମିଶି ଯାଇଥିଲୁ। ରଥାରୂଢ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସମୟରେ ଭାବବିହ୍ୱଳ ହୋଇ ରଥରେ ସେବା ସୁଯୋଗ ଦେବା ଲାଗି ନିବେଦନ କରିଥିଲୁ। ସୋଲ କାରିଗର ହୋଇଥିବାରୁ ରଥ ଚତୁଃପାର୍ଶ୍ୱକୁ ସୋଲରେ ନିର୍ମିତ ଫୁଲରେ ସାଜସଜ୍ଜା ଲାଗି ମହାପ୍ରଭୁଙ୍କୁ ଗୁହାରି ଜଣାଇଥିଲୁ। ମହାପ୍ରଭୁଙ୍କ ସ୍ୱପ୍ନାଦେଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରିଥିଲୁ। ଶ୍ରୀମନ୍ଦିର ପ୍ରଶାସନ ସୋଲ ଫୁଲ ଲାଗି ଅନୁମତି ପ୍ରଦାନ କରିଥିଲେ। ଏହା ମହାପ୍ରଭୁଙ୍କ ଆଶୀର୍ବାଦ ଭାବି କିଛି ଫୁଲ ପ୍ରସ୍ତୁତ କରି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅର୍ପଣ କରିଥିଲୁ। ସୋଲଫୁଲ ଦେଖି ଖୁସି ହୋଇଥିଲେ। ୨୦୦୪ ମସିହାରେ ତତ୍କାଳୀନ ଶ୍ରୀମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳକ ରଥରେ ସୋଲଫୁଲ ସଜାଇବା ପାଇଁ ଅନୁମତିପତ୍ର ପ୍ରଦାନ କରିଥିଲେ। ସେବେଠାରୁ ଏହି ସେବା ଜାରି ରହିଛି। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପାରିଶ୍ରମିକ ମିଳି ନ ଥାଏ। ତେବେ ମହାପ୍ରଭୁଙ୍କ ସେବାରେ ପାରିଶ୍ରମିକର କୌଣସି ମୂଲ୍ୟ ନ ଥାଏ ବୋଲି ରାଜକିଶୋର କହିଛନ୍ତି। ସେହିପରି ବୀରକିଶୋର କୁହନ୍ତି, କାର୍ତ୍ତିକ ମାସଠାରୁ କାକଟପୁର, ଅସ୍ତରଙ୍ଗ, ନିମାପଡା ଆଦି ସ୍ଥାନରୁ ସୋଲ ସଂଗ୍ରହ କରାଯାଏ। ପରେ ଏହାକୁ ଖରାରେ ଶୁଖାଇ ପ୍ରସ୍ତୁତ କରାଯାଏ। ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ ହେବା ପରେ ପରିବାର ସଦସ୍ୟ ଶୁଦ୍ଧପୂତ ଭାବେ ମହାପ୍ରଭୁଙ୍କ ଆରାଧନା କରି କାର୍ଯ୍ୟ ଆରମ୍ଭ କରନ୍ତି। ଫୁଲ ପ୍ରସ୍ତୁତ ଲାଗି ସୋଲକୁ ବିଭିନ୍ନ ସାଇଜରେ କଟାଯାଏ। ଗୁମୁକି, ସୂତା ଏବଂ ବଡ଼ ଛୁଞ୍ଚି ବ୍ୟବହାର କରାଯାଇ ଫୁଲକୁ ଆକାର ଦିଆଯାଏ। ଏଥିରେ ପରିବାର ମହିଳାମାନେ ସହଯୋଗ କରିଥାନ୍ତି। ସେହିପରି କବିତା ନାୟକ କୁହନ୍ତି, ଘର ଲିପାପୋଛା ସହ ଅରୁଆ ଅନ୍ନ ଖାଇ ସମ୍ପୂର୍ଣ୍ଣ ନିଷ୍ଠା ଏବଂ ନୀତି ନିୟମରେ କାର୍ଯ୍ୟ କରାଯାଇଥାଏ। ଘର କାମ ସରିବା ପରେ ଏହି କାମରେ ଲାଗିଥାନ୍ତି ପରିବାର। ମହାପ୍ରଭୁଙ୍କ ସେବା ଭାଗ୍ୟରେ ଥିଲେ ମିଳେ। ପ୍ରତିବର୍ଷ ମହାପ୍ରଭୁଙ୍କ ତିନି ରଥରେ ସୋଲରେ ନିର୍ମିତ ଫୁଲ ଖଞ୍ଜିବା ବେଳେ ଏକ ଅପୂର୍ବ ଆନନ୍ଦ ମିଳିଥାଏ। ଫୁଲ କାରିଗର ବାନାମ୍ବର କାଣ୍ଡି କୁହନ୍ତି, ନନ୍ଦିଘୋଷ ରଥରେ ଚଢ଼ି ଫୁଲ ସଜାଇବାରେ ଆନନ୍ଦ ମିଳେ। ନିରଞ୍ଜନ ନାୟକ କୁହନ୍ତି, କିଛି ବର୍ଷ ହେବ ଏହି ସେବା କରୁଛି। ମହାପ୍ରଭୁ ଏହି ସେବା ପ୍ରଦାନ କରିଥିବାରୁ ନିଜକୁ ଧନ୍ୟମନେ କରୁଛି।

# କନ୍ଧମାଳରେ ଏଆଇସିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଫୁଲବାଣୀ,୨୨।୬
(ରାକେଶ କୁମାର ରାଉତ)

## ବଳାତ୍କାର ପୀଡିତାଙ୍କ ପରିବାର ଲୋକଙ୍କୁ ଭେଟିଲେ

ଓଡ଼ିଶାରେ କିଛିଦିନ ହେଲା ନାରୀ ନିର୍ଯାତନା, ବଳାତ୍କାର, ହତ୍ୟା ଆଦି ମାମଲା ବଢ଼ିଚାଲିଛି। ଏସବୁ ଘଟଣାର ତଦନ୍ତ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ଏକ ମହିଳା ଟିମ୍ ଓଡ଼ିଶା ଆସିଛି। ଏହି ଟିମ୍ ରବିବାର କନ୍ଧମାଳ ଜିଲ୍ଲା ଟିକାବାଲି ଗସ୍ତ ଆସିଥିଲା। ଗତ ମାର୍ଚ୍ଚରେ ଟିକାବାଲି ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଓ ପରେ ହତ୍ୟା କରାଯାଇଥିଲା। ଏଆଇସିସି ଟିମ୍ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ପୋଲିସ ତଦନ୍ତ ପ୍ରକ୍ରିୟା ନେଇ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିବା ସହିତ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରିଛନ୍ତି। ସେଠାରୁ ଏହି ଟିମ୍ ଫୁଲବାଣୀ ଆସି ସର୍କିଟ ହାଉସଠାରେ କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜ ଏବଂ ଏସ୍‌ପି



ଏଆଇସିସି ଟିମ୍ ଟିକାବାଲିରେ ପୀଡିତାଙ୍କ ପରିବାରକୁ ଭେଟିବାକୁ ଯାଉଛନ୍ତି।

ହରିଶ ବିର୍ଶିଙ୍କ ସହିତ ଘଟଣା ବିଷୟରେ ଆଲୋଚନା କରିଥିଲେ। ଜିଲାରେ ନାରୀ ନିର୍ଯାତନା, ବଳାତ୍କାର ଓ ହତ୍ୟା ଘଟଣା ବୃଦ୍ଧି ପାଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ କଂଗ୍ରେସ ମହିଳା ପ୍ରତିନିଧି ଦଳ। ପରେ ଗଣମାଧ୍ୟମ ଆଗରେ ନିଜ ପ୍ରତିକ୍ରିୟା ରଖି ରାଜ୍ୟସଭା ସଦସ୍ୟ ରଞ୍ଜିତ ରଞ୍ଜନ ଓଡିଶାରେ ମହିଳା ଚାଲାଣ, ମାନବ ଅଙ୍ଗ ବିକ୍ରି ର‍୍ୟାକେଟ ଓ ବଳାତ୍କାର ଭଳି ଘଟଣା ବଢୁଥିବା ନେଇ ଉଦବେଗ ପ୍ରକାଶ କରିଥିଲେ। ବରିଷ୍ଠ କଂଗ୍ରେସ ନେତ୍ରୀ ଦୀପା ଦାସ ମୁନସୀଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳରେ ଏମ୍‌ପି ପ୍ରଣିତୀ ସିନ୍ଦେ, ଶୋଭା ଓଝା ଓ ଏସ ଜ୍ୟୋତିମଣି ସାମିଲ ଥିଲେ। ଗସ୍ତର ବିସ୍ତୃତ ବିବରଣୀ ରାଷ୍ଟ୍ରୀୟ କଂଗ୍ରେସ ସଭାପତିଙ୍କୁ ପ୍ରଦାନ କରାଯିବା ସହିତ ଏ ବିଷୟ ସଂସଦରେ ଉପସ୍ଥାପନ କରାଯିବ ବୋଲି କହିଛନ୍ତି ପ୍ରତିନିଧି ଦଳ। ଗସ୍ତ ସମୟରେ ଜିଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡା, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଏମପି ପ୍ରାର୍ଥୀ ଅମିରଚାନ୍ଦ ନାୟକ, ପୂର୍ବତନ ଜିଲା ସଭାପତି ଅନାମ ନାୟକ, ସ୍ଥାନୀୟ ଯୁବନେତା ପ୍ରତାପ ପ୍ରଧାନ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଏଆଇସିସି ସମ୍ପାଦିକା ସସ୍ମିତା ବେହେରାଙ୍କ ସମେତ ମହିଳା କଂଗ୍ରେସ ଓ ଜିଲ୍ଲା କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। -ଶ୍ରୀଅରବିନ୍ଦ

# ପଶିଲା ଆମେରିକା

ଇସ୍ରାଏଲ-ଇରାନ୍ ଯୁଦ୍ଧର ୧୦ ଦିନ ମଧ୍ୟରେ ଆମେରିକା ସେମାନଙ୍କ ମଝିରେ ପ୍ରବେଶ କରିବା ନୂଆ ଅନ୍ତର୍ଜାତୀୟ ବିବାଦ ସୃଷ୍ଟି କଲାଣି। ଯେତେବେଳେ ଇରାନ୍ ଉପରକୁ ଇସ୍ରାଏଲ ଆକ୍ରମଣ କରିଥିଲା ସେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଥିଲେ ଯେ, ଇରାନ୍ ଓ ଇସ୍ରାଏଲ ଯୁଦ୍ଧରେ ତାଙ୍କ ଦେଶର ହାତ ନାହିଁ। କିନ୍ତୁ କୌଣସି ଭାବେ ଯଦି ତାଙ୍କ ରାଷ୍ଟ୍ରର ସମ୍ପତ୍ତି କିମ୍ବା ଲୋକଙ୍କୁ ଇରାନ୍ କ୍ଷତି ପହଞ୍ଚାଏ, ତାହା ହେଲେ ଆମେରିକୀୟ ସଶସ୍ତ୍ର ସେନାର ସମ୍ପୂର୍ଣ୍ଣ ଶକ୍ତି ତେହରାନ ବିପକ୍ଷରେ ଏଭଳି ବ୍ୟବହାର କରାଯିବ ଯେ, ଯାହା ସେ କେବେ ଦେଖି ନ ଥିବ। ଇରାନ୍ ଇତିମଧ୍ୟରେ ଆମେରିକାର କିଛି କ୍ଷତି କରି ନ ଥିଲେ ମଧ୍ୟ ତେହରାନ ପରମାଣୁ କାର୍ଯ୍ୟକ୍ରମ ବୃଦ୍ଧି କରୁଥିବା ଆଳ ଦେଖାଇ ଟ୍ରମ୍ପଙ୍କ ସେନା ଆକ୍ରମଣ କରିବା ସୂଚାଇ ଦେଉଛି ଯେ, 'କଣ୍ଟା ବାଡ଼ରେ ଲୁଗା ପକାଇ କଳି କରିବା' ୱାଶିଂଟନର ଗୋଟେ ପୁରୁଣା ଖୋଇ। ଏଥିରୁ ବୁଝିବାକୁ ହେବ ଯେ, ଆମେରିକା କଥାରେ ଯିଏ 'ଉଠବସ୍' ନ ହେବ, ତାହା ବିରୋଧରେ କୂଟନୈତିକ, ଅର୍ଥନୈତିକ ଓ ସାମରିକ କାର୍ଯ୍ୟାନୁଷ୍ଠାନ ଲାଗୁ କରିବାରେ ଆମେରିକୀୟ ପ୍ରଶାସନ ବିଳମ୍ବ କରି ନ ଥାଏ। ମିଳିଥିବା ସୂଚନା ଅନୁଯାୟୀ ୨୨ ତାରିଖ ପ୍ରାତଃ ସମୟରେ ଆମେରିକାର ଯୁଦ୍ଧବିମାନ ଇରାନ୍‌ର ପରମାଣୁ କାର୍ଯ୍ୟକ୍ରମ ସକାଶେ ବିକଶିତ କରାଯାଉଥିବା ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ ଅଞ୍ଚଳ ନତାଞ୍ଜ, ଇସ୍‌ଫାହାନ୍ ଓ ଫର୍ଦୋରେ ବୋମା ମାଡ଼ କରି ଅନେକ କ୍ଷତି ପହଞ୍ଚାଇଛି। ଆକ୍ରମଣ ସଫଳତାର ସହ ଶେଷ ହୋଇଥିବାରୁ ଟ୍ରମ୍ପ୍ ତାଙ୍କ ସେନାକୁ ଧନ୍ୟବାଦ ଦେଇଛନ୍ତି। ସୋସିଆଲ ମିଡିଆରେ ସେ କହିଛନ୍ତି, ତାଙ୍କ ଦେଶର ୱାରପ୍ଲେନ୍ ଇରାନ୍ ଆକାଶମାର୍ଗ ବାହାରକୁ ସୁରକ୍ଷିତ ଭାବେ ଆସିଯାଇଛି । ଏବର ସମୟ ଶାନ୍ତିର ବୋଲି ସେ କହିଛନ୍ତି। ସେହିପରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନ୍ ଉପରେ ଆମେରିକାର ଆକ୍ରମଣକୁ ଐତିହାସିକ ବୋଲି ବର୍ଣ୍ଣନା କରିବା ସହ ଟ୍ରମ୍ପଙ୍କ ଦୃଢ଼ ନିଷ୍ପତ୍ତି ଇତିହାସ ବଦଳାଇ ଦେବ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଆହୁରି କହିଛନ୍ତି, ପ୍ରଥମେ ଶକ୍ତି ଓ ପରେ ଶାନ୍ତି ଆସିଥାଏ। ସମ୍ଭବତଃ ଇରାନ୍ ଉପରେ ଇସ୍ରାଏଲ ଓ ଆମେରିକାର ଶକ୍ତି ପ୍ରଦର୍ଶନ ପରେ ତେହରାନ ଡରିଯାଇ ଶାନ୍ତି ଆଡ଼କୁ ବାଟ ଉନ୍ମୁକ୍ତ କରିପାରେ ବୋଲି ୱାଶିଂଟନ୍‌ର କେତେକ ମହଲରେ ଚିନ୍ତା ପ୍ରକାଶ ପାଇଲାଣି। ତେବେ ପୃଥିବୀବ୍ୟାପୀ ଅନେକ ଯୁକ୍ତି ଉତ୍ଥାପନ କରାଯାଉଛି, ଯେଉଁଥିରେ ଇରାନ୍‌କୁ ଏକ ଅସହାୟ ଦେଶ ଭାବେ ଦର୍ଶାଯାଉଛି। ଏଠାରେ ବୁଝିବା ଦରକାର କାହିଁକି ଇରାନ୍‌ର ପରମାଣୁ ବୋମା ତିଆରି କରିବା ପଛରେ ଅନେକ ଦିନର ଇଚ୍ଛାଶକ୍ତି ଲାଗିରହିଛି। ସୁନ୍ନି ମୁସଲମାନ ସମ୍ପ୍ରଦାୟର ସମୁଦ୍ର ମଝିରେ ଇରାନ୍ ଏକମାତ୍ର ଶିୟା ମୁସଲମାନ ଦେଶ। ତୈଳ ସମ୍ପଦରେ ଭରପୂର ଏହି ଦେଶର ରାଜକୋଷ ନିଜ ଦେଶବାସୀଙ୍କୁ ସାମାନ୍ୟତମ ମାନବିକ ଅଧିକାର ପ୍ରଦାନ କରିବାରେ ଅନିଚ୍ଛୁକ ରହିଆସିଛି। ଏଥିସହିତ ଶିୟା ସମ୍ପ୍ରଦାୟ ନେତାଙ୍କର ଐତିହାସିକ ଇଚ୍ଛା ରହିଆସିଛି ଯେ, ସେମାନଙ୍କୁ ଇସ୍‌ଲାମ ଜଗତରେ ନେତା ଭାବରେ ସ୍ୱୀକାର କରାଯାଉ। କିନ୍ତୁ ସାଉଦି ଆରବ, ସିରିଆ, ପାକିସ୍ତାନ, ମାଲେସିଆଠାରୁ ନେଇ ଇଣ୍ଡୋନେସିଆ ପର୍ଯ୍ୟନ୍ତ ସୁନ୍ନି ସମ୍ପ୍ରଦାୟ ସଂଖ୍ୟାଗରିଷ୍ଠ ଥିବାରୁ ଇରାନ୍ ନିଜର ନେତୃତ୍ୱ ଜାହିର କରିବା ପାଇଁ ହୁଟି, ହେଜବୋଲ୍ଲା ଓ ହମାସ ଭଳି ଉଗ୍ର ସଙ୍ଗଠନଗୁଡ଼ିକୁ ସକ୍ରିୟ କରାଇ ଇସ୍ରାଏଲକୁ ଶତ୍ରୁ ଭାବେ ଦେଖିଆସୁଛି। ମନେରଖିବାକୁ ହେବ ଯେ ଇରାନ୍ ଓ ଇସ୍ରାଏଲ ମଧ୍ୟରେ ଅନେକ ଦେଶ ରହିଛନ୍ତି। ସେମାନଙ୍କ ସୀମା ପରସ୍ପରକୁ ଛୁଏଁ ନାହିଁ। ମନଗଢ଼ା ଶତ୍ରୁ ସୃଷ୍ଟିକରି ପରମାଣୁ ବୋମା ପକାଇବାର ଭୟ ଦେଖାଉଥିବା ଇରାନ୍ ଏବେ ଆଉ ମୁସଲମାନ ଦେଶଗୁଡ଼ିକଠାରୁ ସକ୍ରିୟ ସାହାଯ୍ୟ ପାଇବା ସମ୍ଭବପର ହୋଇ ନ ପାରେ। ଏଭଳି ସ୍ଥଳେ ଇରାନ୍ ପକ୍ଷରୁ ଆମେରିକା ବିରୋଧରେ ଶକ୍ତିଶାଳୀ ବିବୃତି ଦିଆଯାଇ ନ ଥିଲେ ମଧ୍ୟ ଆମେରିକା ଏଭଳି ଅପ୍ରତ୍ୟାଶିତ ଆକ୍ରମଣକୁ ତେହରାନ୍ ନିନ୍ଦା କରିଛି।

ଟ୍ରମ୍ପଙ୍କ ପ୍ରଥମ ପାଳିରେ ଜାନୁଆରୀ ୨୦୨୦ରେ ଇରାନୀୟ ସାମରିକ ଅଧିକାରୀ ଜେନେରାଲ କ୍ୱାସେମ୍ ସୋଲେମାନିଙ୍କୁ ବାଗ୍‌ଦାଦ ବିମାନବନ୍ଦର ନିକଟରେ ହତ୍ୟା କରାଯାଇଥିଲା। ତେଣୁ ଆମେରିକାକୁ ତତ୍‌କ୍ଷଣାତ୍ ପ୍ରତିଆକ୍ରମଣ କରିବାକୁ ନ ଚାହିଁ ଇରାନ୍ କ୍ରମାଗତ ଭାବେ ଇସ୍ରାଏଲକୁ ଟାର୍ଗେଟ କରିଥିବା ଖବର ଆସିଛି। ଏହି ଯୁଦ୍ଧର ଗତି କେଉଁ ଆଡ଼କୁ ଯିବ ଏବେ କହିବା କଷ୍ଟକର। ଯଦି ଇରାନ୍ ତା'ର ପରମାଣୁ କାର୍ଯ୍ୟକ୍ରମକୁ ଆମେରିକାର ଧମକ ଅନୁଯାୟୀ ବନ୍ଦ ରଖୁଛି, ତାହା ହେଲେ ତା'ର ବିଶେଷ କ୍ଷତି ନ ହୋଇପାରେ। କିନ୍ତୁ ଜିଦ୍‌ରେ ଅଟଳ ରହିଲେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ତା'ର ବିପୁଳ କ୍ଷତି କରିପାରନ୍ତି ବୋଲି ଅନ୍ତର୍ଜାତୀୟ ମହଲରେ ମତ ପ୍ରକାଶ ପାଇଲାଣି। ଗତ ୮୦ ଦଶକରେ ଇରାନ୍ ଓ ଇରାକ୍ ମଧ୍ୟରେ ୮ବର୍ଷ କାଳ ହୋଇଥିବା ଯୁଦ୍ଧରେ ପାଖାପାଖି ୧୦ ଲକ୍ଷ ଲୋକଙ୍କ ପ୍ରାଣହାନି ହୋଇଥିଲା। ସେହି ଭୟଙ୍କର ଗଲ୍ଫ ଓ୍ୱାର ବା ଉପସାଗରୀୟ ଯୁଦ୍ଧକୁ ଦେଖିଥିବା ଇରାନବାସୀ ଯୁଦ୍ଧଠାରୁ ଦୂରେଇ ରହିବାକୁ ଚାହୁଁଛନ୍ତି। ଇରାନ୍‌ର ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ଶାସନ ବ୍ୟବସ୍ଥା ବହୁ ଦିଗରୁ ନିନ୍ଦିତ ହୋଇଛି। ତଥାପି ଇରାନୀୟଙ୍କର ଦେଶପ୍ରୀତି ଥିବାରୁ ଯୁଦ୍ଧର ଆକାର ବଢ଼ିଲେ ସେମାନେ କେଉଁଭଳି ନିଷ୍ପତ୍ତି ନେବେ ଜଣାପଡ଼ିବ।

ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଓ ଇରାନ ଯୁଦ୍ଧ ମଝିରେ ଆମେରିକା ପଶିଯାଇଥିବାରୁ ରୁଷିଆ ଓ ଚାଇନାର ଭୂମିକା ଉପରେ ବିଶ୍ୱବାସୀଙ୍କ ନଜର ରହିଛି। ରୁଷିଆ ଓ ଚାଇନା ସମେତ ଅନ୍ୟ ଦେଶଗୁଡ଼ିକ ଟ୍ରମ୍ପଙ୍କ କାର୍ଯ୍ୟକୁ ନିନ୍ଦା କରିଛନ୍ତି। କିନ୍ତୁ କୁହାଯାଇପାରେ ଯେ, ୟୁକ୍ରେନ୍ ସହିତ ଯୁଦ୍ଧ କରୁଥିବା ରୁଷିଆ ଅନ୍ୟ କୌଣସି ସମସ୍ୟାରେ ମୁଣ୍ଡ ପୂରାଇବାକୁ ଅସ୍ୱୀକାର କରିପାରେ। ତତ୍‌ସହିତ ଚାଇନାର ବ୍ୟବସାୟିକ ସ୍ୱାର୍ଥ ଯୋଗୁ ଖୋଲାଖୋଲି ଇରାନ୍ ସପକ୍ଷରେ ବାହାରିଲା ଭଳି ମନେ ହେଉନାହିଁ। ଏଭଳି ପ୍ରଚ୍ଛଦପଟରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଗତ ସପ୍ତାହରେ ଭାରତ ସରକାରଙ୍କୁ ସମାଲୋଚନା କରାଯିବା ବିଷୟ ରାଜନୈତିକ ଆଲୋଚନା ସୃଷ୍ଟି କରିଛି। କୁହାଯାଉଛି ଏହି ସମାଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ତରଫରୁ ଇରାନ୍‌ର ରାଷ୍ଟ୍ରପତି ମସୌଦ ପେଜେସ୍କିୟାନଙ୍କ ସହ ଆଲୋଚନା କରି ଉତ୍ତେଜନା ହ୍ରାସ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ଜୀବନରେ ସତ୍ୟର ସନ୍ଧାନ



ଛାୟାକାନ୍ତ ଷଡ଼ଙ୍ଗୀ

ଛାନ୍ଦୋଗ୍ୟ ଉପନିଷଦରେ ପ୍ରାର୍ଥନା କରାଯାଇଛି, 'ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖଂ। ତତ୍ତ୍ୱଂ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ।' ଅର୍ଥାତ୍ ସତ୍ୟର ମୁଖ ସ୍ୱର୍ଣ୍ଣମୟ ପାତ୍ର ଭିତରେ ଢଙ୍କା ହୋଇ ରହିଛି। ହେ ସୂର୍ଯ୍ୟଦେବ! ସତ୍ୟର ସାଧକ ପାଇଁ ତାକୁ ଅନାବୃତ କରିଦିଅନ୍ତୁ। ବ୍ୟାବହାରିକ ଜୀବନରେ ଏହି ଢାଙ୍କୁଣୀ ଖୋଲିବା ଏକ କଷ୍ଟକର ବ୍ୟାପାର। ଏହି ପ୍ରସଙ୍ଗରେ ସତ୍ୟ ଘଟଣାଟିଏ। ଦିନେ ପ୍ରତିମା ତାଙ୍କ ଛୋଟ ପୁଅ ବିଜୟକୁ ସ୍କୁଲ ପଠାଇଲେ। ତାଙ୍କ ପଡ଼ୋଶିଣୀ ତାଙ୍କ ପୁଅ ମିଣ୍ଟୁକୁ ସେହି ସ୍କୁଲରେ ନାମ ଲେଖାଇ ତାକୁ ବିଜୟ ସହିତ ସ୍କୁଲ ପଠାଇଲେ। ପ୍ରତିମା ପୁଅ ବିଜୟକୁ କହିଲେ, "ମିଣ୍ଟୁ ପ୍ରଥମ ଥର ପାଇଁ ସ୍କୁଲ ଯାଉଛି। ତାର ଭଲ ମନ୍ଦ ବୁଝିବୁ। ସେ ତୋର ସାନଭାଇ।" ଉଭୟେ ସ୍କୁଲ ଗଲେ। କିଛି ଘଣ୍ଟା ଅତିକ୍ରାନ୍ତ ହେବା ପରେ ପ୍ରତିମାଙ୍କ ପାଖକୁ ସ୍କୁଲରୁ ଏକ ଫୋନ୍‌କଲ୍ ଆସିଲା। ସ୍କୁଲ ଅଧ୍ୟକ୍ଷ କହିଲେ, "ମାଡାମ୍! ଆପଣ କାହିଁକି ପୁଅକୁ ମିଛ କହିବା ଶିଖାଉଛନ୍ତି?" ପ୍ରତିମା ଆଶ୍ଚର୍ଯ୍ୟ ହେଲେ ଓ କହିଲେ, "ନା ମାଡାମ୍! ମୁଁ କେବେ ପୁଅକୁ ମିଛ କହିବା ଶିଖାଇ ନାହିଁ।" ଅଧ୍ୟକ୍ଷ ବିରକ୍ତ ହୋଇ ଫୋନ୍‌କଲ୍‌କୁ କାଟିଦେଲେ। ପରେ ପୁଅ ବିଜୟ ପାଖରୁ ମା' ପ୍ରତିମା ଘଟଣା ସମ୍ପର୍କରେ ଜାଣିଲେ। ସେଦିନ ଗୋଟିଏ ଗୁଣ୍ଡାପିଲା ମିଣ୍ଟୁକୁ ହଇରାଣ କଲା। ଫଳରେ ମିଣ୍ଟୁ କାନ୍ଦିଲା। ଏହା ଦେଖି ବିଜୟ ସେହି ଗୁଣ୍ଡାପିଲାଟିକୁ ଖଣ୍ଡ ଚାପୁଡ଼ାଟିଏ ମାରିଲା ଓ ହଇରାଣ ନ କରିବାକୁ ଚେତାଇଦେଲା। ଘଟଣାଟି ପହଞ୍ଚିଲା ଅଧ୍ୟକ୍ଷଙ୍କ ପାଖରେ। ଅଧ୍ୟକ୍ଷ ବିଜୟକୁ ପଚାରିଲେ, "ତୁ କାହିଁକି ତାକୁ ମାରିଲୁ?" ବିଜୟ କହିଲା, "କାରଣ ସେ ମିଣ୍ଟୁକୁ ହଇରାଣ କରୁଥିଲା।" ଅଧ୍ୟକ୍ଷ କହିଲେ, "ସେଥିରେ ତୋର ମୁଣ୍ଡ ପୂରାଇବା ଦରକାର ନ ଥିଲା।" ବିଜୟ କହିଲା, "ମିଣ୍ଟୁ ମୋର ସାନଭାଇ। କେମିତି ମୁଣ୍ଡ ପୂରାଇବି ନାହିଁ?" ଅଧ୍ୟକ୍ଷ କହିଲେ, "ବାଜେ କଥା। ତୁ ଜଣେ ହିନ୍ଦୁ, ମିଣ୍ଟୁ ଶିଖ୍। ତୁମେ ଦୁହେଁ ଗୋଟିଏ ମାଆ ପାଖରୁ ଜନ୍ମ ଗ୍ରହଣ କରିନାହିଁ। ସେ ତୋ ଭାଇ ହେଲା କେମିତି?" ବିଜୟ କହିଲା, "ମୋ ମାଆ କହିଛନ୍ତି ସେ ମୋର ଭାଇ।" ଅଧ୍ୟକ୍ଷ କହିଲେ, "ତୋ ମାଆ ତୋତେ ମିଛ କଥା ଶିଖାଉଛନ୍ତି।" ସେଦିନ ବିଜୟ ଅଧ୍ୟକ୍ଷଙ୍କ ପାଖରୁ ଜାଣିଲା ଯେ ଦୁହେଁ ଭିନ୍ନ ଧାର୍ମିକ ସମ୍ପ୍ରଦାୟର ଲୋକ ଭିନ୍ନ ମାଆ ପାଖରୁ ଜନ୍ମନେଇ ଭାଇ ହୋଇପାରିବେ ନାହିଁ। ବର୍ତ୍ତମାନ ପ୍ରଶ୍ନ ହେଉଛି ପ୍ରତିମାଙ୍କ କଥା ସତ୍ୟ ନା ଅଧ୍ୟକ୍ଷଙ୍କ କଥା ସତ୍ୟ। ଜୈବିକ ଦୃଷ୍ଟିକୋଣରୁ ଅଧ୍ୟକ୍ଷ ସତ୍ୟ କହିଛନ୍ତି। ମାତ୍ର ଆବେଗିକ ଦୃଷ୍ଟିରୁ ପ୍ରତିମା ମଧ୍ୟ ସତ୍ୟ କହିଛନ୍ତି। କାରଣ ସାମାଜିକ ଜୀବନରେ ଆବେଗିକ ସମ୍ପର୍କ ମଧ୍ୟ ଅଛି। ଶିକାଗୋ ଧର୍ମସଭାରେ



ସ୍ୱାମୀ ବିବେକାନନ୍ଦ ହଜାର ହଜାର ଶ୍ରୋତାଙ୍କୁ ଭଉଣୀ ଓ ଭାଇ ସମ୍ବୋଧନ କରିଥିଲେ। ସେମାନେ ସମସ୍ତେ ଗୋଟିଏ ମାଆ ଗର୍ଭରୁ ଜନ୍ମ ନେଇ ନ ଥିଲେ। କିନ୍ତୁ ଦୃଷ୍ଟିରୁ ବିବେକାନନ୍ଦଙ୍କ ସମ୍ବୋଧନ ମିଥ୍ୟାହିଁତ ଥିଲା। ମାତ୍ର ସେହି ସମ୍ବୋଧନରେ ଶ୍ରୋତାମାନେ ଭାବବିହ୍ୱଳ ହୋଇ ଛିଡ଼ା ହୋଇ ପଡ଼ିଥିଲେ, କାରଣ ତାହାଥିଲା ଆବେଗିକ ସତ୍ୟ। ଆଉ ଏକ ଦୃଷ୍ଟିରୁ ମଧ୍ୟ ସ୍ୱାମିଜୀଙ୍କ ସମ୍ବୋଧନ ଠିକ୍ ଥିଲା। ସେ ଥିଲେ ଅଦ୍ୱୈତବାଦୀ। ଈଶ୍ୱର ସର୍ବବ୍ୟାପୀ ହୋଇଥିବାରୁ ଆମେ ସମସ୍ତେ ତାଙ୍କ ଭିତରେ ଏକ, ମାତ୍ର ସତ୍ତା ପ୍ରକଟନରେ ଭିନ୍ନ ଭିନ୍ନ। ଏଣୁ ପ୍ରତ୍ୟେକ ନରନାରୀ ଆମର ଭାଇଭଉଣୀ। ଆଧ୍ୟାତ୍ମିକ ସ୍ତରରେ ସତ୍ୟ ପରିବର୍ତ୍ତନଶୀଳ ନୁହେଁ। ସତ୍ୟ ଓ ଈଶ୍ୱର ଏକ ଏବଂ ଅଭିନ୍ନ। ସତ୍ ଶବ୍ଦରୁ ସତ୍ୟ ଶବ୍ଦର ସୃଷ୍ଟି। 'ସତ୍'ର ଅର୍ଥ ଚିରନ୍ତନ। ଈଶ୍ୱର ଥିଲେ, ଅଛନ୍ତି ଓ ରହିବେ। ଏଣୁ ସେ ସତ୍ୟ। ମାତ୍ର ସାମାଜିକ ସ୍ତରରେ ସତ୍ୟର ପରିଭାଷା ଭିନ୍ନ। ସତ୍ୟ ହେଉଛି ଚେତନା ନିର୍ଭର ଶକ୍ତି। ଆମ ଚେତନା ଗତିଶୀଳ ଓ ପ୍ରଗତିଶୀଳ ହେବା ଅନିବାର୍ଯ୍ୟ। ଏଣୁ ଗାନ୍ଧିଜୀ କହୁଥିଲେ, "ମୋର ବର୍ତ୍ତମାନର ମତ ଯଦି ମୋର ପୂର୍ବର ମତକୁ ଖଣ୍ଡନ କରୁଥାଏ, ତା'ହେଲେ ତୁମେ ବର୍ତ୍ତମାନର ମତକୁ ସତ୍ୟଭାବରେ ଗ୍ରହଣ କର।" ଆମେ ଯେତେବେଳେ କୌଣସି ମୂଲ୍ୟବୋଧରେ ବିଶ୍ୱାସ କରୁ, ତାର ଭିତି ହେଲା ଆମେ ହୃଦୟଙ୍ଗମ କରିଥିବା ଏକ ସତ୍ୟ। ହୁଏତ ଆସନ୍ତାକାଲି ଆମେ ସେହି ସତ୍ୟରୁ ଉଚ୍ଚତର ହୋଇପାରୁ ଓ ଅପେକ୍ଷାକୃତ ମହତ୍ତର ସତ୍ୟ ଉପରେ ନିର୍ଭରଶୀଳ ହୋଇପାରୁ। ସାମାଜିକ ସ୍ତରରେ ସତ୍ୟ ଗତିଶୀଳ, କାରଣ ଆଇନକାନୁନ, ପରମ୍ପରା, ନୀତିନିୟମ ସାମାଜିକ ସତ୍ୟର ଅନ୍ତର୍ଭୁକ୍ତ ଓ ବିଭିନ୍ନ ସମୟରେ ଏଗୁଡ଼ିକ ପରିବର୍ତ୍ତନଶୀଳ। ସ୍ଥାନ, କାଳ, ପାତ୍ର ଭେଦରେ ସାମାଜିକ ସତ୍ୟ ସ୍ଥିର ରହେନାହିଁ। ପୁଣି ଆମ ଚେତନା ଅପରିପକ୍ୱ ଥାଇପାରେ। ଆମେ ସବୁବେଳେ ଅଜ୍ଞାନ ଅନ୍ଧକାର ଭିତର ଦେଇ ଜୀବନଯାତ୍ରା ଅବ୍ୟାହତ ରଖୁଛୁ। ଆମେ ଅପରିପକ୍ୱ ଚେତନାରେ କୌଣସି ସିଦ୍ଧାନ୍ତ ନେଇଥିଲେ ହୁଏତ ତାହା ପରବର୍ତ୍ତୀ ସମୟରେ ଠିକ୍ ହୋଇପାରେ। ମାତ୍ର ଆଜି ଯାହା ଭ୍ରାନ୍ତି ମନେହୁଏ, ତା' ପଛରେ ବି ଦିନେ ସତ୍ୟ ଥିଲା। ଏଣୁ ବ୍ୟାବହାରିକ ଜୀବନରେ ସ୍ଥାନ କାଳ ପାତ୍ର ଭେଦରେ ସତ୍ୟ ବଦଳିପାରେ। ଗାନ୍ଧିଜୀ ଅହିଂସାରେ ବିଶ୍ୱାସ କରୁଥିଲେ। ମାତ୍ର ଆବଶ୍ୟକ ପଡ଼ିଲେ ହିଂସ୍ର ପଶୁକୁ ହତ୍ୟା କରିବା ପାପ ନୁହେଁ ବୋଲି ମଧ୍ୟ ସେ ମତ ଦେଉଥିଲେ। ସେ କହୁଥିଲେ, "ମୋର ମତ ଯେ ସବୁବେଳେ ଅଭ୍ରାନ୍ତ, ଏ ଦର୍ଶନରେ ମୁଁ ବିଶ୍ୱାସ କରେ ନାହିଁ। ପ୍ରତ୍ୟେକ ଭାବାଦର୍ଶର ବିରୋଧୀ ବିଚାର ମଧ୍ୟ ଅଛି ଓ ଏହା ପରିସ୍ଥିତି ନିୟନ୍ତ୍ରିତ। ଏଣୁ ନିଜ ବିଚାରକୁ ଅଭ୍ରାନ୍ତ ବୋଲି ପ୍ରମାଣ କରିବା ସର୍ବଦା କ୍ଷତିକାରକ ଓ ଅପ୍ରାଚ୍ଛିତ।" ସେଥିପାଇଁ ସେ କହୁଥିଲେ, "ମୁଁ ସର୍ବଦା ସତ୍ୟର ଅନ୍ୱେଷଣ କରୁଛି। ମୋ' ଭିତରର ଅନ୍ତଃସ୍ୱର ଯେଉଁ ପଥ ପ୍ରଦର୍ଶନ କରିବ, ତାହା ହିଁ ମୋ ପାଇଁ ସତ୍ୟ।" ଅବଶ୍ୟ ବିଭିନ୍ନ ଲୋକଙ୍କ ଅନ୍ତଃସ୍ୱରର ଉତ୍ତର ଭିନ୍ନ ଭିନ୍ନ ହୋଇପାରେ, ଏପରିକି ପରସ୍ପର ବିରୋଧୀ ମଧ୍ୟ ହୋଇପାରେ। ଏଣୁ ଗାନ୍ଧିଜୀ କହୁଥିଲେ, ସେ କ୍ଷେତ୍ରରେ କେବେଳ ସର୍ତ୍ତ ପୂରଣ କରିବାକୁ ହେବ। ତାକୁ ଅନେକ ବ୍ରତ ପାଳନ କରିବାକୁ ପଡ଼ିବ ଯଥା ସତ୍ୟ କଥନ, ବ୍ରହ୍ମଚର୍ଯ୍ୟ, ଅହିଂସା, ଦାରିଦ୍ର୍ୟ ଓ ଅସଂଗ୍ରହ। ଏହି ପାଞ୍ଚବ୍ରତ ପାଳନ କରୁ ନ ଥିଲେ ଅନ୍ତଃସ୍ୱର ଠିକ୍ ଭାବରେ ଶୁଣିହେବ ନାହିଁ। ଲକ୍ଷ୍ୟ ଓ ଲକ୍ଷ୍ୟରେ ପହଞ୍ଚିବା ପାଇଁ ବ୍ୟବହୃତ ସାଧନ ଉଭୟକୁ ଗାନ୍ଧିଜୀ ସମାନ ଗୁରୁତ୍ୱ ଦେଉଥିଲେ। ସାଧନ ଶୁଦ୍ଧ ଓ ମହତ୍ ନ ହେଲେ ଲକ୍ଷ୍ୟ ଶୁଦ୍ଧ ଓ ମହତ୍ ହୋଇପାରିବ ନାହିଁ।

ବ୍ୟାବହାରିକ ଜୀବନରେ ସତ୍ୟର ସନ୍ଧାନ ଏକ କଷ୍ଟକର ବ୍ୟାପାର। ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀରେ ଗ୍ରୀକ୍ ଦାର୍ଶନିକ କ୍ରେଟିଲସ୍ ଶପଥ ନେଲେ ଯେ, ସେ କେବଳ ସତ୍ୟ ହିଁ କହିବେ। କେବେ ମିଥ୍ୟା କହିବେ ନାହିଁ। ଯେ କୌଣସି ତଥ୍ୟ ବା ବକ୍ତବ୍ୟ ସତ୍ୟ ବୋଲି ନିଶ୍ଚିତ ନ ହେବା ପର୍ଯ୍ୟନ୍ତ ସେ କିଛି କହିବେ ନାହିଁ। ପରିଣତିରେ ତାଙ୍କୁ ଆଜୀବନ ମୌନ ରହିବାକୁ ପଡ଼ିଲା। ସତ୍ୟର ପଥ କଣ୍ଟକାକୀର୍ଣ୍ଣ। ତେବେ ସତ୍ୟ ସୁଦୂରପରାହତ ବୋଲି ଧରିନେଇ ନିଜକୁ ସତ୍ୟ ମିଥ୍ୟାଶ୍ରିତ ସ୍ରୋତରେ ଛାଡ଼ିଦେବା କି? ଏହି ପ୍ରଶ୍ନର ଉତ୍ତରରେ ବିଶିଷ୍ଟ ଲେଖକ ମନୋଜ ଦାସ କହନ୍ତି, "ସତ୍ୟ ପ୍ରତି ଉନ୍ମୁଖ ହେବା ଆମ ବ୍ୟକ୍ତିଗତ ଜୀବନର ଆତ୍ମିକ ପ୍ରଗତିର ଏକ ନିର୍ଭୁଲ ଲକ୍ଷଣ। ସମଗ୍ର ସତ୍ୟ ଆମେ ଉପଲବ୍ଧ କରିପାରିବା ନାହିଁ ଠିକ୍, କିନ୍ତୁ ଯେ ପ୍ରତ୍ୟେକ ପରିସ୍ଥିତିରେ, ସମସ୍ୟାରେ, ଦ୍ୱନ୍ଦ୍ୱରେ ଆମେ ଯଦି ସେହି ମୁହୂର୍ତ୍ତରେ ନିଜକୁ ନିରପେକ୍ଷ ରଖି, ଶାନ୍ତ ଓ ନିରବ ରହି, ବିଦ୍ୟାଶକ୍ତିକୁ ସ୍ମରଣ କରି, ଆମ ଚେତନାର ସର୍ବୋଚ୍ଚ ସ୍ତରରେ ରହିବାର ପ୍ରୟାସ କରି ଯାହା ଯଥାର୍ଥ ମନେହେବ ସେହି ସିଦ୍ଧାନ୍ତ ନେବା ବା ସେହି ଅନୁସାରେ ପଦକ୍ଷେପ ନେଉ, ତେବେ ସତ୍ୟ ପ୍ରତି ସତ୍ ରହିବୁ ବୋଲି ଆମ ନିଜର ଉପଲବ୍ଧି ହେବ। ପରିଣତି ଯାହା ହେଲେ ମଧ୍ୟ ଆମ ବିବେକ ପରିଚ୍ଛନ୍ନ ରହିବ। ଜଗତରେ ସତ୍ୟାୟନ ଦିଗରେ ଏହା ହେବ ଏକ ଅବଦାନ।"

ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଚିଲିକାଗଡ଼
ମୋ: ୯୪୩୭୩୨୯୨୬୩

# ପରିସ୍ଥିତି ଓ ମନୋସ୍ଥିତି



ଡ. ମୌସୁମୀ ପରିଡ଼ା

ସତୁରି ଦଶକରେ ଆମେରିକାର ଜେଲ୍‌ଗୁଡ଼ିକରେ କ୍ଷମତା ଓ ବ୍ୟକ୍ତିତ୍ୱକୁ ନେଇ ନୌସେନା/ତଟରକ୍ଷୀ ବିଭାଗ ଅନୁସନ୍ଧିତ୍ସୁ ହୋଇପଡ଼ିଥିଲେ। ଜେଲର୍ ଓ କଏଦୀମାନଙ୍କ ମଧ୍ୟର ସମ୍ପର୍କ ଥିଲା ଗବେଷଣାର ବିଷୟବସ୍ତୁ। ୧୯୭୧ ଅଗଷ୍ଟ ମାସରେ କାଲିଫର୍ଣ୍ଣିଆସ୍ଥିତ ଷ୍ଟାନ୍‌ଫୋର୍ଡ ବିଶ୍ୱ ୟୁନିଭରସିଟିର ମନୋବୈଜ୍ଞାନିକ ପ୍ରଫେସର ଫିଲିପ୍ ଜିମ୍ବାର୍ଡୋ ଏହି ପରିସ୍ଥିତିରେ ଗବେଷଣା ଆରମ୍ଭ କଲେ। ଯୋଗ୍ୟତା ଭିତ୍ତିରେ ୭୦ଜଣ ଆବେଦନକାରୀଙ୍କ ମଧ୍ୟରୁ ୨୪ଜଣ ମନସ୍ତତ୍ତ୍ୱ ବିଭାଗ ଛାତ୍ରଙ୍କୁ ମନୋନୀତ କରାଗଲା। ଦୁଇ ସପ୍ତାହ ଧରି ହେବାକୁ ଥିବା ଗବେଷଣାରେ ପ୍ରତ୍ୟେକ ଛାତ୍ରଙ୍କୁ ୧୫ଡଲାର ଲେଖାଏଁ ଦେବାକୁ ନିଷ୍ପତ୍ତି ନିଆଗଲା। ୧୨ଜଣଙ୍କୁ ନେଇ ଦୁଇଟି ଟିମ୍ ଗଠନ ହେଲା। ଗୋଟେ ଜେଲରମାନଙ୍କର ଓ ଅନ୍ୟଟି କଏଦୀମାନଙ୍କର। ସେମାନଙ୍କୁ ସେହି କ୍ରମରେ ଅଭିନୟ କରିବାର ଥିଲା। ଟସ୍ ଅନୁଯାୟୀ କଏଦୀ ଓ ଜେଲରମାନଙ୍କ ଚୟନ ପରେ ଉଭୟ ଟିମ୍‌କୁ ସେମାନଙ୍କ ଅନୁଯାୟୀ ପୋଷାକ ପିନ୍ଧିବାକୁ ହେଲା। ଫିଲିପ୍ ଜିମ୍ବାର୍ଡୋ ଜେଲ ସୁପରିଣ୍ଟେଣ୍ଡେଣ୍ଟ (ଅଧୀକ୍ଷକ) ଓ ଗବେଷକ ଡାଭିଡ୍ ଜାଫେନ୍ ୱାର୍ଡେନ (ତତ୍ତ୍ୱାବଧାରକ) ଥିଲେ।

ନକଲି ଜେଲ ଠିକ୍ ଷ୍ଟାନ୍‌ଫୋର୍ଡ ଜୋର୍ଡାନ ହଲ୍ ତଳେ ନିର୍ମିତ ହୋଇଥିଲା। ୨୪ ଜଣଙ୍କ ଆଖିରେ ପଟି ବାନ୍ଧି ସେଠାକୁ ନିଆଯିବା ପରେ ଅଭିନୟ କରିବାକୁ କୁହାଗଲା। ୩ ଜଣ କଏଦୀଙ୍କ ପାଇଁ ଗୋଟିଏ କୋଠରି ଥିଲା। ସେମାନଙ୍କୁ ସେମାନଙ୍କ ନାଁ ପରିବର୍ତ୍ତେ ଜେଲ ପକ୍ଷରୁ ଦିଆଯାଇଥିବା ନମ୍ବର ଅନୁସାରେ ଡକାଯାଉଥିଲା। ଫିଲିପ୍ ଜିମ୍ବାର୍ଡୋ ଜେଲର ଭୂମିକାରେ ଥିବା ଛାତ୍ରମାନଙ୍କୁ ସୀମା ଭିତରେ ରହି କଏଦୀମାନଙ୍କ ଭୂମିକାରେ ଥିବା ଅନ୍ୟ ଛାତ୍ରମାନଙ୍କ ଭିତରେ ବିରକ୍ତି, କ୍ଳାନ୍ତି, ହତାଶା, ଅସନ୍ତୋଷ ଓ ଭୟ ଜନ୍ମାଇବାକୁ କହିଥିଲେ। ପ୍ରଥମ ଦିନ ରାତି ସାଢ଼େ ଦୁଇଟାରେ ଜେଲରମାନେ ହ୍ୱିସିଲ୍ ବଜାଇ ସେମାନଙ୍କ ନିଦ୍ରା ଭାଙ୍ଗି ଉଠାଇ ବିରକ୍ତ କରିବାକୁ ଚେଷ୍ଟା କରି ସଫଳ ହେଲେ। କିଛି କଏଦୀ ମାନି ନ ଥିବାରୁ ସକାଳ ହେଉ ହେଉ ସେମାନଙ୍କୁ ଦଣ୍ଡ ମିଳିଲା।

ଦ୍ୱିତୀୟ ଦିନ ଆରମ୍ଭରେ ଅଧ୍ୟାୟରେ ଅପମାନିତ ହୋଇଥିବା କଏଦୀମାନେ ଦଣ୍ଡକୁ ବିରୋଧ କରି ସେମାନଙ୍କୁ ଦିଆଯାଇଥିବା ପରିଚୟ ସଂଖ୍ୟା ଓ ଟୋପିଗୁଡ଼ିକୁ ଫିଙ୍ଗି ବେଡ୍ ସହ କବାଟକୁ ଭିଡି ବନ୍ଦକରି ରଖିବାରୁ ଜେଲରମାନେ ବାଧ୍ୟ ହୋଇ ନିର୍ଭିଲିଭା ଯନ୍ତ୍ର ସାହାଯ୍ୟରେ କବାଟ ଫିଟାଇ ପ୍ରତ୍ୟେକଙ୍କୁ ଅକଥନୀୟ ଯନ୍ତ୍ରଣା ଦେବାକୁ ଲାଗିଲେ। ସେମାନଙ୍କ ଦେହରୁ ପୋଷାକ କାଢ଼ି, ପାଦରେ ଶିକୁଳି ବାନ୍ଧି, ଭୋକ ଉପାସରେ ରଖି ମାନସିକ ନିର୍ଯାତନା ଦେଲେ। କେତେଜଣ କଏଦୀ ଭୟଭୀତ ହୋଇ ଜେଲରମାନଙ୍କୁ ମାନିବାକୁ ଆରମ୍ଭ କଲେ। ଆଉ କେତେଜଣ ବିରୋଧ କଲେ।

ତୃତୀୟ ଦିନରେ ଭୋକଉପାସରେ ଆଉଟୁପାଉଟୁ କଏଦୀମାନେ ନିଜ ବ୍ୟକ୍ତିତ୍ୱ, ଚରିତ୍ର ଓ ଜେଲରମାନେ ନିଜ ବିଚାରବୋଧ ପାସୋରିଦେଲେ। ତା' ପରଦିନ ସେମାନଙ୍କୁ ଗାଧୁଆ ଘର ମନାହେଲା। ମଳମୂତ୍ର ତ୍ୟାଗ ପାଇଁ ସେଇ ରୁମ୍‌ରେ ଛୋଟପାତ୍ର ରଖାଗଲା। କଏଦୀମାନେ ଅଖିଆ ଅପିଆ ରହି ଅସ୍ୱାସ୍ଥ୍ୟକର ପରିବେଶରେ ବିଦ୍ରୋହୀ ହୋଇପଡ଼ିଲେ। ନମ୍ବର ଅନୁସାରେ ନାମିତ ହେଉଥିବାରୁ ନିଜ ବାସ୍ତବ ପରିଚୟ ଓ ଅଭିନୟର ଉଦ୍ଦେଶ୍ୟ ସବୁକୁ ଭୁଲି ବସିଲେ। ସେମାନଙ୍କ ଦୁଇଜଣ ଛାଡ଼ି ଦିଆଗଲା। ଜେଲରମାନଙ୍କୁ ମାନୁଥିବା କଏଦୀମାନେ ଜେଲ ଭିତରେ ସବୁପ୍ରକାର ସୁବିଧା ଉପଭୋଗ କରୁଥିବାବେଳେ ବିରୋଧୀମାନେ ହତାଶ,



କ୍ଲାନ୍ତି, ମାନସିକ ଅବସାଦରେ ବଞ୍ଚିଲେ। କେତେଜଣ ତ ସବୁଭୁଲି ଜିମ୍ମାରେ ପାରୋଲ୍‌ରେ ଘରକୁ ଫେରିବାକୁ ଚାହିଁଲେ। କିନ୍ତୁ ମନ ଭିତରେ ନିଜେ ସୁପରିଣ୍ଟେଣ୍ଡେଣ୍ଟ ଜିମ୍ବାର୍ଡୋ ଅନୁଭବ କଲେ ଯେ ଅଭିନୟକୁ ସତ ମଣି କଏଦୀମାନେ ନିଜକୁ ଭୁଲିଯାଉଛନ୍ତି! ଏହାକୁ ଗବେଷଣାର ଅଂଶ ବୋଲି ସେମାନେ ଭାବୁନାହାନ୍ତି!

ଆଉଗୋଟିଏ କଥା ପରିଲକ୍ଷିତ ହୋଇଥିଲା ଯେ ଜେଲରମାନଙ୍କ ମଧ୍ୟରେ ବି କେତେଜଣ ଜେଲର କଏଦୀମାନଙ୍କୁ ବିଲକୁଲ୍ ଦଣ୍ଡ ଦେଉ ନ ଥିଲେ। ସେମାନେ ସବୁପ୍ରକାରର ସୁବିଧା ଦେଇ ସେମାନଙ୍କ ସ୍ୱାଭାବିକ ରଖିବାର ପ୍ରୟାସ କରୁଥିଲେ, ଆଉକିଛି ନିର୍ମମ ଅତ୍ୟାଚାର ଦ୍ୱାରା ନିଜ କ୍ଷମତାର ଅପବ୍ୟବହାର କରୁଥିଲେ, ଯାହା କଏଦୀମାନଙ୍କ ସ୍ୱାଭାବିକତାକୁ ନଷ୍ଟ କରିଥିଲା। ସେତେବେଳକୁ ଗବେଷଣା ଷଷ୍ଠ ଦିନରେ ପହଞ୍ଚି ସାରିଥିଲା। ଅଭିନୟ କରୁଥିବା ଛାତ୍ରମାନଙ୍କ ସାକ୍ଷାତକାର ନେବାକୁ ଆସିଥିବା ପିଏଚ୍.ଡି. ଛାତ୍ରୀ ଓ ଗବେଷିକା କ୍ରିଷ୍ଟିନା ମାସଲାକ୍ କଏଦୀମାନଙ୍କ ଭୟଙ୍କର ସ୍ଥିତି ଓ ମନୋଦଶା ଦେଖି ବିଚଳିତ ହୋଇ ବନ୍ଧୁ ଫିଲିପ୍ ଜିମ୍ବାର୍ଡୋଙ୍କୁ ଏତାଦୃଶ ନିଷ୍ଠୁରତା ବନ୍ଦ କରିବାକୁ କହିଥିଲେ। ଜିମ୍ବାର୍ଡୋ ଅନୁଭବ କରିଥିଲେ ସେ ବି ନିଜକୁ ଜଣେ ମନସ୍ତତ୍ତ୍ୱବିତ୍ ବୋଲି ଭୁଲିଯାଇ ଜେଲ ଅଧୀକ୍ଷକ ମନେକରୁଛନ୍ତି! ସେହିପରି ଜେଲରମାନେ ଅତ୍ୟାଚାରୀ, ନିଷ୍ଠୁର ହୋଇପଡ଼ିଥିବାବେଳେ କଏଦୀମାନେ ଅବସାଦବୋଧ ଦ୍ୱାରା ନିଜ ପରିଚୟ ଭୁଲିଯାଉଛନ୍ତି!

ଅସୁସ୍ଥ ବାତାବରଣ ମନ ଉପରେ ଗଭୀର ପ୍ରଭାବ ପକାଏ। ବାସ୍ତବ ଅବାସ୍ତବ, ସତମିଛ ଯାହା ବିଶେ ତା' ଦ୍ୱାରା ମସ୍ତିଷ୍କ ଆକ୍ରାନ୍ତ ହୁଏ। ଯାହା ଦେଖାଯାଉଛି ତକ୍ରାନ୍ତ ଚରାଚୟ ସେସବୁକୁ ମସ୍ତିଷ୍କ ଅତିରେ ଗ୍ରହଣ କରିଯାଏ। ଅର୍ଥାତ୍ ମିଛ ବା ଛଳନା ଦ୍ୱାରା ମଣିଷ ବେଶି ପ୍ରଭାବିତ ହୁଏ। ଦ୍ୱିତୀୟ କଥାଟି ହେଲା କ୍ଷମତାର ଅପବ୍ୟବହାରକାରୀମାନେ ଯଦି କ୍ଷମତାଶାଳୀ ହେବେ ତେବେ ସେମାନଙ୍କ ଅଧୀନରେ ଥିବା ଲୋକଙ୍କ ଅବସ୍ଥା କଏଦୀଙ୍କ ପରି ହେବ। କେତେକିଛି କ୍ଷମତାସୀନ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନବତାକୁ ଦୃଷ୍ଟିରେ ରଖି କ୍ଷମତାର ଉପଯୋଗ କରିଥାନ୍ତି। ସେଠାରେ ସେମାନଙ୍କୁ ସମ୍ମାନ ମିଳେ। ଚତୁର୍ଥ କଥାଟି ହେଲା ବିପରୀତ ସ୍ଥିତିରେ ଯେଉଁମାନେ ଅବିଚଳିତ ରହି ବାସ୍ତବତା ଅନୁସାରେ ଚାଲିଥାନ୍ତି (ସଚେତନ କଏଦୀ) ସେମାନେ ଯେକୌଣସି ବିପରୀତ ସ୍ଥିତିକୁ ଧୈର୍ଯ୍ୟର ସହିତ ମୁକାବିଲା କରିଥାନ୍ତି।

ଚା, ଆଳୁ, କଫି, ଅଣ୍ଡା ଏ ଚାରୋଟି ଜିନିଷ ଚାରୋଟି ତତ୍ତ୍ୱର ପ୍ରତୀକ। ଚା'କୁ ଗରମ କଲେ ସେ ତା'ର ବାସ୍ନା ଓ ରଙ୍ଗ ଛାଡେ। ତା'ପରି ଛଣା ହୋଇଗଲେ ବି ସେ ପାଣି ବା କ୍ଷୀରରେ ମିଶି ସାରିଥାଏ। ଆଳୁକୁ ଗରମ କଲେ ସେ ସ୍ୱାଭାବିକତାରୁ ନରମ ହୋଇଯାଏ। କଫି କିନ୍ତୁ ପୁରାପୁରି ପାଣି କିମ୍ବା କ୍ଷୀରରେ ମିଶିଯାଏ। ଅଣ୍ଡା ଗରମ ହେଲା ପରେ ତା ଭିତରର କୋମଳ ଅଂଶଟି କଠିନ ହୋଇଯାଏ। ତେଣୁ ଭାବିବାକୁ ହେବ ମଣିଷ ପରିସ୍ଥିତିରେ ମଣିଷ କାହା ପରି ହେବା ଉଚିତ। ଚା' ପରି ନିଜକୁ କ୍ଷୟ କରିବ ନା ଆଳୁ ପରି ନିଜ ଧର୍ମ ହରାଇବ! କଫି ପରି ନିଜକୁ ସ୍ଥିତି ଆଗରେ ସମର୍ପଣ କରିଦେବ ନା ଅଣ୍ଡା ଭିତରେ ଭିତର-ଅଂଶ ପରି କଠିନ ହୋଇଯିବ! ବସ୍ତୁ ତା' ଧର୍ମ ଅନୁସାରେ ବଦଳେ। ମଣିଷ ବି ସ୍ୱାର୍ଥ ତ୍ୟାଗକରି ପାରେନା କିନ୍ତୁ ଚାହିଁଲେ ବଦଳାଇପାରେ। ଦସ୍ୟୁ ରତ୍ନାକର ବାଲ୍ମିକୀ ହୋଇପାରିଥିଲେ। ଏହା ସତ୍ୟ ଯେ ମଣିଷ ଭିତରେ କ୍ଷମତା ଲିପ୍ସା ତାକୁ ଅମଣିଷ ବନାଇବାକୁ ମୁହୂର୍ତ୍ତେ ବି ଲଗାଏନି। ଯଦିଓ ଷ୍ଟାନ୍‌ଫୋର୍ଡ ରିସର୍ଚ୍ଚ ୟୁନିଭରସିଟିର ଏହି ଗବେଷଣା ବିବାଦୀୟ ହୋଇପଡ଼ିଥିଲା ତେବେ ବି ମଣିଷର ମନୋଦଶା ସମ୍ପର୍କରେ ଧାରଣା ସ୍ପଷ୍ଟ କରିଥିଲା ନିଶ୍ଚୟ। କହିବା ବାହୁଲ୍ୟ- ସ୍ଥିତି ହିଁ ମଣିଷର ବ୍ୟକ୍ତିତ୍ୱକୁ ଉନ୍ମୋଚିତ କରେ।

ମୋ: ୯୪୩୭୩୯୭୦୨୬

## ଏଇ ଭାରତରେ

କୃଷି କ୍ଷେତ୍ରରେ ଜ୍ଞାନକୌଶଳର ବିକାଶ ହେଉଥିବାରୁ ଏହାର ସକାରାତ୍ମକ ପ୍ରଭାବ ମୁକ୍ତା ଚାଷରେ ପରିଲକ୍ଷିତ ହେଉଛି। ରାଜସ୍ଥାନ ଭରତପୁରର ଗୌରବ ପଚୌରି ଉନ୍ନତ ଜ୍ଞାନ କୌଶଳରେ ମୁକ୍ତାଚାଷ କରିଛନ୍ତି। ସେ ଏଥିରୁ ୨୧ ମାସରେ ୫୫ ଲକ୍ଷ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ଗୌରବ ୨୦୧୭ରେ ମେକାନିକାଲ ଇଞ୍ଜିନିୟରିଂରେ ଶିକ୍ଷା ଶେଷକରି ସରକାରୀ ଚାକିରି ପାଇଁ ବର୍ଷ ବର୍ଷ ଧରି ଚେଷ୍ଟା କରିବା ପରେ ସଫଳତା ପାଇ ନ ଥିଲେ। ସେ କ'ଣ କରିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ଥିଲେ। ପରେ ମୁକ୍ତାଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଏଥିପାଇଁ ଓଡ଼ିଶାସ୍ଥିତ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଫର ଫ୍ରେଶୱାଟର ଆକ୍ୱାକଲଚର (ସିଆଇଏଫ୍‌ଏ)ରୁ ୫ ଦିନିଆ ପ୍ରଶିକ୍ଷଣ ଶେଷ କରି ଏହି ଚାଷ ପାଇଁ ଏକ ବିଶେଷ ପ୍ରଯୁକ୍ତିରେ ୧୫୦ ଫୁଟ ଲମ୍ବ ଓ ୮୦ ଫୁଟ ଚଉଡ଼ା ପୋଖରୀ ଖୋଳିଥିଲେ ଏବଂ ୧ ଲକ୍ଷ ୧୫ ହଜାର ଶାମୁକା ସେଥିରେ ଛାଡ଼ିଥିଲେ। ଏଥିରେ ସେ ୨୧ ଲକ୍ଷ ନିବେଶ କରିଥିଲେ ଏବଂ ୨୧ ମାସରେ ସେ ମୁକ୍ତାରୁ ୫୫ ଲକ୍ଷ ଟଙ୍କା ପାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଜୁନ୍ ୧୯୭୬

- ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କର ପୁନଃ ସଂସ୍ଥାପନ ଲାଗି ଦୁଇ ଦେଶ ପକ୍ଷରୁ ନିଜ ନିଜର ରାଷ୍ଟ୍ରଦୂତ ନିଯୁକ୍ତି ଘୋଷଣା କରାଯାଇଛି।
- ଲେବାନନ୍‌ରେ ଯୁଦ୍ଧ ବିରତି ପାଳନ ପାଇଁ ସିରିଆ ଓ ପାଲେଷ୍ଟାଇନିୟାନ ସେଣ୍ଟ୍ରାଲ କମାଣ୍ଡ ମଧ୍ୟରେ ଏକ ରାଜିନାମା ହୋଇଛି।
- ଯୁକ୍ତରାଷ୍ଟ୍ର ଆମେରିକାରେ ମୋଟର ଟାୟାର ତିଆରି କରୁଥିବା ବିଭିନ୍ନ କାରଖାନାର ପ୍ରାୟ ୬୦ ହଜାର ଶ୍ରମିକ ଧର୍ମଘଟ କରିବା ଦ୍ୱାରା ୫୦ଟି ରବର ସାମଗ୍ରୀ କାରଖାନା ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡ଼ିଛି।

## ଚିରନ୍ତନୀ

ଉଚ୍ଚ ବୁଢ଼ା ପରେ ତା'ର ମହାଦୀପ
ଜାଳିଲା ଜୀବନ୍ତ
ଚିନ୍ତାର ତଇଳ ଢାଳି ଦେଖାଇଲା
ଆଲୋକ ଅନନ୍ତ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | | | 5 |
| 7 | | 1 | | | | | | |
| 3 | | 6 | | | | | 4 | |
| | | | 2 | 1 | | 6 | | |
| 4 | | 2 | | | | | | 9 |
| | 1 | | | 5 | | | | 8 |
| | | 3 | 6 | | | | | |
| 9 | | | 5 | | 8 | 1 | | |
| | | 4 | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 8 | 9 | 4 | 1 | 3 | 5 | 2 |
| 4 | 2 | 5 | 6 | 7 | 3 | 9 | 1 | 8 |
| 9 | 1 | 3 | 5 | 8 | 2 | 4 | 7 | 6 |
| 1 | 8 | 6 | 4 | 9 | 7 | 2 | 3 | 5 |
| 2 | 9 | 7 | 8 | 3 | 5 | 6 | 4 | 1 |
| 3 | 5 | 4 | 1 | 2 | 6 | 7 | 8 | 9 |
| 5 | 4 | 1 | 7 | 6 | 9 | 8 | 2 | 3 |
| 7 | 6 | 2 | 3 | 5 | 8 | 1 | 9 | 4 |
| 8 | 3 | 9 | 2 | 1 | 4 | 5 | 6 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ଦୁରବସ୍ଥା

ମହାଶୟ,

ପୁରୀ ସତ୍ୟବାଦୀର ସୁଆଣ୍ଡୋ ଗ୍ରାମଠାରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ ଚନ୍ଦନପୁର ଶାଖା କେନାଲର ବନ୍ଧ ରାସ୍ତା ପ୍ରଶସ୍ତ ତଥା ପିଚୁ ଢାଳାଇ ହୋଇଥିବା ବେଳେ ବଳଙ୍ଗା ପର୍ଯ୍ୟନ୍ତ ରାସ୍ତାରୁ ବିଦ୍ୟାଧରପୁରଠାରୁ ପ୍ରାୟ ୨ କି.ମି. ରାସ୍ତା ଖାଲଖମାରେ ଭରିଯାଇଛି। ଏହି ରାସ୍ତାରେ ଭାରିଯାନ, ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଆର୍‌ସି (ଲକ୍ଷ୍ମୀବସ୍) ଓ ଅଗଣିତ ମୋଟର କାର, ଟ୍ରାକ୍ଟର, ବାଇକ୍ ଚାଲୁଛି। ପିଚୁ ଉଠିଯାଇଥିବାରୁ ପଥଚାରୀ ଓ ଛାତ୍ରଛାତ୍ରୀ ବଡ଼ କଷ୍ଟରେ ଯାତାୟାତ କରୁଛନ୍ତି। ଏହି ସମସ୍ୟା ପ୍ରାୟ ଏକ ବର୍ଷ ହେବ ହୋଇଥିଲେ ହେଁ କିପରି ଜଳସମ୍ପଦ ବିଭାଗ ଅଧିକାରୀ ତଥା ରାଜନେତାଙ୍କୁ ମାଲୁମ ହେଉନାହିଁ ତାହା ଅଞ୍ଚଳବାସୀଙ୍କୁ ଚକିତ କରୁଛି। ଭବିଷ୍ୟତରେ ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

- ରାମଚନ୍ଦ୍ର ଦାଶ, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପକ୍କା ହେଉନି ମାଟିରାସ୍ତା, ବର୍ଷା ଆସିଲେ ଚିନ୍ତା

ବଇଣ୍ଡା,୨୨।୬(ପରିକ୍ଷିତ ସାହୁ)



ଗ୍ରାମାଞ୍ଚଳରେ ଗମନାଗମନ ସଦୃଢ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା କରିବା ସହ ବହୁ କୋଟି ଟଙ୍କା ବ୍ୟୟ କରି ରାସ୍ତା ନିର୍ମାଣ କରୁଛନ୍ତି। ଏପରିକି ଏମ୍‌ଏନ୍‌ଆର୍‌ଇଜିଏସ୍ ଯୋଜନାରେ ବହୁ ରାସ୍ତା ନିର୍ମାଣ କରାଯାଉଛି । ହେଲେ ଏବେବି ବହୁ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ହେଉ ନ ଥିବାବେଳେ ପୁରୁଣା ରାସ୍ତାକୁ ମରାମତି କରାଯାଉ ନାହିଁ। ଫଳରେ ଲୋକେ ବର୍ଷାଦିନେ କାଦୁଅରେ ଯାତାୟାତ କରୁଛନ୍ତି। ଯାହା ଅନୁଗୋଳ ଜିଲା କିଶୋରନଗର ବ୍ଲକ ଧଡରପାଳ, ହଣ୍ଡପା, ଉରୁକୁଳା, ଆମ୍ବପାଳ, କଣ୍ଟେଇକୋଳିଆ, ନାକିଚି ଆଦି ୧୦ ପଞ୍ଚାୟତର ରାସ୍ତା ନିର୍ମାଣ ହେଉ ନଥିବା ଏକ ଜ୍ୱଳନ୍ତ ଉଦାହରଣ। ବହୁବାର ଦାବି ହେଉଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଏହି ବ୍ଲକର ଧଡରପାଳ ପଞ୍ଚାୟତର କତଡାଠାରୁ ତେନ୍ତୁଳିଖୋଲ ଗ୍ରାମର ୫ କି.ମି. ରାସ୍ତା ପକ୍କା କରାଯାଉ ନଥିବାରୁ ଶୋଚନୀୟ ହୋଇ ରହିଛି। ରାସ୍ତାରେ ଏକ ପାହାଡ ପଡୁଥିବାରୁ ଉକ୍ତ ପାହାଡକୁ କାଟି ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ବହୁ ବର୍ଷ ହେବ ଦାବି କରି ଆସୁଥିବାବେଳେ କୌଣସି ସୁଫଳ ମିଳୁନାହିଁ । ସେହିପରି ହଣ୍ଡପା ପଞ୍ଚାୟତର ବଣିନାଳୀ ଠାରୁ ଅର୍ଜୁନଧରା ୩ କି.ମି. ରାସ୍ତା କଦର୍ଯ୍ୟ ହୋଇ ରହିଛି। ଏହି ରାସ୍ତା ଉପରେ ସୋଲଣ୍ଡା, ଡଙ୍ଗାଧର, ଅର୍ଜୁନଧରା, ଆଦି ଗ୍ରାମର ୧୫୦୦ ଶହ ଲୋକ ନିର୍ଭରଶୀଳ । ଏହି ରାସ୍ତାକୁ ପକ୍କା କରିବା ପାଇଁ ଗ୍ରାମବାସୀ ୧୫ ମେ ୨୦୧୭, ୨୧ ଏପ୍ରିଲ ୨୦୧୯, ୨୦ ସେପ୍ଟେମ୍ବର ୨୦୨୦, ୨୫ ଜୁନ ୨୦୨୩ ରେ ୪ ଟି ଦାବିପତ୍ର ଜିଲାପାଳଙ୍କ ଠାରୁ ଆରମ୍ଭ କରି ସରକାରଙ୍କୁ ଦେଇଥିଲେ। ଉକ୍ତ ରାସ୍ତାରେ ବେସରକାରୀ ଜମି ପଡୁଥିବା ଦର୍ଶାଇ ରାସ୍ତାକୁ ପିଚୁ କରାଯାଉନାହିଁ। ଫଳରେ ଗ୍ରାମବାସୀ ସାମାନ୍ୟ ବର୍ଷାହେଲେ ଯାତାୟାତ କରିପାରୁ ନାହାନ୍ତି। ପ୍ରତାପପୁର ଠାରୁ ଭାୟା ନୂଆଁ ବାଲିଖମଣ ଦେଇ ବାଲିଖମନ ୩ କି.ମି ରାସ୍ତା, ପ୍ରତାପପୁର ଠାରୁ ନୂଆଁ ଖୋଲାରେଗେଡ଼ା ୨ କି.ମି. ରାସ୍ତା, ହିଞ୍ଜିରିଡା ଠାରୁ ଖୋଲା ରେଗେଡ଼ା ୪ କି.ମି ରାସ୍ତା ନିର୍ମାଣ କରାଯାଉନାହିଁ । ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ରାସ୍ତାଟି ପଡୁଥିବାବେଳେ ଆଜି ଯାଏଁ ପକ୍କାରାସ୍ତା ନିର୍ମାଣ କରାଯାଇନାହିଁ । ଏହାଛଡ଼ା ଉରୁକୁଳା ପଞ୍ଚାୟତ ଉରୁକୁଳାରୁ ଘନପୁର ୨ କି.ମି. ମାଟି ରାସ୍ତାର ଉନ୍ନତୀକରଣ କରାଯାଉନାହିଁ । ଆମ୍ବପାଳ ପଞ୍ଚାୟତ ୫୫ ନମ୍ବର ଜାତୀୟ ରାଜପଥରୁ ଭାୟା ଖଇରମୁଣ୍ଡା ଦେଇ ବାଦ୍ରୀନାଳି ଗ୍ରାମକୁ ସଂଯୋଗ କରୁଥିବା ୩ କି.ମି. ରାସ୍ତାକୁ ପ୍ରଧାନମନ୍ତ୍ରୀ ପକ୍କା ସଡକରେ ରାସ୍ତା ନିର୍ମାଣ କରିବା ପାଇଁ ଖଇରାମୁଣ୍ଡା ଗ୍ରାମବାସୀ ୨୧ ଏପ୍ରିଲ ୨୦୧୭ ଓ ୧୨ ଅପ୍ରେଲ ୨୦୨୫ରେ ଜିଲାପ୍ରଶାସନ ଠାରେ ଅଭିଯୋଗ କରିଥିଲେ। ଏହି ରାସ୍ତା ତଳେଥିବା ରେଳ ରାସ୍ତାରେ ଏକ ପୁସିଂ ବ୍ରିଜ୍ ଥିବାବେଳେ ବର୍ଷା ହେଲେ ୨ ଫୁଟ ପାଣି ଗଚ୍ଛିତ ହୋଇରହୁଛି । ଫଳରେ ଗ୍ରାମବାସୀ ଯାତାୟତ କରିବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। କଣ୍ଟେଇକୋଳିଆ ପଞ୍ଚାୟତର କଣ୍ଟେଇକୋଳିଆ ଠାରୁ ଭାୟା ଦେହୁରିସାହି, ଦଳିତସାହି ଦେଇ ଚାରିଖମଣ ପର୍ଯ୍ୟନ୍ତ ୫ କି.ମି.ରାସ୍ତା, ଚାରିଖମଣରୁ ଭାଲିଆତଇଳା ୩ କି.ମି. ରାସ୍ତା ଶୋଚନୀୟ ହୋଇରହିଛି। ରାସ୍ତା ୨ ଟି କୁ ପକ୍କା କରିବା ପାଇଁ ବହୁବାର ଦାବି ହେଉଥିଲେ ମଧ୍ୟ ତାହା ହେଉ ନଥିବାରୁ ଲୋକେ ଖାଲଖମା ରାସ୍ତାରେ ଯାତାୟତ କରୁଛନ୍ତି । ସେହିପରି ନାକିଚି ପଞ୍ଚାୟତ କମରେଇ ଠାରୁ ଭାୟା ଟକବା ଦେଇ ଉଡଲ ୧୩ କି.ମି. ରାସ୍ତା ପକ୍କା କରାଯାଉନାହିଁ । ରାସ୍ତାଟି ଜଙ୍ଗଲ ବିଭାଗ ଅଧୀନରେ ଥିବାବେଳେ ଆର୍‌ଡି କିମ୍ବା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେଉନାହିଁ। ଜଙ୍ଗଲ ପରିବେଶରୁ ଅନୁମତି ମିଳୁନଥିବା ଯୋଗୁ ରାସ୍ତାଟି ପକ୍କା ହୋଇପାରୁନାହିଁ । ଟକବା ଠାରେ ଏକ ବଙ୍ଗଳା ଜଙ୍ଗଲ ବିଭାଗ ପକ୍ଷରୁ ଥିବାବେଳେ ପିକ୍‌ନିକ୍ ସମୟରେ ବହୁ ପର୍ଯ୍ୟଟକ କଦର୍ଯ୍ୟ ରାସ୍ତା ଯୋଗୁ ଆସିପାରୁ ନାହାନ୍ତି। ଏନେଇ ଉଡଲ ଗ୍ରାମବାସୀ ୨୩ ମେ ୨୦୧୫, ୨୦ ଜୁନ୍ ୨୦୨୩ରେ ପକ୍କା ରାସ୍ତା ପାଇଁ ଜଙ୍ଗଲ ବିଭାଗ ଉଚ୍ଚଅଧିକାରୀଙ୍କୁ ଦାବିପତ୍ର ଦେଇଥିବାବେଳେ କୌଣସି ସୁଫଳ ମିଳୁନାହିଁ। ମାଟିରାସ୍ତାକୁ ପକ୍କା ନିର୍ମାଣ କରାଯାଉ ନ ଥିବାରୁ ଗମନାଗମନ କ୍ଷେତ୍ରରେ ବହୁ ଅସୁବିଧା ସୃଷ୍ଟି ହେଉଛି। ଏଥିପ୍ରତି ସରକାର ଓ ସ୍ଥାନୀୟ ବିଧାୟକ ଦୃଷ୍ଟିଦେଇ ତୁରନ୍ତ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ମଧୁସ୍ମିତା ଦଳେଇ କହିଛନ୍ତି, କିଶୋରନଗର ଓ ଆଠମଲ୍ଲିକ ବ୍ଲକରେ ୧୧୯ଟି ମାଟି ରାସ୍ତାକୁ ନୂତନ ଭାବେ ପିଚୁ ରାସ୍ତା ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଏହା ମଞ୍ଜୁର ହେଲେ ରାସ୍ତା ନିର୍ମାଣ କରାଯିବ।

## ଏମାନଙ୍କ ମତରେ...

### ରାସ୍ତା ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ



ଅନେକ ରାସ୍ତା ବର୍ଷାରେ କାଦୁଅ ପୂର୍ଣ୍ଣ ହେଇଯାଉଛି । ସେଗୁଡିକୁ ବର୍ଷା ପୂର୍ବରୁ ମରାମତି କରାଯାଉ ନ ଥିବା ଯୋଗୁ ବର୍ଷା ଆସିଲେ ଲୋକେ ଯାତାୟାତ ପାଇଁ ଚିନ୍ତା ବଢିଯାଉଛି । ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି । ତୁରନ୍ତ ପଦେକ୍ଷେପ ନିଆଯାଉ।

**ଲୋକନାଥ ଦେହୁରି, ନାଗା ଝରଣ**

### ପିଚୁ ରାସ୍ତା ପାଇଁ ପ୍ରଶାସନ ନିକଟରେ ଦାବି କରାଯାଉଛି



ହଣ୍ଡପା ପଞ୍ଚାୟତର ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ କିଭଳି ଗମନାଗମନ କ୍ଷେତ୍ରରେ ସୁବିଧା ହେବ ସେନେଇ ପଞ୍ଚାୟତ ବିଭାଗ ପକ୍ଷରୁ ପଦେକ୍ଷେପ ନିଆଯାଉଛି । ଏପରିକି ଏମ୍‌ଏନ୍‌ଆରଆଇଜିଏସ୍ ଦ୍ୱାରା ମାଟି ରାସ୍ତାର ଉନ୍ନତୀକରଣ କରାଯାଉଛି । ପିଚୁ ରାସ୍ତା ପାଇଁ ମଧ୍ୟ ପ୍ରଶାସନକୁ ଦାବି କରାଯାଇଛି।

**ରଶ୍ମିତା ପ୍ରଧାନ, ସରପଞ୍ଚ ହଣ୍ଡପା**

### ରାସ୍ତା ପକ୍କା ନ ଥିବାରୁ ସରକାରୀ ଯୋଜନା ପହଞ୍ଚି ପାରୁନାହିଁ



ଅନେକ ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳକୁ ପକ୍କା ରାସ୍ତା ନଥିବା ଫଳରେ ଉକ୍ତ ଗ୍ରାମ ଗୁଡିକରେ ସରକାରୀ ଯୋଜନା ଠିକ୍ ଭାବେ ପହଞ୍ଚି ପାରୁନାହିଁ । ସମସ୍ତ ମାଟିରାସ୍ତାକୁ କଂକ୍ରିଟ୍ କରଣ କରାଯାଉ।

**ଅଭିରାମ ସାହୁ, କଣ୍ଟେଇକୋଳିଆ**

### ବହୁ ନେତା ପିଚୁ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପୂରଣ ହେଉନାହିଁ



ଏହି ଗ୍ରାମରେ ଥିବା ମାଟି ରାସ୍ତାଟି ସାମାନ୍ୟ ବର୍ଷା ହେଲେ କାଦୁଅ ହୋଇପଡୁଛି। ଉକ୍ତ ରାସ୍ତାକୁ ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ବହୁବାର ଦାବି ହେଉଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଫଳରେ ବର୍ଷା ହେଲେ ଗ୍ରାମବାସୀ କାଦୁଅରେ ଯାତାୟାତ କରୁଛନ୍ତି। ବହୁ ନେତା ପିଚୁ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପୂରଣ କରୁନାହାନ୍ତି ।

**ଦିଲୀପ କୁମାର ପ୍ରଧାନ, ଅର୍ଜ୍ଜୁନଧରା ଗ୍ରାମ**

# ଦନ୍ତାର ରାସ୍ତା ଅବରୋଧ, ଲୋକେ ଛାନିଆ



ବଇଣ୍ଡା,୨୨।୬(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଉରୁକୁଳା ଗ୍ରାମରେ ଶନିବାର ଏକ ଦନ୍ତା ହାତୀ ଉପଦ୍ରବ କରିଥିବାବେଳେ ରବିବାର ଉକ୍ତ ହାତୀଟି ନାକିଚି ଉରୁକୁଳା ପୂର୍ତ୍ତ ବିଭାଗ ରାସ୍ତାରେ ଦେଖିବାକୁ ମିଳିଛି। ହାତୀଟି ରାସ୍ତା ଉପରକୁ ଆସି ଗର୍ଜନ କରିଥିବାରୁ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ହାତୀଟି ରାସ୍ତା ମଝିରେ ପ୍ରାୟ ୨ ଘଣ୍ଟା ରହି ବିଭିନ୍ନ ବୃକ୍ଷରୁ ଡାଳ ଭାଙ୍ଗିବା ଯୋଗୁ ଗମନାଗମନ ସମ୍ପୂର୍ଣ୍ଣ ଠପ୍ ହୋଇ ପଡ଼ିଥିଲା। ହତୀକୁନେଇ ସ୍ଥାନୀୟ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ଭୟଭୀତ ଅବସ୍ଥାରେ ଥିବାବେଳେ ତାକୁ ଘଉଡାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏଥିସହ ହାତୀ ଦ୍ୱାରା କ୍ଷତି ହୋଇଥିବା ଚାଷୀଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାପାଇଁ ଦାବି ହୋଇଛି ।

# ନବୀନଙ୍କ ପାଇଁ ବିଜେଡି ତରଫରୁ ସାମୂହିକ ଦୀପଦାନ ଓ ପୂଜାର୍ଚ୍ଚନା

କାମାକ୍ଷାନଗର,୨୨।୬(ସୁଧୀର କୁମାର ପରିଡ଼ା)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ରବିବାର ମୁମ୍ବାଇଠାରେ ସଫଳ ଅସ୍ତ୍ରୋପ୍ରଚାର ହୋଇଯାଇଛି। ଖୁବ୍‌ଶୀଘ୍ର ନବୀନଙ୍କ ସୁସ୍ଥତା ଓ ନିରାମୟ ଜୀବନ କାମନା କରି କାମାକ୍ଷାନଗର ବିଜେଡି ତରଫରୁ ଏକ ସାମୂହିକ ଦୀପଦାନ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶତାଧିକ ଦଳୀୟ କର୍ମୀ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ସ୍ଥାନୀୟ ହନୁମାନ ମନ୍ଦିରଠାରେ ନବୀନଙ୍କ ସୁସ୍ଥତା କାମନା କରି ହନୁମାନଙ୍କ ନିକଟରେ ଦୀପଦାନ କରି ଦୀର୍ଘାୟୁ କାମନା ସହ ପୂଜାର୍ଚ୍ଚନା କରିଥିଲେ। ଏଥିରେ କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ସମସ୍ତ କାଉନସିଲର, ଦଳୀୟ ନେତା, ବହୁ ଶୁଭେଚ୍ଛୁ ଓ ନବୀନ ପ୍ରେମୀ ଉପସ୍ଥିତ ଥିଲେ।

# ଜରପଡ଼ା ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କ ପରଲୋକ

ଛେଣ୍ଡିପଦା,୨୨।୬(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ପତିତପାବନ ଯୁକ୍ତ ୨ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଜଗବନ୍ଧୁ ସାହୁ(୭୨)ଙ୍କ ହୃଦଘାତରେ ପରଲୋକ ଘଟିଛି। ସୂଚନା ଅନୁଯାୟୀ, କଣିହାଁ ବ୍ଲକ ଘଣ୍ଟିଆନାଳି ଗ୍ରାମର ଜଗବନ୍ଧୁ ସାହୁ ଅନୁଗୋଳ ସୌଭାଗ୍ୟନଗର ସ୍ଥିତ ବାସ ଭବନରେ ଗତ ଗୁରୁବାର ସକାଳେ ଗାଧୁଅଘରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଶନିବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରଲୋକରେ ଛେଣ୍ଡିପଦା, ଜରପଡ଼ା, ଅନୁଗୁଳ ଓ କଣିହାଁ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ରବିବାର ତାଙ୍କ ମୃତ ଶରୀରକୁ ଜରପଡା ପତିତପାବନ ବିଦ୍ୟାଳୟକୁ ଅଣାଯାଇଥିଲା । ସେଠାରେ ବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଶେଷଦର୍ଶନ କରିଥିଲେ।

# ବୋଲେରୋ ସହ ୨ ବାଇକ୍ ଜବତ, ୨୬ ଗୋରୁ ଉଦ୍ଧାର

ପରଜଙ୍ଗ,୨୨।୬(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡିଠାରୁ ଅଳ୍ପଦୂର ୧୪୯ ନଂ ଜାତୀୟ ରାଜପଥ ଝରଣ ବାହାଳ ଗ୍ରାମଠାରୁ କିଛି ବାଟ ଭିତରକୁ ଗଲେ ଏକ ଜଙ୍ଗଲ ରହିଛି। ଉକ୍ତ ଜଙ୍ଗଲରୁ ରବିବାର ବିଶେଷ ସୂତ୍ରରୁ ଖବରପାଇ ପରଜଙ୍ଗ ଥାନା ଏସ୍ଆଇ ଦେବଗ୍ରହି ମହାନ୍ତି, ଏଏସ୍ଆଇ ଯୁଗଳ ପ୍ରଧାନଙ୍କ ସମେତ ପୋଲିସ ଫୋର୍ସ ଅତର୍କିତ ଭାବେ ଚଢାଉ କରିଥିଲେ। ଚଢ଼ାଉ ବେଳେ ଗୋ ଚାଲାଣକାରୀଙ୍କ ସମେତ ଗୋ ମାଫିଆ ଛତ୍ର ଭଙ୍ଗ ଦେଇଥିଲେ। ତେବେ ପୋଲିସ ସେଠାରୁ ଏକ ଗୋରୁ ବୋଝେଇ ବୋଲେରୋ ସହ ୨ଟି ବାଇକ୍‌କୁ ଜବତ କରିଛି। ସୂଚନା ଅନୁଯାୟୀ, ଦୀର୍ଘ ବର୍ଷ ହେବ ଗୋ ମାଫିଆ ଆଖପାଖ ହାଟ କିମ୍ବା ଘରଘର ବୁଲି ଗୋରୁ ପୋଷିବା ଉଦ୍ଦେଶ୍ୟରେ ଲୋକଙ୍କ ଠାରୁ ଗୋରୁ କିଣି ଉକ୍ତ ଜଙ୍ଗଲରେ ରଖିଥାନ୍ତି। ପ୍ରାୟ୨୦/୨୫ ଟି ଗୋରୁହେଲେ ଗୋ ଚାଲାଣକାରୀଙ୍କ ସହ ଯୋଗାଯୋଗ କରି ଗାଡ଼ିରେ ଗୋରୁଗୁଡ଼ିକୁ କେନ୍ଦୁଝର ଅଞ୍ଚଳଦେଇ ପଶ୍ଚିମବଙ୍ଗକୁ ଚାଲାଣ କରି ଆସୁଛନ୍ତି। ଘଟଣାସ୍ଥଳରୁ ପୋଲିସ କେନ୍ଦୁଝର ଅଞ୍ଚଳର ଗାଡ଼ି ମାଲିକ, ଚାଳକଙ୍କ ସମେତ ମୋଟ ୫ ଗୋଚାଲାଣକାରି ଫେରାର୍ ହୋଇଥିବା ସୂଚନା ମିଳିଛି। ଉଦ୍ଧାର ଗୋରୁକୁ ସ୍ଥାନୀୟ ଅଞ୍ଚଳର ଆଗ୍ରହୀ ଚାଷୀଙ୍କୁ ପାଳନ ପାଇଁ ଆଧାର କାର୍ଡ ରଖି ପ୍ରଦାନ କରାଯାଇଛି। ଏହାଛଡ଼ା ଗୋରୁଗୁଡ଼ିକୁ ବିକ୍ରି ନ କରିବାକୁ ସେମାନଙ୍କୁ କୁହାଯାଇଛି। ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାରେ ଗାଡ଼ି ମାଲିକଙ୍କ ସହ ୫ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସେମାନଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ଧୀରେନ କୁମାର ବେହେରା ସୂଚନା ଦେଇଛନ୍ତି। ଜବତ ବୋଲେରୋ ସହ ୨ ବାଇକ୍‌କୁ ଦଦରାଘାଟି ଫାଣ୍ଡିରେ ରଖାଯାଇଛି ।

# ଅସହାୟ ମହିଳାଙ୍କୁ ହିଙ୍ଗୁଳା ପାଠାଗାର ପକ୍ଷରୁ ସହାୟତା ପ୍ରଦାନ

ତାଳଚେର, ୨୨।୬ (ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା’ ହିଙ୍ଗୁଳା ପାଠାଗାର ପକ୍ଷରୁ ଗୋଟିଏ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ତାଳଚେର ପୌରାଞ୍ଚଳର ୧୦ ନମ୍ବର ୱାର୍ଡରେ ବାସ କରୁଥିବା ଅସହାୟ ବିଧବା ମହିଳା ବବି ବେହେରାଙ୍କ ମା’ଙ୍କ ମୃତ୍ୟୁ ହେବାରୁ ଶୁଦ୍ଧିକ୍ରିୟା ନିମନ୍ତେ ତାଙ୍କ ପାଖରେ ଆବଶ୍ୟକ ସମ୍ବଳ ନଥିଲା। ପର ଘରେ ବାସନ ମାଜି ସେ କଷ୍ଟମଷ୍ଟେ ନିଜ ଦୁଇ ନାବାଳକ ଶିଶୁ ପୁଅ ଝିଅଙ୍କୁ ନେଇ ନିଜର ଗୁଜୁରାଣ ମେଣ୍ଟାଉଥିଲେ । ଏଭଳିସ୍ଥଳେ ମା’ଙ୍କ ଶୁଦ୍ଧିକ୍ରିୟା ପାଇଁ ସେ ଅସମର୍ଥ ଥିବା ଖବର ପାଇ ମା’ ହିଙ୍ଗୁଳା ପାଠାଗାର ପକ୍ଷରୁ ଆବଶ୍ୟକ ସହାୟତା ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, କୋଷାଧ୍ୟକ୍ଷ ଦୟାନିଧି ସାହୁ, ସନ୍ଦୀପ କୁମାର ସାହୁ ଓ ସ୍ୱେଚ୍ଛାସେବୀ ବାପି ମହାନ୍ତି ପ୍ରମୁଖ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଚାଉଳ, ଡାଲି, ତେଲ ପ୍ରଭୃତି ଖାଦ୍ୟ ସାମଗ୍ରୀ ଓ ଲୁଗା, ଶାଢୀ, ଲୁଙ୍ଗି, ଗାମୁଛା ଇତ୍ୟାଦି ପ୍ରଦାନ କରିଥିଲେ ।

# ଶ୍ରୀରାମଚନ୍ଦ୍ର ବେଦ ପାଠଶାଳାରେ ଯୋଗ ଶିବିର



ଅନୁଗୋଳ, ୨୨।୬ (ଜ୍ୟୋତିରଞ୍ଜନ ସାହୁ)

କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧୀନ ପରିଚାଳିତ ମହର୍ଷି ସାନ୍ଦିପନୀ ରାଷ୍ଟ୍ରୀୟ ବେଦବିଦ୍ୟା ପ୍ରତିଷ୍ଠାନ, ଉଜ୍ଜୟିନୀ ଦ୍ୱାରା ପରିଚାଳିତ ଶ୍ରୀରାମ ଚନ୍ଦ୍ର ବେଦ ପାଠଶାଳାରେ ବିଦ୍ୟାର୍ଥୀଙ୍କ ଦ୍ୱାରା ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ପଣ୍ଡିତ ସତ୍ୟ ନାରାୟଣ ଦାଶଙ୍କ ନେତୃତ୍ୱରେ ପଣ୍ଡିତ ଦିତିକୃଷ୍ଣ ପାଣିଗ୍ରାହୀ ଗୁରୁଜୀ ଯୋଗ ଶିବିର ସଂଚାଳନ କରିଥିଲେ। ପାଠଶାଳା ୪୧ଜଣ ବିଦ୍ୟାର୍ଥୀ ଏବଂ ୭ ଗୁରୁଜୀ ଭାଗନେଇ ଯୋଗ ଏବଂ ତାର ଉପକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରିଚାଳନା କମିଟି ବା ପ୍ରୟାସ ଫାଉଣ୍ଡେସନର ଅଧ୍ୟକ୍ଷା ବିନୋଦିନୀ ସାହୁ ଉପସ୍ଥିତ ଥିଲେ।

# ନବୀନଙ୍କ ଆରୋଗ୍ୟ କାମନା କରି ୧୦୮ ଦୀପଦାନ

ଭୁବନ,୨୨।୬(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଓ ଏନ୍‌ଏସି ବିଜେଡି ସଙ୍ଗଠନ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳନେତା ନବୀନ ପଟ୍ଟନାୟକଙ୍କ ସାସ୍ଥ୍ୟର ଆରୋଗ୍ୟ କାମନା କରି ରବିବାର ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ୧୦୮ ଦୀପଦାନ କରାଯାଇଛି। ଭୁବନ ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଭୁବନ ବ୍ଲକ ବିଜେଡି ସଭାପତି ରମେଶଚନ୍ଦ୍ର ସାହୁ, ଏନ୍‌ଏସି ଉପାଧ୍ୟକ୍ଷା ମାନିନୀ ସାହୁ, ଏନ୍‌ଏସି କାଉନସିଲର ଗିରିଧାରୀ ସାହୁ, କଳ୍ପନା ବେହେରା, ଜିଲା ପରିଷଦ ସଦସ୍ୟ ସୁବାସ ମାଝୀ, ଦେବେନ୍ଦ୍ର ସାହୁ, ତ୍ରିଲୋଚନ ସାହୁ, ରାକେଶ ଆଏଚ, ଶୁଭକାନ୍ତ ବର୍ଦ୍ଧନ, ରାମଚନ୍ଦ୍ର ସାହୁ, ଗୋବିନ୍ଦ ଭଞ୍ଜ, ରାକେଶ କୁମାର ପୃଷ୍ଟି, ଅରବିନ୍ଦ ମହାଳିକ,ଉଗ୍ରସେନ ବେହେରା, ରମେଶ ଚନ୍ଦ୍ର ବେହେରା, ପିଣ୍ଟୁ ରାଉତ ପ୍ରମୁଖ ଦୀପ ଦାନ କରିଥିଲେ।

# ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲରେ ଯୋଗ ଦିବସ




ଅନୁଗୋଳ ୨୨।୬ (ମାନସ ବିଶ୍ୱାଳ)

ଅନୁଗୋଳ ସହର ସ୍ଥିତ ଆଦର୍ଶ ଇଣ୍ଟରନ୍ୟାସନାଲ ସ୍କୁଲରେ ଶନିବାର ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀମାନେ ମିଳିତ ଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଭାରତୀୟ ଯୋଗ ସଂସ୍ଥାନ, ଅନୁଗୋଳ ଶାଖାର ମୁଖ୍ୟ ସଂଯୁକ୍ତା ପାଲ ଓ ଅନ୍ୟ ସଦସ୍ୟମାନେ ଯୋଗଦେଇ ଦୀପ ପ୍ରଜ୍ୱଳନ କରିବା ସହ ଯୋଗରେ ଆବଶ୍ୟକତା ଓ ଉପକାରିତା ଆଦି ଆଲୋଚନା କରିଥିଲେ। ବିଦ୍ୟାଳୟର ଭାଇସ ଚେୟାରମ୍ୟାନ ଆର୍ଯ୍ୟସୂତା ଧଳ ମଧ୍ୟ ଛାତ୍ରୀଛାତ୍ରଙ୍କ ସହ ଉପସ୍ଥିତ ରହି ଯୋଗକରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ କ୍ଷଣପ୍ରଭା ଲେଙ୍କା ଯୋଗ ଏବଂ ଏହି ଦିନର ଉଦ୍ଦେଶ୍ୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ନୃତ୍ୟ ଶିକ୍ଷୟିତ୍ରୀ ଅନିତା ରାଜଗୁରୁଙ୍କ ନିର୍ଦ୍ଦେଶନାରେ କୁନି କୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ସ୍ୱାଇଁ ଓ ଲସିତାଶ୍ରୀ ମହାନ୍ତି ପରିଚାଳନା କରିଥିବା ବେଳେ ଶୁଭଶ୍ରୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମେରିକାର ଭ୍ରମଣ ସତର୍କତା: ଓଡ଼ିଶାରେ ରାଜନୈତିକ ଝଡ଼

ଭୁବନେଶ୍ୱର,୨୨।୬ (ରବିନାରାୟଣ ଜେନା)

ଅର୍ଥନୀତି ଦୃଷ୍ଟିରୁ ଭାରତ ବିଶ୍ୱର ପ୍ରମୁଖ ତିନି ରାଷ୍ଟ୍ର ମଧ୍ୟରେ ସ୍ଥାନ ପାଇବାକୁ ଉଦ୍ୟମ ଜାରି ରଖିଛି। ଏଥିନିମନ୍ତେ ଦେଶର ପର୍ଯ୍ୟଟନ କ୍ଷେତ୍ରର ବିକାଶ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ପର୍ଯ୍ୟଟନସ୍ଥଳକୁ ଅଧିକରୁ ଅଧିକ ବିଦେଶୀଙ୍କ ଆଗମନ ଦେଶର ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ। ହେଲେ ଓଡ଼ିଶା ସମେତ ଭାରତର ୬ ରାଜ୍ୟକୁ ଆମେରିକା ‘ଅପରାଧପ୍ରବଣ ଅଞ୍ଚଳ’ ଭାବେ ଦର୍ଶାଇ ତା’ର ନାଗରିକଙ୍କ ପାଇଁ ଜୁନ୍ ୧୬ରେ କଠୋର ଭ୍ରମଣ ସତର୍କତା ଜାରି କରିଛି। ତଦନୁଯାୟୀ ୬ ରାଜ୍ୟରେ ଦ୍ରୁତଗତିରେ ବୃଦ୍ଧିପାଉଥିବା ଅପରାଧ ମଧ୍ୟରୁ ବଳାତ୍କାର ଅନ୍ୟତମ ବୋଲି ଦର୍ଶାଯାଇ ଆମେରିକୀୟ ନାଗରିକଙ୍କୁ ସତର୍କ କରାଇ ଦିଆଯାଇଛି। ବିଶେଷକରି ମହିଳା ପର୍ଯ୍ୟଟକଙ୍କୁ ଏକୁଟିଆ ନ ଯିବାକୁ ଆମେରିକାର ପରରାଷ୍ଟ୍ର ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଦେଖିବାକୁ ଗଲେ କିଛି ମାସ ହେଲା ଆମେରିକା ଭାରତ ବିରୋଧୀ କେତେକ ପଦକ୍ଷେପ ନେବାରେ ଲାଗିଛି। ସେଥିମଧ୍ୟରୁ ମେ’ ଦ୍ୱିତୀୟ ସପ୍ତାହରେ ପାକିସ୍ତାନ ସହ ଆତଙ୍କବାଦ ବିରୋଧରେ ଭାରତ ଯୁଦ୍ଧ କରୁଥିବାବେଳେ ଆମେରିକାର ଦୋମୁହାଁ ନୀତି ଦେଖିବାକୁ ମିଳିଥିଲା। ମେ’ ୯ ତାରିଖରେ ପାକିସ୍ତାନକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ୧ ବିଲିୟନ ଆମେରିକୀୟ ଡଲାର ଋଣ ମଞ୍ଜୁର କରିଥିଲା, ଯାହାକି ୱାଶିଂଟନର ବିନା ସମର୍ଥନରେ ଅସମ୍ଭବ। ଏବେ ଆମେରିକା ଭାରତକୁ ସୁଦାନ ଭଳି ଅପରାଧପ୍ରବଣ ଅଞ୍ଚଳ ଭାବେ ଦର୍ଶାଇବାକୁ ଚେଷ୍ଟା କରିଛି। ଏହାଦ୍ୱାରା ଭାରତକୁ ବିଦେଶୀ ନାଗରିକଙ୍କ ଆଗମନ ଗୁରୁତର ଭାବେ ହ୍ରାସ ପାଇବା ଆଶଙ୍କା କରାଯାଉଛି। ଆମେରିକାର ଏହି ଭ୍ରମଣ ସତର୍କତାକୁ ଭାରତର କୂଟନୈତିକ ପରାଜୟ ବୋଲି ଅନେକେ ମତ ଦେଉଛନ୍ତି। ଏନେଇ ରାଜନୈତିକ ଝଡ଼ ମଧ୍ୟ ସୃଷ୍ଟି ହୋଇଛି।

ଆମେରିକାର ଲେଭଲ-୨ ଟ୍ରାଭେଲ ଆଡଭାଇଜରିରେ ଉଲ୍ଲେଖ ଥିବା ଭାରତର ୬ ରାଜ୍ୟ ମଧ୍ୟରେ ଓଡ଼ିଶା ସମେତ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ମେଘାଳୟ ରହିଛି। ବିରୋଧୀ କଂଗ୍ରେସ ଓ ବିଜେଡି ଏହାକୁ ନେଇ କେନ୍ଦ୍ର ଏବଂ ଓଡ଼ିଶାର ଭାଜପା ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ଚରମ ସୀମାରେ ପହଞ୍ଚିଲାଣି। କଂଗ୍ରେସ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କ ଦୃଷ୍ଟିକୁ ଆଣିବାପାଇଁ ବାରମ୍ବାର ଚେଷ୍ଟା କରୁଛି। ହେଲେ ଭାଜପା ସରକାର ପ୍ରସଙ୍ଗକୁ ଆଡ଼େଇ ଚାଲିଛନ୍ତି। ପରିସ୍ଥିତି ଏପରି ହେଲାଣି ଯେ, ଆମେରିକା ଯେଉଁ ଆଡ୍‌ଭାଇଜରି ଜାରି କରିଛି, ସେଥିରେ ଓଡ଼ିଶା ସମେତ ଭାରତ ଉପରେ ଯାତାୟାତରେ ଅଙ୍କୁଶ ଲଗାଇଛି। ଏହା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ଟ୍ରମ୍ପଙ୍କ ନିମନ୍ତ୍ରଣ ଅଗ୍ରାହ୍ୟ କରିଥିବା ନେଇ ବାହୁସ୍ଫୋଟ ମାରୁଥିଲେ। ହେଲେ ଏବେ ଯେଉଁ ଆଡ୍‌ଭାଇଜରି ଆସିଛି ତା’ ଉପରେ ସ୍ପଷ୍ଟୀକରଣ ରଖନ୍ତୁ। ମୋଦି ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବରେ ନାରୀ ନିର୍ଯାତନା ପ୍ରସଙ୍ଗରେ ଗୋଟିଏ ପଦ କହିଲେ ନାହିଁ। ବାସ୍ତବରେ ଟ୍ରମ୍ପ୍ ଏବଂ ମୋଦିଙ୍କ ମଧ୍ୟରେ ସେଭଳି କିଛି ଭଲ ସମ୍ପର୍କ ନାହିଁ ବୋଲି ଭକ୍ତ କହିଛନ୍ତି।

ବିଜେଡିର ବରିଷ୍ଠ ବିଧାୟକ ପ୍ରତାପ କେଶରୀ ଦେବ କହିଛନ୍ତି, ଆମେରିକାର ଏହି ମାର୍ଗଦର୍ଶିକା ଭାରତ ତଥା ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱ ରଖୁଛି। ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ବର୍ଷପୂର୍ତ୍ତି ଉତ୍ସବରେ ଟ୍ରମ୍ପ୍ କିଭଳି ତାଙ୍କୁ ନିମନ୍ତ୍ରଣ କରିଥିଲେ ଏବଂ ସେ ମହାପ୍ରଭୁ ଜଗନ୍ନାଥଙ୍କ ଭୂମିକୁ ଆସିବା ପାଇଁ ତାହାକୁ ଅଗ୍ରାହ୍ୟ କଲେ, ସେନେଇ ଅବତାରଣା କରିଥିଲେ। ହେଲେ ଏବେ ଯେଉଁ ଆଡ୍‌ଭାଇଜରି ଆସିଛି, ତାହାକୁ ରାଜ୍ୟ ସରକାର ବିଶେଷ ଭାବେ ଚିନ୍ତନ କରିବା ଆବଶ୍ୟକ। ଏହି ସମୟ ଉତ୍ସବର ନୁହେଁ, ଆତ୍ମସମୀକ୍ଷା ଓ ମାନସମନ୍ଥନର ବେଳ ବୋଲି ପ୍ରତାପ ଦେବ କହିଛନ୍ତି।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଆମେରିକା ପକ୍ଷରୁ ଯେଉଁ ମାର୍ଗଦର୍ଶିକା ଭାରତ ପରିପ୍ରେକ୍ଷୀରେ ଜାରି ହୋଇଛି, ସେଥିରୁ ତାଙ୍କ ଅସହିଷ୍ଣୁତା ସ୍ପଷ୍ଟ ବାରିହେଉଛି। ରାଜ୍ୟ ସରକାର ମହିଳାମାନଙ୍କୁ ତ୍ୱରିତ୍ ନ୍ୟାୟ ଦେବାପାଇଁ ୬ଟି ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏହାବାଦ୍ ପ୍ରତ୍ୟେକ ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରି ୨୪ରୁ ୭୨ଘଣ୍ଟା ମଧ୍ୟରେ ଆସାମୀକୁ ଗିରଫ କରାଯାଉଛି। ଏହାକୁ ନେଇ ବିରୋଧୀ ଅଯଥାରେ ପ୍ରସଙ୍ଗ କରିବା ଠିକ୍ ନୁହେଁ। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଆମେରିକାରେ ସବୁବେଳେ ଦଙ୍ଗା ହେଉଛି ଏବଂ ଗୁଳିକାଣ୍ଡ ଘଟୁଛି। ଟ୍ରମ୍ପ୍‌ଙ୍କ ଉପରେ କ’ଣ ଆକ୍ରମଣ ହୋଇନି, ନା ହ୍ୱାଇଟ୍ ହାଉସ୍‌କୁ ଟାର୍ଗେଟ୍ କରାଯାଇନି ? ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ଏଭଳି ପରିବେଶ ପୃଥିବୀରେ ମିଳିବନି। କାଁ ଭାଁ ସମସ୍ୟା ଲାଗିରହିବ। ଆମେ ତାକୁ ଦୃଢ଼ହସ୍ତରେ ଦମନ କରୁଛୁ। ଆପରାଧିକ କାର୍ଯ୍ୟକଳାପକୁ ଆମ ସରକାର ଆଦୌ ବରଦାସ୍ତ କରୁନାହିଁ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଭାରତ ବିକାଶ ଆଡ଼କୁ ତୀବ୍ର ଗତିରେ ମୁହାଁଇଥିବାବେଳେ ଆମେରିକା ଏଭଳି ଆଡ୍‌ଭାଇଜରି ଜାରି କରି ନିଜ ଅସହିଷ୍ଣୁତାର ପରିଚୟ ଦେଇଛି।





# ସ୍ତ୍ରୀଙ୍କୁ ମାଡ଼ ସହ ନିର୍ଯାତନା ଅଭିଯୋଗ

ବଇଣ୍ଡା,୨୨।୬(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଇଚ୍ଛାପୁର ଗ୍ରାମର ପ୍ରଭାତୀ ମାଝୀଙ୍କୁ ତାଙ୍କ ସ୍ୱାମୀ ମହେନ୍ଦ୍ର ମାଝୀ ଯୌତୁକ ନିର୍ଯାତନା ଦେବା ସହ ମାଡ଼ ମାରିଥିବା ପ୍ରଭାତୀ ଶନିବାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୧୮/୨୫ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ପ୍ରଭାତୀ ୨୦୦୮ ମସିହାରେ ମହେନ୍ଦ୍ରଙ୍କ ସହ ବୈଦିକ ରୀତିରେ ବିବାହ କରିଥିଲେ । ସେହି ସମୟରେ ପ୍ରଭାତୀଙ୍କ ପରିବାର ଲୋକେ ତାଙ୍କ ସକ୍ଷମ ଅନୁଯାୟୀ ଯୌତୁକ ଦେବା ସହ ବିଭିନ୍ନ ଆସବାବପତ୍ର ଦେଇଥିଲେ। ହେଲେ ମହେନ୍ଦ୍ର କିଛି ଦିନ ହେବ ବିନା କାରଣରେ ତାଙ୍କୁ ମାଡ଼ ମାରୁଛନ୍ତି । ପ୍ରଭାତୀଙ୍କୁ ତାଙ୍କ ବାପଘରୁ ଅଧିକ ଟଙ୍କା ଆଣିବା ପାଇଁ କହିବା ସହ ଏକ ଛୁରୀରେ ଆକ୍ରମଣ କରିଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ।

# ଢେଙ୍କାନାଳ ନାମକରଣ ଦିବସ ସମାରୋହ ୨୮ରେ

ଢେଙ୍କାନାଳ,୨୨।୬(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଦଧିବାବନ ଜୀଉ ମନ୍ଦିର ପ୍ରାଙ୍ଗଣରେ ରବିବାର ସିଦ୍ଧଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ଢେଙ୍କାନାଳ ନାମକରଣ ଦିବସ ସମାରୋହ ଆସନ୍ତା ୨୮ ତାରିଖରେ ହେବ ବୋଲି ନିଷ୍ପତ୍ତି ହୋଇଛି। ଇତିହାସ ପୃଷ୍ଠାରୁ ଜଣାପଡିଛି ଯେ, ପ୍ରାଚୀନ ଢେଙ୍କାଗଡରେ ଢେଙ୍କା ଶବର ନାମକ ଜଣେ ଶବର ରାଜା ରାଜୁତି କରୁଥିଲେ । ସେ ଅତ୍ୟନ୍ତ ବଳଶାଳୀ ଥିଲେ । କାଳକ୍ରମେ ବେଶାଳିଆ ରାଜା ଶ୍ରୀଧର ଭଞ୍ଜ ଯୁଦ୍ଧକରି ଢେଙ୍କା ଶବରକୁ ପରାସ୍ତ କରିଥିଲେ। ତାଙ୍କୁ ହତ୍ୟା କରିବା ପୂର୍ବରୁ ନିଜର ଶେଷଇଚ୍ଛା ପ୍ରକାଶ କରିବା ନିମନ୍ତେ ରାଜା ଶ୍ରୀଧର ଭଞ୍ଜ ପଚାରିବାରୁ, ଢେଙ୍କା ଶବର ନିଜର ମୁଣ୍ଡକୁ ପୂଜା କରିବା ସହିତ ବିଭିନ୍ନ ନାଳୀରେ ତାର ଦେହକୁ ବିସର୍ଜନ କରି ତାଙ୍କ ନାମ ଅନୁସାରେ ରାଜ୍ୟର ନାମ ଢେଙ୍କାନାଳ ରଖିବା ପାଇଁ କହିଥିଲେ । ନଚେତ ମୋ ପରି ରାଜ୍ୟ ହରାଇବ ବୋଲି ମଧ୍ୟ କହିଥିଲେ । ପରେ ଢେଙ୍କା ଶବରକୁ ହତ୍ୟା କରାଯାଇଥିଲା । ଢେଙ୍କା ଶବରଙ୍କ କଥାକୁ ଶ୍ରୀଧର ଭଞ୍ଜ ଅଣଦେଖା କରିଥିଲେ । ଫଳରେ ପରେ କରମୂଳ ପାଟଣା ରାଜା ହରିସିଂହ ବିଦ୍ୟାଧର ରାଜ୍ୟ ଜୟ କରିବା ନିଶାରେ ୧୫୮୧ ମସିହାରେ ବେଶାଳିଆ ଆକ୍ରମଣ କରି ରାଜା ଶ୍ରୀଧର ଭଞ୍ଜଙ୍କୁ ପରାସ୍ତ କରିଥିଲେ। ଏହି ଯୁଦ୍ଧ ୧୦ଦିନ ଧରି ହୋଇଥିଲା । ଶ୍ରୀଗୁଣ୍ଡିଚା ଦିନ କରମୁଳ ରାଜା ହରିସିଂ। ବିଦ୍ୟାଧର ବିଜୟୀ ହୋଇଥିଲେ । ସେ ଯୁଦ୍ଧରେ ପରାଜିତ ଶ୍ରୀଧର ଭଞ୍ଜଙ୍କୁ ନିଜର ଶେଷଇଚ୍ଛା ପଚାରିଥିଲେ । ସେହି ସମୟରେ ଶ୍ରୀଧର ଭଞ୍ଜ ତାଙ୍କୁ ଢେଙ୍କା ଶବରଙ୍କ କଥାକହି ଢେଙ୍କା ଶବରଙ୍କ ମୁଣ୍ଡକୁ ପୂଜା କରିବା ସହିତ ତାଙ୍କର ନାମ ଅନୁସାରେ ରାଜ୍ୟର ନାମ ରଖିବା ପାଇଁ କହିଥିଲେ, ନଚେତ ତାଙ୍କଭଳି ଦଶା ଭୋଗିବ ବୋଲି ମଧ୍ୟ କହିଥିଲେ । ସେହିଦିନ ଠାରୁ ରାଜା ହରିସିଂ ବିଦ୍ୟାଧର ନିଜର ରାଜ୍ୟର ନାମ ଢେଙ୍କାନାଳ ବୋଲି ନାମକରଣ କରିଥିଲେ । ଶ୍ରୀଗୁଣ୍ଡିଚା ପରଦିନ ନାମକରଣ ଉତ୍ସବ ଓ ବିଜୟ ଦିବସ ପାଳନ କରିଥିଲେ । ଏହାକୁ ସ୍ମରଣ କରିବା ପାଇଁ ଚଳିତବର୍ଷ ପ୍ରଥମକରି ୨୮ ତାରିଖ ଦିନ ରାଜନଅର ନିକଟସ୍ଥ ଢେଙ୍କ ଶବରଙ୍କ ସମାଧୀରେ ଏବଂ ଶ୍ରୀବଳରାମଙ୍କ ଠାରେ ଏବଂ ଢେଙ୍କା ଶବରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ କରାଯିବ । ରାଜବାଟୀର ରଙ୍ଗ ମହଲରେ ପୂର୍ବାହ୍ନ ସାଢେ ୧୦ଟାରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିସହିତ ସ୍ଥାନୀୟ ଗୋପବନ୍ଧୁ ଟାଉନହଲଠାରେ ଅପରାହ୍ନରେ କବିତା ପାଠଚକ୍ର ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସିଦ୍ଧଶ୍ରୀକ୍ଷେତ୍ର ପରିକ୍ରମା ପରିବାରର ମୁଖ୍ୟ ସଂଯୋଜକ ଅବନୀ ମିଶ୍ର ସୂଚନା ଦେଇଛନ୍ତି । ଏହି ସ୍ୱତନ୍ତ୍ର ବୈଠକରେ ପରେଶ ପଟ୍ଟନାୟକ, ନିର୍ମଳା ମହାପାତ୍ର, ପୁରୁଷୋତ୍ତମ ନନ୍ଦ, ମନୋରମା ସିଂହ, ଶତ୍ରୁଘ୍ନ ମାଟି, କମଳ କୁମାର ନନ୍ଦ, ସ୍ନିଗ୍ଧା ନନ୍ଦ ଓ ଦୁର୍ଗାଚରଣ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁବରାଜ ଅମରଜ୍ୟୋତି ସିଂହଦେଓ ଫୋନ୍ ଯୋଗେ ନିଜର ମତାମତ ପ୍ରଦାନ କରିଥିଲେ । ଶୈଳବାଳା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମାମିନା ଦିକ୍ଷିତ ଧନ୍ୟବାଦ ପ୍ରଦାନ କରିଥିଲେ ।



ସିଦ୍ଧଶ୍ରୀକ୍ଷେତ୍ର ପରିକ୍ରମା ପରିବାରର ସ୍ୱତନ୍ତ୍ର ବୈଠକ।

# ଅନ୍ତର୍ଜାତୀୟ ଯୋଗ ଦିବସ



ଗଁଦିଆ କପିଳାସ ଉଚ୍ଚ ମାଧମିକ ବିଦ୍ୟାଳୟରେ ଯୋଗ ଦିବସ

ଗଁଦିଆ,୨୨।୬(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ କପିଳାସ ଉଚ୍ଚ ମାଧ୍ମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ଶନିବାର ପାଳିତ ହୋଇଯାଇଛି । କଲେଜର ଅଧକ୍ଷ ଗୋଲକ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ । କଲେଜର ସମସ୍ତ ଅଧାପିକା,ଅଧାପକ ଓ କର୍ମଚାରୀ ସହ ଛାତ୍ରୀଛାତ୍ର ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କ୍ରୀଡା ଶିକ୍ଷକ ଚିତରଞ୍ଜନ ସାମଲ ଓ ଅଧାପକ ପ୍ରିୟବ୍ରତ ପାତ୍ର ସମସ୍ତଙ୍କୁ ଯୋଗଶିକ୍ଷା ଦେଇଥିଲେ ।

# ସମୀକ୍ଷା କରି ୱାରୀ ଏନର୍ଜିକୁ ଫେରାଇ ଅଣାଯାଉ

ଢେଙ୍କାନାଳ,୨୨।୬(ରତନ ନାୟାର)

## ପୂର୍ବତନ ବିଧାୟକଙ୍କ ନିବେଦନ

ଢେଙ୍କାନାଳ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ନେଉଳପୋଇ ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠିତ ହେବାକୁ ଥିବା ୱାରୀ ଏନର୍ଜି ସୋଲାର କମ୍ପାନୀ ଫେରି ଯାଉଥିବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏ ସଂକ୍ରାନ୍ତରେ ରବିବାର ନିଜ ପ୍ରତିକ୍ରିୟାରେ ପୂର୍ବତନ ବିଧାୟକ ସୁଧିର କୁମାର ସାମଲ ଗଣମାଧ୍ୟମକୁ କହିଛନ୍ତି ଯେ, ୱାରୀ ଏନର୍ଜିକୁ ଫେରାଇ ଆଣିବା ପାଇଁ ସରକାର ଉଦ୍ୟମ କରିବା ନିମନ୍ତେ ଆମେ ନିବେଦନ କରୁଛୁ । ୱାରୀ ଏନର୍ଜି ଆସିବା ପାଇଁ ନେଉଳପୋଇଠାରେ ଦୁଇଦୁଇ ଥର ଶିଳାନ୍ୟାସ ହୋଇଛି । ଦୁଃଖର ବିଷୟ ଆମେ ସାମାଜିକ ଗଣମାଧ୍ୟମ ଓ ଅନ୍ୟ ଗଣମାଧ୍ୟମରୁ ଜାଣିବାକୁ ପାଇଲୁ ଯେ, ୱାରୀ ଏନର୍ଜି ଫେରିଯାଉଛି । ସମସ୍ତଙ୍କର ଆଶା ଥିଲା ଏହି ଶିଳ୍ପ ପ୍ରତିଷ୍ଠା ହେଲେ ୨୫ରୁ ୩୦ହଜାର ଲୋକ ଚାକିରି ପାଇବେ । ବହୁ ଲୋକ ବ୍ୟବସାୟ କରିବେ। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାର ସମୀକ୍ଷା କରି ୱାରୀ ଏନର୍ଜିକୁ ଫେରାଇ ଆଣିବା ନିମନ୍ତେ ଆମେ ନିବେଦନ କରୁଛୁ ବୋଲି ପୂର୍ବତନ ବିଧାୟକ କହିଛନ୍ତି। ଏହି ଅବସରରେ ଜିଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ଗଁଦିଆ ବ୍ଲକ ଉପାଧକ୍ଷା ମମତା ସାମଲ, ଦେଓଗାଁ ସରପଞ୍ଚ ବିଜୟ ଦେହୁରୀ ଓ ସୋରିଶିଆପଦା ସରପଞ୍ଚ ପ୍ରଦୀପ ରାଉତ, ସମବାୟ ନିର୍ଦ୍ଦେଶକ ନରୋତ୍ତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଢେଙ୍କାନାଳରେ ଆଶୀର୍ବାଦ ହସ୍‌ପିଟାଲ ଉଦ୍‌ଘାଟିତ



ଢେଙ୍କାନାଳ,୨୨।୬(ରତନ ନାୟାର)

ଢେଙ୍କାନାଳ ସହର ମହିଷାପାଟ ଛକ ନିକଟରେ ରବିବାର ନୂତନକରି ଆଶୀର୍ବାଦ ହସପିଟାଲ ନାମକ ଏକ ଘରୋଇ ଚିକିତ୍ସାଳୟ ଉଦଘାଟିତ ହୋଇଯାଇଛି। ପ୍ରଥମକରି ୧୫ଶଯ୍ୟା ବିଶିଷ୍ଟ ଏହି ଚିକିତ୍ସାଳୟ କାର୍ଯ୍ୟକ୍ଷମ ହୋଇଛି। ଚିକିତ୍ସାଳୟରେ ଅତ୍ୟାଧୁନିକ ଅସ୍ତ୍ରୋପଚାର ପ୍ରକୋଷ୍ଠ ସମେତ ନବଜାତ ଶିଶୁଙ୍କର ଚିକିତ୍ସା ବ୍ୟବସ୍ଥା ରହିଛି । ଉଦଘାଟନୀ ଉତ୍ସବରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପ୍ରିନ୍ସିପାଲ ପ୍ରତାପଚନ୍ଦ୍ର ପାଣିଗ୍ରାହୀ, ସମାଜସେବୀ ରୋଟାରିଆନ ସାଗରୀକା ମିଶ୍ର, ଆଇନଜୀବୀ ଦେବାଶିଷ ମିଶ୍ର, ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବରିଷ୍ଠ ଚିକିତ୍ସକ ଡା. ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ହସପିଟାଲର ମୁଖ୍ୟ ପ୍ରିୟଙ୍କା ସାହୁ ଓ ଅଜୟ ସାହୁ ଉଦଘାଟନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି କପିଳାସରେ ଦୀପଦାନ




କପିଳାସ ପୀଠରେ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ସମୂହ ଦୀପଦାନ।

ଢେଙ୍କାନାଳ,୨୨।୬(ରତନ ନାୟାର)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଆଶୁ ଆରୋଗ୍ୟ କାମନା କରି ଗଁଦିଆ ବ୍ଲକ ଅଞ୍ଚଳବାସୀଙ୍କ ପକ୍ଷରୁ ରବିବାର ପ୍ରସିଦ୍ଧ ଶୈବପୀଠ କପିଳାସରେ ସମୂହ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଥିଲା। ପୂର୍ବତନ ବିଧାୟକ ସୁଧିର କୁମାର ସାମଲଙ୍କ ସମେତ ଜିଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ସମବାୟ ନିର୍ଦ୍ଦେଶକ ନରୋତ୍ତମ ସାହୁ, ଦେଓଗାଁ ସରପଞ୍ଚ ବିଜୟ ଦେହୁରୀ, ଶୋରିଷିଆପଦା ସରପଞ୍ଚ ପ୍ରଦୀପ ରାଉତ, ଗଁଦିଆ ବ୍ଲକ ଉପାଧକ୍ଷା, ସନ୍ତୋଷ ବିଶ୍ୱାଳ, ବଳରାମ ପରିଡା, ରଞ୍ଜନ ନାୟକଙ୍କ ସମେତ ବହୁ ଅଞ୍ଚଳବାସୀ କପିଳାସ ପୀଠରେ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କଠାରେ ପୂଜାର୍ଚ୍ଚନା କରି ସମୂହ ଦୀପଦାନ କରିଥିଲେ । ଏହି ଅବସରରେ ନବୀନ ପଟ୍ଟନାୟକଙ୍କର ସୁସ୍ଥ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରାଯାଇଥିଲା । ସେ ଖୁବଶୀଘ୍ର ସୁସ୍ଥହୋଇ ଆସି ଓଡିଶାବାସୀଙ୍କର ସେବା କରନ୍ତୁ ବୋଲି ଆହ୍ୱାନ ଦିଆଯାଇଥିଲା । ଏହାପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଶନିବାର ସନ୍ଧ୍ୟାରେ ଢେଙ୍କାନଳ ସହରସ୍ଥିତ ଶ୍ରୀଶ୍ରୀ ସିଦ୍ଧ ବଳରାମଙ୍କ ମନ୍ଦିରରେ ପୂଜାପାଠ ପରେ ସମୂହ ଦୀପଦାନ କରାଯାଇଥିଲା । ନବୀନ ପଟ୍ଟନାୟକଙ୍କର ସୁସ୍ଥ ଓ ନିରାମୟ ଜୀବନ ପାଇଁ ପ୍ରାର୍ଥନା ମଧ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରୋଟାରୀଆନ ସାଗରୀକା ମିଶ୍ର, ଆଇନଜୀବୀ ଦେବାଶିଷ ମିଶ୍ର, ସାମାଜିକ କର୍ମୀ ଅଜୟ ଭଞ୍ଜ, ଗଙ୍ଗାଧର ରାଉତ, ବିନୋଦ ମହାନ୍ତି, ବ୍ରହ୍ମାନନ୍ଦ ସାହୁ, ରଞ୍ଜନ ନାୟକ, କାଉନସିଲର ଶୁଭଲକ୍ଷ୍ମୀ ସାହୁ, ସମାଜସେବୀ ଜ୍ଞାନଚାନ୍ଦ ମିଶ୍ର, ଛାତ୍ରନେତା ଆର୍ଯ୍ୟାନ ଦାସ, ପ୍ରଦୀପ କୁମାର ସାହୁ, ଜ୍ୟୋସ୍ନାରାଣୀ ଦାସ, ସିଲୁ ସାହୁ ଓ ରମେଶ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ସମୂହ ଦୀପଦାନ କାର୍ଯ୍ୟକ୍ରମରେ ସାମିଲ ହୋଇ ନବୀନ ପଟ୍ଟନାୟକଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ ।

# ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ଯୋଗ ଦିବସ

ଢେଙ୍କାନାଳ,୨୨।୬(ରତନ ନାୟାର)

ଢେଙ୍କାନାଳ ଜିଲା ଲେଖକ ସଂସଦ ସଭାଗୃହ ପରିସରରେ ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ୧୧ତମ ଆନ୍ତର୍ଜାତିକ ଯୋଗ ଦିବସ ତଥା ଯୋଗ ସଙ୍ଗମ ଶନିବାର ପାଳନ କରାଯାଇଛି। ୬୦ରୁ ଅଧିକ ସାଦକ ସାଧିକା ଓ ବରିଷ୍ଠ ନାଗରିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଆସନ, ପ୍ରାଣାୟାମ ଏବଂ ଧ୍ୟାନ ଆଦି ଅଭ୍ୟାସ କରିଥିଲେ। ଲେଖକ ସଂସଦର ସଭାପତ ବସନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ସଂପାଦନ କରାଯାଇଥିଲା। ବରିଷ୍ଠ ସାଧକ ଡ. ପୀତବାସ ଷଡ଼ଙ୍ଗୀ, ଦିଲ୍ଲୀପ କୁମାର ମହାନ୍ତି, ପ୍ରଦୀପ କୁମାର ରାଉତ, ବାସନ୍ତୀ ମହାନ୍ତି, ସ୍ୱପ୍ନା ଆଚାର୍ଯ୍ୟ, ଅନସୂୟା ମାଝୀ ଯୋଗ, ପ୍ରାଣାୟାମ ଆଦି ଉପସ୍ଥିତ ଥିବା ବେଳେ କ୍ଷେତ୍ର ପ୍ରଧାନ ପ୍ରତାପ ଚନ୍ଦ୍ର ପତି ଶିବିର ପରିଚାଳନା କରିଥିଲେ।

# ବାରଦା ପଞ୍ଚାୟତରେ ଯୋଗ ଦିବସ



ଢେଙ୍କାନାଳ,୨୨।୬(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ଅନ୍ତର୍ଗତ ବାରଦା ଗ୍ରାମ ପଞ୍ଚାୟତରେ ଯୋଗ ଦିବସ ଶନିବାର ପାଳିତ ହୋଇଯାଇଛି । ବାରଦା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ଅତି ଆନନ୍ଦ ଓ ଉଲ୍ଲାସର ସହିତ ଯୋଗ ଅଭ୍ୟାସ କରିଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଯୋଗ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରଶିକ୍ଷକ ଭାବେ ଯୋଗଦେଇ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ ଅଭ୍ୟାସ କରାଇଥିଲେ । ଯୋଗ ସହଯୋଗୀ ଭାବେ ରସାନନ୍ଦ ସ୍ୱାଇଁ ଯୋଗ ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ । ଗ୍ରାମର ବୟୋଜ୍ୟୋଷ୍ଠ ବ୍ୟକ୍ତି ଚନ୍ଦ୍ରଶେଖର ବରାଳ ସ୍ୱାଗତ ଭାଷଣ ଦେଇ ଶିବିର ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସହଯୋଗୀ ଭାବେ ଭାବଗ୍ରାହୀ ସ୍ୱାଇଁ, ସନ୍ତୋଷ ଖୁଂଟିଆ, ଲକି ସାମଲ, ନାରାୟଣ ସ୍ୱାଇଁ, ଦିଲ୍ଲୀପ ସ୍ୱାଇଁ, ସୁଚିତ୍ରା ସାମଲ ଓ ସସ୍ମିତା ବରାଳ ପ୍ରମୁଖ ଅଂଶଗ୍ରହଣ କରି ସହଯୋଗ ପ୍ରଦାନ କରିଥିଲେ ।

# ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗ

ବଇଣ୍ଡା,୨୨।୬(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଗୁଣ୍ଡୁରୀଝରଣ ଗ୍ରାମରେ ଥିବା ଏକ କୁକୁଡ଼ା ଫାର୍ମରେ କାମ କରୁଥିବା ବାଗେଡିଆ ଥାନା ଖମାର ଗ୍ରାମର ଶୋଭାଙ୍ଗିନୀ ସାହୁଙ୍କୁ ସେହି ଗ୍ରାମର ପ୍ରତାପ ବେହେରା ହତ୍ୟା ଧମକ ଦେଉଥିବା ସହ ଗାଳିଗୁଲଜ କରୁଥିବା ଶୋଭାଙ୍ଗିନୀ ହଣ୍ଡପା ଥାନାରେ ଶନିବାର ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୧୬/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଶୋଭାଙ୍ଗିନୀ ଗୁଣ୍ଡୁରୀଝରଣ ଗ୍ରାମର ଏକ ଫାର୍ମରେ କାମ କରୁଛନ୍ତି । ହେଲେ ଉକ୍ତ ଫାର୍ମକୁ ପ୍ରତାପ କୌଣସି କାରଣ ନ ଥାଇ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ସ୍ୱାମୀ ଓ ତାଙ୍କୁ ହତ୍ୟା କରିବା ପାଇଁ ଧମକ ଦେଉଥିବା ଅଭିଯୋଗ ହୋଇଛି । ଏପରିକି ତାଙ୍କ ମୋବାଇଲକୁ ବିଭିନ୍ନ ମୋବାଇଲରୁ କଲ୍ କରି ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ତଦନ୍ତ ଚଳାଇଥିବା କହିଛି ।

# ସଚ୍ଚିଦାନନ୍ଦ କଲେଜରେ ଯୋଗ ଦିବସ



ଢେଙ୍କାନାଳ,୨୨।୬(ରତନ ନାୟାର)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ୧୧ତମ ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରାଯାଇଛି । ଅନୁଷ୍ଠାନର ଅଧକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜୀବନରେ ଯୋଗର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ର ମାନଙ୍କୁ ଅବଗତ କରିଥିଲେ । ମହାବିଦ୍ୟାଳୟର ଖେଳ ଶିକ୍ଷକ ଚିରଞ୍ଜିବି ବୋଷ ଛାତ୍ରୀଛାତ୍ର ମାନଙ୍କୁ ଯୋଗ ଶିକ୍ଷା ଦେଇଥିବା ବେଳେ ଅଧ୍ୟାପକ ପ୍ରଦୀପ୍ତ କୁମାର ସ୍ୱାଇଁ, ଆଶିଷ କୁମାର ପଣ୍ଡା ମଧ୍ୟ ପିଲାମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ମାନେ ସହଯୋଗ ପ୍ରଦାନ କରିଥିଲେ ।

# ପାଇପ୍ ବ୍ୟବହାର କରୁଥିବା ଗ୍ରାହକଙ୍କୁ ନେଇ ପ୍ଲମ୍ବୋତ୍ସବ




ଢେଙ୍କାନାଳ,୨୨।୬(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠରେ ଥିବା ହୋଟେଲ ନିରୁପମା ସମ୍ମିଳନୀ କକ୍ଷରେ ସ୍କିପର ପାଇପ୍‌ସ ପକ୍ଷରୁ ସହର ଏବଂ ଏହାର ଆଖପାଖ ଅଞ୍ଚଳ ଏବଂ ଜିଲାର ବିଭିନ୍ନ ଅଞ୍ଚଳରେ ପାଇପ ବ୍ୟବହାର କରୁଥିବା ଗ୍ରାହକମାନଙ୍କୁ ନେଇ ରବିବାର ପ୍ଲମ୍ବୋତ୍ସବ ଅନୁଷ୍ଠିତ ହୋଇଥିଲା । ୫୦୦ରୁ ଉର୍ଦ୍ଧ୍ୱ ପାଇପ୍ ବ୍ୟବହାର କରୁଥିବା ବ୍ୟକ୍ତି ବିଶେଷ, ବିକ୍ରେତା ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଏହି କାଯର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସ୍କିପର ପାଇପ୍‌ସର ରାଜ୍ୟ ମୁଖ୍ୟ ସଚ୍ଚିକାନ୍ତ ପାଣିଗ୍ରାହୀ, ଏଏସ୍‌ଏମ୍ ରାଜେଶ କୁମାର ଆଚାର୍ଯ୍ୟ, ଢେଙ୍କାନାଳ ସହରସ୍ଥିତ ରତନବଜାର ଅଞ୍ଚଳର ଯୋଗାଣକାରୀ ସଂସ୍ଥା ଶ୍ରୀଜଗନ୍ନାଥ ସେଲ୍‌ସର ଆଶିଷ କୁମାର ମିତଲ, ଟିଏସ୍‌ଏମ୍ ଅଜିତ ପଟ୍ଟନାୟକ ଏବଂ କଲିକତା ମୁଖ୍ୟ କାର୍ଯ୍ୟାଳୟର ମନଜୟେ ଶର୍ମା ପ୍ରମୁଖ ଯୋଗଦେଇ କମ୍ପାନୀରୁ ଉତ୍ପାଦିତ ପାଇପର ଗୁଣବତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ୨୦ ପ୍ଲମ୍ବର୍ସଙ୍କୁ ବିଭିନ୍ନ ପ୍ରକାର ଉପହାର ପ୍ରଦାନ କରାଯାଇଥିଲା।

# ପ୍ରତିଦିନ ଅଭ୍ୟାସ କଲେ ଦେହ ଓ ମନ ସୁସ୍ଥ ରହେ

## ପିଏମ୍‌ଶ୍ରୀ ବିବି ହାଇସ୍କୁଲରେ ଅନ୍ତର୍ଜାତୀୟ ଯୋଗ ଦିବସ



ଢେଙ୍କାନାଳ,୨୨।୬(ରତନ ନାୟାର)

ଢେଙ୍କାନାଳ ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୫ ଶନିବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଜଳ, ସ୍ଥଳ, ଆକାଶ ବାହିନୀର ସମର ଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ଦଲେଇ, ବରିଷ୍ଠ ଶିକ୍ଷକ ଧ୍ୟାନଚାନ୍ଦ ମିଶ୍ର, ଶିକ୍ଷକ ଦିପ୍ତିଶ କୁମାର ଶତପଥୀ, ଶିକ୍ଷୟିତ୍ରୀ ଅନୁପମା ପଣ୍ଡା, କିରନ୍ମୟୀ ମହାଳିକ, ସ୍ମୃତିସୁଧା ଜେନାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ସମର ଶିକ୍ଷାର୍ଥୀ ଆକାଶ ବାହିନୀ ଚିଫ ଅଫିସର ଡା. ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଯୋଗାସନ ଓ ପ୍ରାଣାୟାମ ପ୍ରତିଦିନ ଅଭ୍ୟାସ କଲେ ଦେହ ଓ ମନକୁ ନିରୋଗ ରହେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାରଙ୍ଗଧର ସାହୁ, ଉପସଭାପତି ସୁପ୍ରଭା ସ୍ୱାଇଁ, ସଦସ୍ୟା ଝରଣା ପାତ୍ର, ମୀନା ନାଏକ, ସୀମାରାଣୀ ସାହୁ, ପ୍ରଭାସିନୀ ସାହୁ, ବିଜୟଲକ୍ଷ୍ମୀ ଜେନା,ଲକ୍ଷ୍ମୀକାନ୍ତ ଜେନା,ଦିଲାବର ହୁସେନ, ବିରଂଚି ନାଏକ, ବରିଷ୍ଠ ଶିକ୍ଷୟିତ୍ରୀ ସୁନିତାବାଳା ଷଡ଼ଙ୍ଗୀ, ସ୍ୱାଗତିକା ରଥ, ସୁଜାତା ପଣ୍ଡା, ଗାଇଡ଼ ଶିକ୍ଷୟିତ୍ରୀ କ୍ଷୀରାବ୍ଧୀ ତନୟା ମହାପାତ୍ର, ସୁଚିତ୍ରା ସାହୁ, ସଂସ୍କୃତ ଶିକ୍ଷୟିତ୍ରୀ ଡ଼ଃ ଅନୁପମା ମିଶ୍ର, କଲ୍ୟାଣୀ ବଡ଼ଜେନା, ଭୂପେନ୍ଦ୍ର ସିଂ ମାଝୀ, କିରଣ କଂଟା, ସ୍ମିତା ପଟ୍ଟନାୟକ, ଅନିତା ସାହୁ, ବରିଷ୍ଠ କାର୍ଯ୍ୟାଳୟ ସହକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଓ ସୁଦର୍ଶନ ସାହୁ, ବାସୁଦେବ ରଣା, ମମତା ବେହେରା, ରୁଦ୍ରାକ୍ଷ ଗଡନାୟକ, ସନ୍ତୋଷ ଜେନା, ନରହରି ଗୋଛାୟତ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ବୃନ୍ଦ ଯୋଗଦାନ କରିଥିଲେ । କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ମିତିସୁଧା ଜେନା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ପବିତ୍ରନଗର,(ନିରୋଜ ପ୍ରଧାନ): ଅନୁଗୋଳ ଜିଲା କଣିହାଁ ଥାନା ଡେରଙ୍ଗ ପଞ୍ଚାୟତ ମହନିପାଳ ଗାଁରେ ରବିବାର ବିଦ୍ୟୁତ୍ ଆଘାତ ଯୋଗୁଁ ଲମ୍ବୋଦର ପ୍ରଧାନ(୩୮)ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଲମ୍ବୋଦରଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସ୍ତ୍ରୀ ଲିପି ପ୍ରଧାନଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁକରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ତଦନ୍ତ ଜାରି ରଖିଛି।

# ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ପୂର୍ବତନ ବିଧାୟକ

ଢେଙ୍କାନାଳ,୨୨।୬(ରତନ ନାୟାର)

**ୱାରୀ କମ୍ପାନୀ ଓହରିଯିବା ଦୁଃଖଦାୟକ**

ଢେଙ୍କାନାଳ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ବେଲଟିକିରି ଓ ନେଉଳପୋଇ ପଂଚାୟତ ମଧ୍ୟରେ ପ୍ରତିଷ୍ଠିତ ହେବାକୁ ଥିବା ୱାରୀ ସୋଲାର କମ୍ପାନୀ ଫେରିଯିବା ଦୁଃଖଦାୟକ ହୋଇଛି ବୋଲି ଶନିବାର ପୂର୍ବତନ ବିଧାୟକ ନବୀନ ନନ୍ଦ ସୂଚନା ଦେଇ କହିଛନ୍ତି । ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇମେଲ୍ ଯୋଗେ ଏକ ପତ୍ର ପଠାଇଛନ୍ତି । ପୂର୍ବତନ ବିଧାୟକଙ୍କ ସୂଚନା ଅନୁଯାୟୀ ୨୫ହଜାର କୋଟି ଟଙ୍କାର ୱାରୀ ସୋଲାର ପ୍ରକଳ୍ପ ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀର ବେଲଟିକିରି ଓ ନେଉଳପୋଇ ପଂଚାୟତ ମଧ୍ୟରେ ପ୍ରତିଷ୍ଠିତ ହେବା ପାଇଁ ଚୂଡାନ୍ତ ନିଷ୍ପତି ହୋଇଥିଲା । ଯାହା ଫଳରେ ଉକ୍ତ ଅଂଚଳର ଜନସାଧାରଣଙ୍କର ସାମାଜିକ, ଅର୍ଥନୀତି, ରାସ୍ତାଘାଟଠାରୁ ଆରମ୍ଭ କରି ସମସ୍ତ ପ୍ରକାର ବିକାଶ ମୂଳକ କାର୍ଯ୍ୟ ହେବା ପାଇଁ ଆଶା ସଂଚାର ହୋଇଥିଲା । କିନ୍ତୁ ହଠାତ୍ କୌଣସି କାରଣ ଦର୍ଶାନଯାଇ ଏହି ସୋଲାର ପ୍ରକଳ୍ପ ଓହରିଯିବା ଏକ ଦୁଃଖଦ ଘଟଣା ହୋଇଛି । ଢେଙ୍କାନାଳ ଏକ ଶିଳ୍ପାଂଚଳର ହବରେ ପରିଣତ ହେବାକୁ ଯାଉଥିବା ବେଳେ ହଠାତ୍ ଏକ କାରଖାନା ପ୍ରତିଷ୍ଠିତ ହେବା ପାଇଁ ନିଷ୍ପତି ହେବାପରେ କାହିଁକି ଫେରିଗଲା, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବା ପାଇଁ ପୂର୍ବତନ ବିଧାୟକ ତଥା ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଂଚର ସଭାପତି ନବୀନ ନନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଘରୋଇ ବିଦ୍ୟାଳୟ ମହାସଂଘର ପ୍ରଥମ ବାର୍ଷିକ ଉତ୍ସବ

ଅନୁଗୋଳ ୨୨।୬ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଘରୋଇ ବିଦ୍ୟାଳୟ ମହାସଂଘର ପ୍ରଥମ ବାର୍ଷିକ ଓ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ସଭାଘରଠାରେ ପାଳିତ ହୋଇଯାଇଛି। ଉତ୍ସବରେ ସଭାପତି ମନୋରଞ୍ଜନ ଗଡ଼ନାୟକ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଘରୋଇ ବିଦ୍ୟାଳୟଗୁଡ଼ିକ ଅର୍ଥ ଉପାର୍ଜନରେ ମନୋଭାବ ନ ରଖି ସେବା ମନୋବୃତି ରଖି ଶିକ୍ଷାଦାନ କରନ୍ତୁ ବୋଲି କହିଥିଲେ।

ଅତିଥି ଭାବରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଓଡିଶା ରାଜ୍ୟ ଘରୋଇ ଫେଡ଼ରେଶନର ଉପସଭାପତି ସିକତା ଦାସ, ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ଆଦର୍ଶ ଇଣ୍ଟରନାସନାଲ ସ୍କୁଲର ଅଧ୍ୟକ୍ଷ ସୁରେନ୍ଦ୍ର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଘରୋଇ ବିଦ୍ୟାଳୟ ଫେଡ଼ରେଶନର ରାଜ୍ୟ କାର୍ଯ୍ୟକାରି ସଭାପତି ଡ଼. କରୁଣାକର ପ୍ରଧାନ, କାର୍ଯ୍ୟକାରୀ ସଭାପତି ସୁମନ୍ତ ବିଶ୍ୱାଳ ଓ ଉପସଭାପତି ଅଜିତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଘରୋଇ ବିଦ୍ୟାଳୟ ଫେଡ଼ରେଶନକୁ ସବୁ ପ୍ରକାର ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ ଫେଡ଼ରେଶନ ସଂଯୋଜକ ହରେକୃଷ୍ଣ ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ଆଠଟି ବ୍ଲକରୁ ୩୪୫ଟି ବିଦ୍ୟାଳୟରୁ ୬୨୫ଜଣ ପ୍ରଧାନଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଯୋଗଦେଇଥିଲେ। ଶେଷରେ ଉପସଭାପତି ଅଜିତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ପୋଖରୀରେ ବୁଡ଼ି ଶିଶୁ ମୃତ

ପାଲଲହଡା,୨୨।୬(ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ଥାନା ଶିଗଡ଼ ପଞ୍ଚାୟତ ନନ୍ଦିନୀପାଲି ଗାଁ ନିକଟସ୍ଥ ପୋଖରୀ କୂଳରେ ଖେଳୁଥିବାବେଳେ ପାଣିରେ ବୁଡି ଜଣେ ୩ ବର୍ଷ ଶିଶୁର ମୃତ୍ୟୁ ଘଟିଛି। ମୃତ ବାଳକର ପରିଚୟ ମିଳି ନ ଥିବାବେଳେ ସେମାନେ ଯାଯାବର ମଲ୍ଲାର ଶ୍ରେଣୀର ବୋଲି ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ପାଲଲହଡା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି। ତେବେ ଯାଯାବର ପରିବାରର ପ୍ରକୃତ ପରିଚୟ ମିଳିପାରିନାହିଁ।

# ନବୀନଙ୍କ ଆରୋଗ୍ୟ କାମନାରେ ସମୂହ ଦୀପଦାନ

ପବିତ୍ରନଗର,୨୨।୬(ନିରୋଜ ପ୍ରଧାନ)

କଣିହାଁ ବ୍ଲକ କର୍ଣ୍ଣପାଳ ପଞ୍ଚାୟତ ଠାରେ ମା' ଲୁଧୁଣୀ ମନ୍ଦିରରେ ରବିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି। କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଯୋଗ ଦେଇଥିଲେ। ଯୁବ ବିଜେଡି କାର୍ଯ୍ୟକର୍ତ୍ତା ସୁବାସ ମହାନ୍ତି ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ କର୍ଣ୍ଣପାଳ ପଞ୍ଚାୟତ ବିଜେଡି ସଭାପତି ଦେବରାଜ ପ୍ରଧାନ, ପରାବିଲ ସଭାପତି ବିରଞ୍ଚି ନାରାୟଣ ସାହୁ, ବିରୂ ସଭାପତି ଅବନୀକାନ୍ତ ଦେହୁରୀ, କୁଲେଇ ସଭାପତି ସତ୍ୟାନନ୍ଦ ଗଡ଼ନାୟକ, ଅର୍କୀଳ ସଭାପତି ଶିବପ୍ରସାଦ ବେହେରା, କରୁଣାକର ପ୍ରଧାନ, ଧ୍ରୁବ ଚରଣ ବିଶ୍ୱାଳ, ରବିଚନ୍ଦ୍ର ରାଉତ, ଗୋକୁଳ ପ୍ରଧାନ, ହର୍ଷ ପ୍ରଧାନ, ପ୍ରଦୀପ ସାମଲ, ଅଜିତ ସାମଲ, ଶିବରାମ ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। ସେହିପରି କଣିହାଁ ବ୍ଲକର ସମଲ, ବାଲିପଶି, ବୁରୁକୁନା, ତାଳପଦା, ଗୁଣ୍ଡୁବା, ରେଙ୍ଗାଳି, ବଜ୍ରକୋଟ, ହରିହରପୁର ପଞ୍ଚାୟତରେ ଥିବା ଦେବାଦେବୀ ପୀଠରେ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା।

---

GOVERNMENT OF ODISHA
FOREST, ENVIRONMENT &
CLIMATE CHANGE DEPARTMENT
No.MM-97

**OFFICE OF THE DIVISIONAL FOREST OFFICER, KHARIAR FOREST DIVISION-766107**

Tel/Fax : 06671-224237, e-mail : dfo.khariar@odisha.gov.in
**Bid Identification No. DFO-KHR-02/2025-26 dated 19.06.2025**
**Letter No. 4186/1F-Acct / Dated, Khariar the 19th June-2025**

**NOTICE INVITING TENDER**

| Sl. No. | Name of the Work | Procurement of Different Planting materials for Planting Season-2025-26 https://nuapada.odisha.gov.in |
|---|---|---|
| 1 | Estimated Cost | Depending upon funds availability |
| 2 | Period & time of completion | 07 days from the date of issue of orders |
| 3 | Date & time of availability of the bid document in the portal | 19.06.2025 to 25.06.2025 |
| 4 | Last date/Time for receipt of bids in the portal | Up to 5.00 P.M. of 25.06.2025 |
| 5 | Date & Time of bid opening | 11.30 hours on Dated 26.06.2025 |
| 6 | Name & Address of the officer inviting Bid | Divisional Forest Officer, Khariar Forest Division, Pin-766107 |

Others can see the details from Notice inviting Tenders, available in website - https://nuapada.odisha.gov.in. Corrigendum if any, shall only be published in the above website.

**Sd./- Divisional Forest Officer**
**Khariar Forest Division**
OIPR-08153/11/0011/2526

---

**OFFICE OF THE SUPERINTENDING ENGINEER (MECH)**
**PORTS & INLAND WATER TRANSPORT, MECHANICAL DIVISION**
C.D.A., SECTOR-6, CUTTACK-14, Phone: 0671-2504177
E-mail: portsniwtm@gmail.com
Letter No. 2053 Date: 20.06.2025

**1st CORRIGENDUM TO REQUEST FOR PROPOSAL VIDE LETTER No. 1899/Dtd.30.05.2025**

No. JJ-23: In pursuance to the Request for Proposal (RFP) vide Letter No. 1899/Dtd.30.05.2025 for the work **"Operation and Maintenance of Slipway, EOT crane (10 MT capacity) & Mechanical Workshop at Ports & IWT, Balugaon Sub-Division, Khordha"** on lease basis is hereby cancelled due to non-participation of any bidders.

**Sd./- Superintending Engineer (Mech.)**
**Ports & IWT Mechanical Division**
**CDA, Sector-6, Cuttack-14**
OIPR-38042/11/0010/2526

---

**Government Of Odisha**
**Office of the Executive Engineer**
**Rural Works Division-II, Nabarangpur, Umerkote**
e-mail - eerwukt@gmail.com & eerwukt@ymail.com
No.O-325
Letter No. : 2326 Date : 20.06.2025

**e-Procurement Notice**

1. Name of the work : Building Works (Composite Tender), 2. Total No. of works : 02 (Two) Nos., 3. Approx. Estimated Cost : Varies from 53.32 Lakhs to 88.71 Lakhs, 4. Class of Contractor : "B" Class of Contractor, 5. Period of completion : As per TCN

| Procurement officer | Bid Identification No. | Availability of tender online for bidding | | Last Date & Time of Seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-II, Nabarangpur, Umerkote | Online Tender/04/RWD-UKT/2025-26 | 26.06.2025 at 11.00 A.M. | 08.07.2025 up to 5.00 P.M. | 07.07.2025 at 01.00 P.M. | 09.07.2025 at 11.00 A.M. | To be intimated separately |

Further details can be seen from the Government website www.tendersodisha.gov.in.




**Sd./- Executive Engineer**
**Rural Works Division-II, Nabarangpur, Umerkote**
OIPR-25103/11/0021/2526

---

**OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH**
(District Child Protection Unit)
Odisha State Child Protection Soceity, W&CD Department,
Govt. of Odisha, Ph.: 06622-273343
Letter No. 208/DCPU/SNG/2025 Date: 20.06.2025

No. g-51: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନେ ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ଲିଟିଲ ଓରଚାଡ଼ ବିଭିଦ, କୁତ୍ରା, ରାଜାବସା, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁମାନଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼**
**ମୋ.ନଂ.: ୯୯୩୮୧୭୦୪୫୦/ଅଫିସ୍: ୦୬୬୨୨-୨୭୩୩୪୩**
**ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼**
**ମୋ. ନଂ.: ୭୯୭୮୯୦୯୦୦୧/ ଅଫିସ୍: ୦୬୬୨୨-୨୭୨୨୬୩**

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ/ବୟସ | ଲିଙ୍ଗ | ରହୁଥିବା ଜାଗା/ ଉଦ୍ଧାର ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ବିଶ୍ୱନାଥ ସିଂ | ୬ | ପୁଅ | ଲିଟିଲ ଓରଚାଡ଼ ବିଭିଦ, କୁତ୍ରା, ରାଜାବସା/ଲାଠିକଟା, ରାଉରକେଲା |  |
| ୨ | କରନ ସିଂ | ୮ | ପୁଅ | ଲିଟିଲ ଓରଚାଡ଼ ବିଭିଦ, କୁତ୍ରା, ରାଜାବସା/ଲାଠିକଟା, ରାଉରକେଲା |  |
| ୩ | ରୁକସାନା ପରୱିନ | ୧୧ | ଝିଅ | ଲିଟିଲ ଓରଚାଡ଼ ବିଭିଦ, କୁତ୍ରା, ରାଜାବସା/ଲାଠିକଟା, ରାଉରକେଲା |  |

OIPR-33064/11/0015/2526 **District Child Protection Officer, Sundargarh**

---

**OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI**

No.C-562 **'e'-Procurement Notice**

**Bid Identification No. 03 / PKDM - 2025-26**
**Letter No.2036** **Date. 19.06.2025**

| | | |
|---|---|---|
| 1 | Name of the work | Preparation of Comprehensive Drainage Master Plan and DPR for Storm Water Drainage System of Paralakhemundi Municipality, in the District of Gajapati, Odisha |
| 2 | Date and time availability of bid documents in the portal | From 20.06.2025 at 10.00 A.M. to 11.07.2025 at 5.00 P.M. |
| 3 | Last date / Time for receipt of bids in the portal | 11.07.2025 at 5.00 P.M. |
| 4 | Submission of Documents (Bid Processing Fee, EMD. Annexure, other documents etc.) by Register Post or Speed Post | On or before 15.07.2025 by 5.00 P.M. |
| 5 | Date and time of opening of bid | 18.07.2025 at 11.00 A.M. |
| 6 | Name and address of the officer Inviting Bid | Executive Officer, Paralakhemundi Municipality |

Further details can be seen from the e-procurement portal "https://tendersorissa.gov.in"

**Sd./- Executive Officer**
**Paralakhemundi Municipality**
OIPR-13145/11/0026/2526

---

**ODISHA PUBLIC SERVICE COMMISSION CUTTACK**

**NOTICE**

**No. 4218 / P.S.C., Dt. 20.06.2025**
**(1R-17-24/25) (DR-V)**

**Assistant Professor (Stage-I) in Psychology**
**(Advertisement No.27 of 2023-24)**

**No.D-111** : It is for information of all concerned that, document verification of **83 (eighty-three)** candidates having **PPSAN** mentioned below for the post of **Assistant Professor (Stage-I) in "Psychology"**, pursuant to Advertisement No.27of 2023/24 shall be held from **01.07.2025 to 05.07.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 01.07.2025 | 10.30 A.M. | P240302746, P240234863, P240269033, P240288424, P240305876, P240305495, P220011351, P240307158, P240309383 & P230134664 **= 10 Candidates** |
| | 2.30 P.M. | P240305557, P240289965, P240303446, P240304306, P240313264, P240287886 & P240308979 **= 07 Candidates** |
| 02.07.2025 | 10.30 A.M. | P240307230, P240309364, P240313306, P230155592, P240277246, P240279069, P240312849, P240307089, P220072766 & P240306913 **= 10 Candidates** |
| | 2.30 P.M. | P240299571, P240312041, P240301967, P240305030, P240306016, P240235377 & P230234685 **= 07 Candidates** |
| 03.07.2025 | 10.30 A.M. | P240292113, P240303562, P240306078, P240307719, P240306343, P230133077, P240234859, P240296791, P240302211 & P240255997 **= 10 Candidates** |
| | 2.30 P.M. | P240272608, P240273340, P240275428, P240286588, P240295508, P240296279 & P240311636 **= 07 Candidates** |
| 04.07.2025 | 10.30 A.M. | P240309590, P240302853, P240270248, P230145613, P240273865, P240286159, P240287446, P240311419, P220063491 & P240253179 **= 10 Candidates** |
| | 2.30 P.M. | P240286898, P240295382, P240299130, P220077195, P240254697, P240263269 & P240284179 **= 07 Candidates** |
| 05.07.2025 | 10.30 A.M. | P220087946, P240297005, P230112757, P240253717, P240310048, P240304142, P240273857, P230156778, P240290652 & P240301879 **= 10 Candidates** |
| | 2.30 P.M. | P240302072, P240306033, P240283284, P220059233 & P240296707 **= 05 Candidates** |

The candidates are required to submit the following documents (both Original & One Set of Self-attested Photocopies) at the time of verification: -

[All the Certificates/Documents should be issued within the last date of Submission of Online Application i.e. 30.05.2024]

1. Hard copy of **"online application form"** indicating their **PPSAN at the top right-hand corner**.
   (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/OTP etc. through OPSC e-Chayan Portal via **www.opscechayan.in**).
2. Three **"passport size photographs"** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (to be downloaded from the website of the Commission) affixed with passport size photographs.
4. H.S.C. or equivalent Certificate in support of declaration of age issued by the concerned Board/Council.
5. Bachelor's Degree Certificate & marksheet issued by the recognized University.
6. Master's Degree Certificate & marksheet in the concerned/ relevant/ allied discipline as mentioned in Appendix- 'B' of the Advt. No.27 of 2023-24 in respect of educational qualification prescribed for the recruitment.
7. M. Phil Certificate & Marksheet.
8. NET/JRF/SET/SLET qualified Certificate.
9. Ph. D Degree Certificate.
10. Conversion Certificate from the concerned University indicating the actual equivalent percentage of marks.
11. Odia Test pass Certificate.
12. Caste Certificate wherever applicable.
13. Identity card issued by the Director of Sports, Odisha in case of Sports Person.
14. Permanent Disability Certificate (indicating permanent disability of 40% or more).
15. One set Xerox copy of Published Research Papers.
16. Teaching/ post-doctoral experience Certificate.
17. Awards.
18. No Objection Certificate from the competent authority in case of Govt. Servants.
19. Any proof of identity.
20. Any other documents as mentioned in Para-9 of the Advertisement No.27 of 2023-24.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on photocopies of the above documents.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above.

**Note : -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**OIPR-12002/11/0249/2526** **Sd./- Secretary**

---

**ODISHA PUBLIC SERVICE COMMISSION CUTTACK**

**NOTICE**

**No. 4271 / P.S.C., Dt. 21.06.2025**
**(1R-17-24/25) (DR-V)**

**Assistant Professor (Stage-I) (College Branch)**
**(Advertisement No.27 of 2023-24)**

**No.D-** : It is for information of all concerned that, the candidates who are shortlisted for Document Verification for the posts of Assistant Professor (Stage-I) (College Branch) Pursuant to Advertisement No.27 of 2023-24, required to submit the following documents (both Original & One Set of Self-attested Photocopies) at the time of verification. All the Certificates/ Documents should be issued within the last date of Submission of Online Application i.e. 30.05.2024.

1. Hard copy of **online application** form indicating their **PPSAN at the top right-hand corner**.
   (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/OTP etc. through OPSC e-Chayan Portal via **www.opscechayan.in**).
2. Three **passport size photographs** (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (to be downloaded from the website of the Commission) affixed with passport size photographs.
4. H.S.C. or equivalent Certificate in support of declaration of age issued by the concerned Board/Council.
5. Bachelor's Degree Certificate & marksheet issued by the recognized University.
6. Master's Degree Certificate & marksheet in the concerned/ relevant/ allied discipline as mentioned in Appendix- 'B' of the Advt. No.27 of 2023-24 in respect of educational qualification prescribed for the recruitment.
7. M. Phil Certificate & Marksheet.
8. NET/JRF/SET/SLET qualified Certificate.
9. Ph. D Degree Certificate.
10. Conversion Certificate from the concerned University indicating the actual equivalent percentage of marks.
11. Odia Test pass Certificate.
12. Caste Certificate wherever applicable.
13. Identity card issued by the Director of Sports, Odisha in case of Sports Person.
14. Permanent Disability Certificate (indicating permanent disability of 40% or more).
15. One set Xerox copy of Published Research Papers.
16. Teaching/ post-doctoral experience Certificate.
17. Awards.
18. No Objection Certificate from the competent authority in case of Govt. Servants.
19. Any proof of identity.
20. Any other documents as mentioned in Para-9 of the Advertisement No.27 of 2023-24.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the photocopies of the above documents.

**OIPR-12002/11/0250/2526** **Sd./- Secretary**

---

**See Career Appointment on every Wednesday & Saturday**

---

# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: ୧୧୩୧୬/IND-II-PH-୧୨୭୮ ତାରିଖ: ୧୮।୦୬।୨୦୨୫

**ବିଜ୍ଞାପନ**

No. CAD-846: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ପେଙ୍ଗୁଇନ୍ ଟ୍ରେଡିଂ ଆଣ୍ଡ୍ ଏଜେନ୍ସିଜ୍ ଲିମିଟେଡ୍, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କୋଇଡ଼ା ତହସିଲ ଅନ୍ତର୍ଗତ ରାଇକେଲା ଏବଂ ତନ୍ତ୍ର ଗ୍ରାମରେ ୪୯.୩୭୨ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ବର୍ତ୍ତମାନ ବିଦ୍ୟମାନ ରାଇକେଲା ଏବଂ ତନ୍ତ୍ର ଲୌହ ଖଣିରୁ ୫.୧୯ ଏମ୍‌ଟିପିଏ (ROM+OB) ମୋଟ ପଦାର୍ଥ ପରିଚାଳନା ସହିତ ଓପନକାଷ୍ଟ ମେକାନାଇଜଡ୍ ଖଣି ପଦ୍ଧତି ମାଧ୍ୟମରେ ଉତ୍ପାଦନ କ୍ଷମତା ୨.୫୯୨ ଏମ୍‌ଟିପିଏରୁ ୪.୯୫ ଏମଟିପିଏକୁ ବୃଦ୍ଧି କରିବା ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୫।୦୭।୨୦୨୫ରିଖ ଦିବା ୧୦.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, ଡେଙ୍ଗୁଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୀତାରାଣୀ ମହାନ୍ତି ହଟିଂ ସ୍କୁଲର ବିପରୀତ ପାର୍ଶ୍ୱରେ ସ୍ଥିତ ମେସର୍ସ ପିଟିଏ ଲିମିଟେଡ୍‌ର ପାର୍କିଂ ଅଞ୍ଚଳରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ସୁନ୍ଦରଗଡ଼।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ରାଉରକେଲା।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲା ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସଦସ୍ୟ ସଚିବଙ୍କ ଆଦେଶକ୍ରମେ**
**ସ୍ୱା./- ମୁଖ୍ୟ ପରିବେଶ ଯନ୍ତ୍ରୀ**
OIPR-08012/11/0282/2526

# ଏକସଙ୍ଗେ ଗ୍ରାଜୁଏଟ ହେଲେ ୧୫ ଯୋଡ଼ା ଯାଆଁଳା



ନ୍ୟୁୟର୍କ

ଆମେରିକାର ନ୍ୟୁୟର୍କ ସହର ଉପକଣ୍ଠସ୍ଥିତ ଲଙ୍ଗ୍ ଆଇଲାଣ୍ଡରେ ଅବସ୍ଥିତ ଫ୍ରେମ୍ଭ୍ରୁ-ଓଲ୍ଡ ବେଥ୍‌ପେଜ୍ ଜନ୍ ଏଫ୍ କେନେଡି ହାଇସ୍କୁଲରେ ଶନିବାର ଗ୍ରାଜୁଏଶନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ସମାରୋହରେ କିଛି ସ୍ୱତନ୍ତ୍ର ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଦ୍ୟାଳୟର ପାସ୍‌ଆଉଟ୍ ବ୍ୟାଚ୍‌ର ପ୍ରାୟ ୫୦୦ ଛାତ୍ରଛାତ୍ରୀ ଗ୍ରାଜୁଏଶନ ଡିଗ୍ରୀ ହାସଲ କରିଥିବା ବେଳେ ସେଥିମଧ୍ୟରୁ ପ୍ରାୟ ୧୫ ଯୋଡ଼ା (୩୦ ଜଣ) ଯାଆଁଳା ଛାତ୍ରଛାତ୍ରୀ ରହିଛନ୍ତି। ଗ୍ରାଜୁଏଶନ ଡିଗ୍ରୀ ହାସଲ କରିଥିବା ୧୫ ଯୋଡ଼ା ଯାଆଁଳାଙ୍କ ମଧ୍ୟରୁ କିଛି ଯୋଡ଼ା ଯାଆଁଳା ଭାଇଭଉଣୀ ମଧ୍ୟ ରହିଛନ୍ତି। ଗୋଟିଏ ବ୍ୟାଚ୍‌ରେ ଏତେ ସଂଖ୍ୟକ ଯାଆଁଳା କିପରି ରହିଛନ୍ତି ବୋଲି ପଚରାଯିବାରୁ, ଗ୍ରାଜୁଏଶନ ଡିଗ୍ରୀ ହାସଲ କରିଥିବା ଅନେକ ଛାତ୍ରଛାତ୍ରୀ ଏହାକୁ ଏକ ସଂଯୋଗ ବୋଲି କହିଥିଲେ। ଏମିଲି ବ୍ରେକ୍ ନାମ୍ନୀ ଜଣେ ଛାତ୍ରୀ ମଜାରେ କହିଥିଲେ, ହୁଏତ ଏଠାକାର ପାଣିରେ କିଛି ରହିଛି। ତାଙ୍କ ଭଉଣୀ ଆମାଣ୍ଡା ବ୍ରେକ୍ କହିଛନ୍ତି, ଏକାଠି ନିଆରା ବ୍ୟାଚ୍‌ରେ ପଢ଼ିବାକୁ ସୁଯୋଗ ମିଳିଥିବାରୁ ସେମାନେ ସମସ୍ତେ ଭାଗ୍ୟବାନ୍। ସେହିପରି ସେମାନଙ୍କ ପରିବାରରେ ମଧ୍ୟ ପୂର୍ବରୁ ଯାଆଁଳା ସନ୍ତାନ ଜନ୍ମ ହୋଇଛନ୍ତି ବୋଲି ଏହି ଅବସରରେ କେତେଜଣ ଛାତ୍ରଛାତ୍ରୀ କହିଥିଲେ। ଗ୍ରାଜୁଏଟ ହେବା ପରେ ଏବେ ଅନେକ ଯୋଡ଼ା ଯାଆଁଳାଙ୍କ ମାର୍ଗ ଭିନ୍ନ ଭିନ୍ନ ହୋଇଯିବ। ଅନେକ ଯୋଡ଼ା ଯାଆଁଳା ଅଲଗା ଅଲଗା ୟୁନିଭର୍ସିଟିରେ ଉଚ୍ଚଶିକ୍ଷା ହାସଲ କରିବେ ବୋଲି ମନସ୍ଥ କରିଛନ୍ତି।

# ମେଟ୍ରୋ ଟ୍ରେନ୍‌ରେ ବୁଲିଲେ ବରୁଣ, ଆହାନ


ବରୁଣ ଧାୱନ

ପୁଣେ

ସମ୍ପ୍ରତି ବହୁ ପ୍ରତୀକ୍ଷିତ ଫିଲ୍ମ 'ବର୍ଡର ୨'ର ଶୁଟିଂ ଜାରି ରହିଛି। ଏବେ ଏହାର ଦ୍ୱିତୀୟ ପର୍ଯ୍ୟାୟ ଶୁଟିଂ ପୁଣେସ୍ଥିତ ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ୍‌ଡିଏ)ରେ ଚାଲିଛି। ଫଳରେ ଫିଲ୍ମର ଷ୍ଟାରକାଷ୍ଟ ଏବଂ କ୍ରିଉ ସଦସ୍ୟମାନେ ଏବେ ପୁଣେରେ ରହିଛନ୍ତି। ଏହି ଅବସରରେ ଫିଲ୍ମର ୨ ଅଭିନେତା ବରୁଣ ଧାୱନ ଏବଂ ଆହାନ ଶେଟ୍ଟୀ ପୁରା ପୁଣେ ସହର ଭ୍ରମଣ ପାଇଁ ନିଷ୍ପତ୍ତି ନେଇଥିଲେ। ଆହାନ ଏହାର ଏକ ଭିଡିଓ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଅପଲୋଡ୍ କରିଛନ୍ତି। ଭିଡିଓରେ ଆହାନଙ୍କ ସହ ବରୁଣ ଏବଂ 'ବର୍ଡର ୨' ଫିଲ୍ମର ଅନ୍ୟ କିଛି କ୍ରିଉ ସଦସ୍ୟ ନଜରକୁ ଆସିଛନ୍ତି। ଉକ୍ତ ଭିଡିଓରେ ବରୁଣ କହୁଛନ୍ତି, ପୁରା ପୁଣେ ସହର ଭ୍ରମଣ କରି ଏବେ ହଇରାଣ ହୋଇଯାଇଛୁ। ତେଣୁ ମେଟ୍ରୋ ଟ୍ରେନ୍‌ରେ ହୋଟେଲକୁ ଯିବା ବ୍ୟତୀତ ସେମାନଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନାହିଁ। ଏହାପରେ ସେ ଏବଂ ଆହାନ ମାସ୍କ ପିନ୍ଧି ମେଟ୍ରୋ ଟ୍ରେନ୍‌ରେ ସାଧାରଣ ଯାତ୍ରୀଙ୍କ ପରି ଠିଆହୋଇ ଯାଉଥିବା ନଜରକୁ ଆସିଛନ୍ତି। ତେବେ ସବୁଠାରୁ କୌତୁହଳର ବିଷୟ ହେଉଛି, ଉକ୍ତ ମେଟ୍ରୋ ଟ୍ରେନ୍‌ରେ ଯାଉଥିବା କୌଣସି ମଧ୍ୟ ଯାତ୍ରୀ ବରୁଣ ଏବଂ ଆହାନଙ୍କୁ ଚିହ୍ନିପାରି ନ ଥିଲେ। ପ୍ରକାଶ ଯେ, 'ବର୍ଡର ୨' ଫିଲ୍ମ ଆସନ୍ତା ବର୍ଷ ଜାନୁଆରୀ ୨୩ରେ ରିଲିଜ୍ ହେବ।

---

## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751 007, Tel : 2545586/2545852, email - serifedodisha@gmail.com, website - www.serifedodisha.in

**INVITATION FOR BIDS (e-Procurement)**

**Bid identification No:- VI-38(06)/SERIFED/2025-26/ 772**

**No.CAD-866** : The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in single cover system in ONLINE MODE only, for the 02 (Two) nos. of works at different places of Odisha. The bid documents such as DTCN/ BOQ etc. can be seen/downloaded from the government website : www.tendersodisha.gov.in during the period dt. 23.06.2025 to 17.00 hours up to dt. 03.07.2025. Online bids shall be received till 17.00 hours dt. 03.07.2025 & shall be opened at 11.30 A.M. on Dt. 04.07.2025. Any addendum / corrigendum / cancellation of tender can also be seen in the said website.

OIPR-39036/11/0056/2526 Sd./- MANAGING DIRECTOR

---

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଓଡ଼ାପଡ଼ା
## OFFICE OF THE PANCHAYAT SAMITI, ODAPADA

At/Po : Hindol Road, Dist.: Dhenkanal, State: Odisha, PIN - 759019, Mail ID: ori-odapada@nic.in, Ph. No. : 06732-256035

Letter No. 3047 Dt.19.06.2025

Tender Call Notice No. 02/2025-26

**CORRIGENDUM**

No. i-172: The tender call notice which was published vide this office letter No. 2946/Dated: 13.06.2025, the website for details of the tender call notice could be seen from the district portal i.e. https://dhenkanal.odisha.gov.in instead of dhenkanal.nic.in.

| | | |
|---|---|---|
| | Total Number of Work | 04 Nos. |
| 1. | Date & time of availability of the bid document in the portal | 20.06.2025 10.00 A.M. to 05.07.2025 5.30 P.M. |
| 2. | Last date/time of receipt of the original bid documents | 05.07.2025 5.30 P.M. |
| 3. | Date of seeking clarification | 30.06.2025 within office hours |
| 4. | Date of Opening | 09.07.2025 11.00 A.M. |
| 5. | Name & Address of the Office | Office of the Block Development Officer, Odapada |

OIPR-19419/11/0007/2526 Sd./- Block Development Officer, Odapada

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଉପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୫୪୧ ଫାକ୍ସ: (୦୬୭୪) ୨୩୯୩୫୬୭, ୱେବସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୦୧ ତା:୧୭।୦୬।୨୫

### ବିଜ୍ଞାପନ

No. CAD-857: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍.ଆଇ.ଜି.-୧-୮୧ (MIG-I-81) କଳିଙ୍ଗବିହାର ହାଉସିଂ ସ୍କିମ୍, ମୂଳତଃ ପ୍ରସାଦ, ଖୋର୍ଦ୍ଧା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ନିରୋଦ ରଞ୍ଜନ ନାୟକ, ପିତା: ଶ୍ରୀ ନିତ୍ୟାନନ୍ଦ ନାୟକ, ସା: କଳ୍ୟାଣ ନଗର, ପୋ: ପଞ୍ଚାୟତ, ଥାନା: ... ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ନିରୋଦ ରଞ୍ଜନ ନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ବିଜୟ କୁମାର ପାଡ଼ୀ, ପିତା: ଶ୍ରୀ ଲକ୍ଷ୍ମଣ ପାଡ଼ୀ, ସା: କଣ୍ଟାବଣିଆ, ପୋ: ... ଥାନା: ... ଜିଲ୍ଲା: ... ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ପୋରେସନ୍‌କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକାର ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0692/2526

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଉପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୫୪୧ ଫାକ୍ସ: (୦୬୭୪) ୨୩୯୩୫୬୭, ୱେବସାଇଟ୍: www.oshb.org

ପତ୍ର ସଂଖ୍ୟା: ୯୮ ତା:୦୪।୦୬।୨୫

### ବିଜ୍ଞାପନ

No. CAD-856: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାଲିଆନ୍ତା ଯୋଜିଆନ୍ ହାଉସିଂ ସ୍କିମ୍, ... ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ. ଏଲ୍.ଆଇ.ଜି.-୭୪ (LIG-74)କୁ ଶ୍ରୀ ପ୍ରଦୀପ ପରିଡ଼ା, ପି.: ଶ୍ରୀ ପଦ୍ମନାଭ ପରିଡ଼ା, ପୋ: ... ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରଦୀପ ପରିଡ଼ା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ... ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ପୋରେସନ୍‌କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକାର ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0693/2526

---

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ପତ୍ର ସଂଖ୍ୟା: 11105/ଭୁ.ଉ.କ., ଭୁବନେଶ୍ୱର ତା: 13.06.25ରିଖ

CPM-II-1669/84

### ସୂଚନା

No. CAD-852: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ. MIG-II-G-8/1କୁ ଶ୍ରୀମତୀ ଜ୍ୟୋତ୍ସ୍ନା ରାଣୀ ଶତପଥୀ, ସ୍ୱାମୀ: ଗୌରାଙ୍ଗ ଚରଣ ଶତପଥୀ, ଗ୍ରାମ: ଉଉରାସାସନ, ପୋଷ୍ଟ: ମଧ୍ୟଶାସନ, ଥାନା/ଜିଲ୍ଲା: ଜଗତସିଂହପୁର, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ବର୍ତ୍ତମାନ ଆବଣ୍ଟନ ଗ୍ରାହୀ ଶ୍ରୀମତୀ ଜ୍ୟୋତ୍ସ୍ନା ରାଣୀ ଶତପଥୀ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସଙ୍ଗୀତା ସ୍ୱାଇଁ, ସ୍ୱାମୀ: ପ୍ରଶାନ୍ତ କୁମାର ବିଶ୍ୱାଳ, ଗ୍ରାମ/ପୋଷ୍ଟ: ଜରିମୂଳ, ଥାନା: ଦେଉିବାରଗଡ଼, ଥାନା: ରାଜଗଡ଼, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ବିଜ୍ଞପ୍ତି ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା. /- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0318/2526

---

## OFFICE OF THE SUPERINTENDING ENGINEER ANGUL IRRIGATION DIVISION, ANGUL

Email: eeangulirrigation@gmail.com

**Quotation Call Notice No.03/2025-26 Dated 19.06.2025 for hiring of private vehicle**

**No.A-323** : Sealed quotations are invited from interested reputed Travel Agencies/Tour Operators/ private individuals for providing one no. of AC Petrol/Diesel driven vehicles of TUV 300/Bolero Neo / Sumo Gold / Ertiga or similar type having sitting capacity not more than ten including driver, which shall conform to the terms and conditions (Appendix -A enclosed in the booklet) for official use of Assistant Executive Engineer, Derjang Aunli Sub Division, Angul and Assistant Executive Engineer, Flood Sub Division, Angul under Angul Irrigation Division, Angul on monthly rent basis:

1) The application form of quotation containing General Bid Information & Terms and Conditions for hiring of Vehicle etc. will be available with the Cashier of this office & can be obtained from **Dtd.20.06.2025 at 10.00 A.M. to Dtd.26.06.2025 by 3.00 P.M.** on the working days during working hours on payment of Rs.1000/- (Rupees one thousand) only per set.
2) The completed quotation in all respect should reach the undersigned on or before **Dtd.26.06.2025 by 3.00 P.M.** and shall be opened on the same day at **4.00 P.M.** in presence of the bidders or their authorized representatives who wish to be present.
3) The Authority reserves the right to cancel or reject quotation call notice without assigning any reason thereof.

Sd./- Superintending Engineer
Angul Irrigation Division, Angul

OIPR-32049/11/0022/2526

---

Office of the
## PANCHAYAT SAMITI, BELPADA

Email Id : ori-belpara@nic.in

**E-PROCUREMENT NOTICE**

**No.i-169** : Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| | | |
|---|---|---|
| 1. | Tender Reference No | 1898_09_06_2025_PS Belpada |
| 2. | Bid identification No | 2025_PRBBP_114369_1 to 2 |
| 3. | Name of the work | As mentioned in DTCN |
| 4. | No. of works | 02 |
| 5. | Estimated cost | As per DTCN |
| 6. | Period of completion | As per DTCN |
| 7. | Date & Time of Bidding | 19.06.2025 at 10 A.M. to 30.06.2025 up to 4.00 P.M. through online only |
| 8. | Last date & time for receipt of bids in the portal | 30.06.2025 up to 4.00 P.M. |
| 9. | Opening of Price Bid | 30.06.2025 up to 4.05 P.M. |
| 10. | Name and address of the Officer inviting Bid | Panchayat Samiti, BELPADA |

Further details can be seen from the procurement portal i.e. https://www.tendersorissa.gov.in

OIPR-19110/11/0005/2526 Sd./- BDO, BELPADA

---

No.2204/18/6/25 No.KK-95

## OFFICE OF THE DIRECTOR OF PHYSICAL PLANTS OUAT, BHUBANESWAR

**"e-Procurement Notice No.02/2025-26**

| | | |
|---|---|---|
| 1 | Name of the work | Different works of OUAT, Bhubaneswar |
| 2 | Total No. of Work | 02 Nos. |
| 3 | Estimated cost | Rs.41.29 lakh to 223.19 lakh approximate |
| 4 | Class of Contractor | As per DTCN |
| 5 | Period of Completion | As per DTCN |
| 6 | Type of tender | Single/Double Cover system |
| 7 | Date and Time of availability of Bid documents in the portal | From Dt.23.06.2025 to 17.00 hrs of dt.07.07.2025 |
| 8 | Last date/Time for receipt of bids in the portal | Dt.07.07.2025 upto 17.00 hrs |
| 9 | Submission of Original documents (TP cost, EMD, Affidavit etc as per DTCN) | During office hours from dt. 08.07.2025 to dt.09.07.2025 upto 17.00 hrs in the office of the undersigned |
| 10 | Date of opening of Bid (Cover-I) through online | Dt.10.07.2025 at 11.30 hrs in the office of the undersigned |
| 11 | Name & address of the O.I.T (Officer Inviting tender) | Director of Physical Plants, OUAT, BBSR |

Further details can be seen from the e-procurement portal https://tendersodisha.gov.in

**N.B. Subsequent corrigendum/addendum if required shall be available in the website as indicated above.**

Sd./- Director of Physical Plants
OUAT, Bhubaneswar

OIPR-01554/11/0017/2526

---

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KENDRAPARA

No. 4984/CDM&PHO, Kendrapara Date: 19.06.2025

### TENDER CALL NOTICE FOR SUPPLY OF BLOOD COLLECTION VAN

No. E-179: Sealed quotations are invited from authorized dealer for supply of one (01) Blood Collection van along with different fitting, fixtures and medical equipments as specified. Details regarding eligibility criteria, terms & conditions and the formats of submission of tender (Technical & Financial Bid) are mentioned in the tender document which may be downloaded from the website: [i.e. https://kendrapara.odisha.gov.in/]. Interested dealers may submit their tenders in a sealed envelope superscribing on the top of the sealed envelope as **"Tender for supply of blood collection van in reference to Advertisement No......... Dtd.......** The tenders should reach the office of the undersigned on or before Dt.25.06.2025 by 01.00 P.M. The tenders will be opened on Dt.25.06.2025 at 04.00 P.M. The undersigned reserves the right to reject any or all the tenders without assigning any reason thereof.

Sd./- Chief District Medical & Public Health Officer, Kendrapara

OIPR-10018/11/0010/2526

---

## GOVERNMENT OF ODISHA

**e-Procurement Notice, Angul Municipality Office, Angul**
**Bid Identification No. - EO/AGLM-05/2025-26**
**Bid Identification No. 2025_ORULB_114591**

e-mail ID - angulmunicipality@gmail.com

No.C-560 **No.2044 Date : 19.06.2025**

1. Number of Works : 01 (one) number of civil work
2. Approximate estimated cost : **Rs.16.94 lakhs** (excluding GST)
3. Period of completion : 06 (six) calendar months
4. Date & Time of availability of bid document in the portal : **Dt.21.06.2025 at 10.00 A.M.**
5. Last date / Time for receipt of bid in the portal : **Dt.04.07.2025 up to 5.00 P.M.**
6. Date of opening Bid : **Dt.05.07.2025 at 11.00 A.M.**
7. Name and address of the Office Inviting Bid : **Executive Officer, Angul Municipality, Angul**
8. The bidders have to participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in

Sd./- S.P. Tripathy
Executive Officer, Angul Municipality

OIPR-13085/11/0041/2526

---

Government of Odisha
**Department of Social Security & Empowerment of Persons with Disabilities**

**Expression of Interest for operation and overall management of Integrated Infrastructure Complex (IIC)**

**No.gg-09** : Department of Social Security & Empowerment of Persons with Disabilities (SSEPD) invites Expression of Interest (EoI) from reputed and interested Corporate Houses for supervision and overall management of Integrated Infrastructure Complexes (IIC) in Khordha, Cuttack, Puri, Bhadrak, Sambalpur, Kandhamal, Ganjam and Sundargarh districts, directly or through any executing agency.

The details of scope of work, schedule of events and general instructions can be downloaded from website https://ssepd.odisha.gov.in/.

Last date and time for submission of EoI documents is up to 4:00 P.M. of 10.07.2025 in the Office of Director, SSEPD, SSEPD Deptt., Lok Seva Bhawan, Bhubaneswar-751001by Speed post/ Registered post / Courier / by hand.

The SSEPD Department reserves the right to accept or reject any or all EoIs without assigning any reason thereof.

Sd./- Director, SSEPD
SSEPD Department

OIPR-46001/11/0048/2526

---

## ODISHA PUBLIC SERVICE COMMISSION

**19, DR. P. K. PARIJA ROAD, CUTTACK-753001**

### NOTICE

**No. 4278/P.S.C., Dt. 21.06.2025**
(DR-IV)(2PF-01-2025-26)

**ADVERTISEMENT NO. 04 OF 2025-26**

**WEBSITE - https://www.opsc.gov.in**

| | |
|---|---|
| I. | VAS/Addl. VAS of Odisha Veterinary Service under F & ARD Deptt. |
| II. | No. of Vacancies - 506 (167-W) |

**No.D-** : Online applications are invited from the prospective candidates through the Proforma application to be made available on the website (**https://www.opsc.gov.in**) for recruitment to **506 (Five Hundred six)** posts of **Veterinary Assistant Surgeon/ Additional Veterinary Assistant Surgeon** in Group - A (Junior Branch-II) of Odisha Veterinary Service under Fisheries & Animal Resources Development Department in the scale of pay of Rs. 56,100/- in Level 12, Cell -1 of Pay Matrix under Rule-3 of the ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.

**2. VACANCY POSITION:**

As per requisition furnished by the Fisheries & ARD Department, Government of Odisha, out of a total of **506 (167-w)** vacancies, 37(12-w) vacancies are for UR category, 79(26-w) vacancies are reserved for SEBC category, 149(49-w) vacancies are reserved for SC category and 241(80-w) vacancies are reserved for ST category.

Also, 49 posts are reserved for Person with Disabilities whose permanent disability is 40% or more, and 13 posts is reserved for Sports Persons.

Candidates belonging to the categories of PWD & Sports persons shall be adjusted against the categories to which they belong.

**3. AGE:**

A candidate must have attained the age of **21(twenty-one)** years and must not be above the age of **42 (Forty-two)** years on the **1st day of January, 2025** i.e., he/she must have been born **not earlier than 2nd January, 1983 and not later than 1st January, 2004.**

**4. EDUCATIONAL QUALIFICATION:**

A candidate must-

a) Possess a **Bachelor's degree in Veterinary Science & Animal Husbandry (B.V.Sc. & A.H.)** or its equivalent degree from any recognized University/College/ Institution in India or abroad.
b) Possess required conversion certificates recognized by Veterinary Council of India (VCI) in case of candidate having Degrees from Universities of Foreign Countries;
c) Possess **valid Registration Certificate** under the Odisha Veterinary Practitioners Act, 1970 (Section 21).

**5. EXAMINATION FEE:**

The examination fee has been exempted to all the categories of candidates as per G.A. & P.G. Department Notification No.9897/Gen., dt.11.04.2022.

**6. METHOD OF SELECTION:**

The selection of candidates for recruitment to the posts of Veterinary Assistant Surgeon/ Additional Veterinary Assistant Surgeon shall be made on the basis of **Written Examination.**

**7. DATE OF EXAMINATION:**

The Written Examination will be held on **31/08/2025 (Sunday).** The detailed Schedule and Centre of Examination will be notified in due course.

***THE LINK FOR ONLINE APPLICATION AND SUBMISSION SHALL BE AVAILABLE IN THE WEBSITE FROM 01.07.2025 to 31.07.2025 (05.00 P.M). (Note: 31.07.2025 is the last date for submission of Registered Online Application)***

The candidates are advised to visit the Website of the Commission at **http://www.opsc.gov.in for detailed information for applying to the above post.**

PLACE : CUTTACK
DATE : 21.06.2025

Sd./- Secretary
Odisha Public Service Commission
Cuttack

OIPR-12002/11/0251/2526

---

## ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି
## OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI

Ph. No.: 7735834480, e-Mail: parala.mply@gmail.com

Notice No. 2048/PKD Dated: 19.06.2025

### QUOTATION CALL NOTICE

**No.C-561** : Sealed quotations/tenders are invited from interested reputed Travel Agencies / Tour Operators/Individuals for providing 01(One) No of Commercial Vehicle AC petrol/ diesel Bolero having sitting capacity not more than 07 including driver for vehicle hire in Paralakhemundi Municipality on monthly rent basis. The DTCN with details terms and condition can be obtained from the office of the undersigned on payment of Rs.2000/- (Rupees Two Thousand) only as quotation paper cost in cash (non-refundable) from date 20.06.2025 to date 30.06.2025. The quotation completed in all respect should reach the undersigned on or before dt 01.07.2025 by 12.00 Noon and shall be opened on the same day at 1.00 PM in presence of the bidders or their authorized representatives. The quotations received beyond the scheduled date time as indicated above due to postal delay or for any other reasons shall not be entertained.

**Eligibility Criteria:**

1. The service provider shall have a valid GST registration to participate in the tendering.
2. The vehicle must be in road worth condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, Valid contract Carriage Permit, proof of up-to date tax payment, etc. mandatory for plying of vehicle.
3. The Driver of the vehicle must have a valid Driving License for driving light transport passenger vehicle and should be sufficient experienced in driving transport/passenger vehicle.
4. The Driver should be well behaved, gentle and obedient in nature.
5. A sum of Rs. 5,000/- shall be deposited by the intending bidders in shape of Account Payee Bank Draft drawn in favour of the Executive Officer, Paralakhemundi Municipality and submitted along with the tender as EMD. After completion of tender process EMD shall be refunded to unsuccessful bidders.
6. The monthly rate of hire charge to be paid after deduction of GST or any other tax as applicable by law is final, excluding fuel which is to be beared by the office separately based on actual consumption.
7. The Vehicle must achieve a fuel efficiency of minimum 10 KM per litre.
8. The details of the make and year of manufacture of the vehicle, registration No., mileage (KM covered per litre) and name of the Driver, Driving License No. and period of validity should be specifically provided in the general bid information to be furnished with the Quotation/tender (Annexure-B).
9. A sum of Rs. 37,200.00 (Maximum) per vehicle should be mentioned including salary of the driver and vehicle charge per month in the financial bid (Annexure-C).
10. The authority reserves the right to accept or reject any or all the tenders without assigning any reason thereof.

Sd./- Executive Officer
Paralakhemundi Municipality

OIPR-13145/11/0027/2526

---

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

No. XXXIII-08

### ନୋଟିସ

**ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ ଏଲ୍.ଏ. କେସ୍ ନଂ.- ୩୫୮/୨୦୨୧**

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ

ବନାମ

୧. ବୃନ୍ଦା ମୁଖୀ ମିଶ୍ର, ୨. ବିଭିସିନୀ ଦେବୀ, ପିତା: ନଟବର ଦାଶ, ୩. ବାସନ୍ତୀ ଦାଶ, ସ୍ୱାମୀ: ନବୀନ ଦାଶ, ୪. ସ୍ୱର୍ଣ୍ଣଲତା ମିଶ୍ର, ୫. ରାଜଶ୍ରୀ ମିଶ୍ର, ୬. ମିହିର ରଞ୍ଜନ ଦାଶ, ପିତା: ନବୀନ ଦାଶ, ସା/ପୋ: ... ଥାନା: ... ଜିଲ୍ଲା: ଖୋର୍ଦ୍ଧା ..... ବିରୋଧୀପକ୍ଷମାନେ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ନାଙ୍କ ... କ୍ଷତିପୂରଣ ଅର୍ଥକୁ ଉକ୍ତ ଭୂମି ... ସମସ୍ତ ଦାବିଦାରଙ୍କୁ ନୋଟିସ ... ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକ ... ଏଲ୍.ଏ. କେସ୍ ନଂ. ୩୫୮/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି। ... ଖାତା ନଂ. ... ପ୍ଲଟ ନଂ. ... ରକବା ... ଏକର। ଅତଏବ ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ... ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୧୦।୦୭।୨୦୨୫ରିଖ ପୂର୍ବାହ୍ନ ୧୦ଘଟିକା ସମୟରେ ... ଅଥବା ... ଆବେଦନକାରୀଙ୍କ ପ୍ରାର୍ଥନା ... ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ... ଅନୁଯାୟୀ ମକଦ୍ଦମା ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୧୧।୦୬।୨୦୨୫ରିଖ Draft Notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya & The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0077/2526

---

## ZILLA SWASTHYA SAMITI, KENDRAPARA

**(Department of Health & FW, Govt. of Odisha)**

**Advt. No. 1823/DPMUKDP Date: 18.06.2025**

### WALK-IN-INTERVIEW

No. E-183: A Walk-in-Interview shall be conducted for the contractual employee of National Health Mission (NHM), already engaged and continuing in the following post under OSH & FW Society in other district of Odisha and are desiring to be posted in Kendrapara district against the vacancies as mentioned below.

| Sl. No. | Name of the Post | No. of Vacancy | Date | Remarks |
|---|---|---|---|---|
| 1 | Pediatricians-DEIC, DHH | 1 | 09.07.2025 | Walk-in-Interview on Registration Time: 10.30 A.M. to 11.30 A.M. |
| 2 | Medical Officers, MBBS | 1 | | |
| 3 | Doctor (MBBS) - DEIC, DHH | 1 | | |
| 4 | Medical Officers-SNCU-DHH | 1 | | |
| 5 | Accountant-cum-DEO at DPMU | 1 | | |
| 6 | Senior Treatment Supervisor (STS) | 1 | | |
| 7 | Senior TB Lab Supervisor (STLS) | 2 | | |
| 8 | Psychiatric Nurse | 1 | | |
| 9 | RMNCH/FP Counsellors re-designated as Counselor | 9 | | |
| 10 | AYUSH_MO (Homeopathic) Co-Located (Male-4) | 4 | 10.07.2025 | Walk-in-Interview on Registration Time: 10.30 A.M. to 11.30 A.M. |
| 11 | MO Homeopathic (RBSK) Male (ST-2, SC-1), Female (ST-2, SC-1, UR-1) | 7 | | |
| 12 | MO Ayurvedic (RBSK), Male (ST-2, SC-1), Female(ST-2, SC-1) | 6 | | |
| 13 | ANM-RBSK (ST-4, SC-2) | 6 | | |
| 14 | Pharmacist-RBSK (ST-2, SC-1) | 3 | | |
| 15 | Optometrist-DEIC | 1 | | |
| 16 | Dental Technician-DEIC | 1 | | |
| 17 | Physiotherapist | 1 | | |

Interested in house Candidates of NHM only are requested to attend the Walk-in-Interview with the prescribed format along with NOC and experience certificate issued by the concerned CDM & PHO. Selection shall be made on the highest length of incumbency in the same post under the OSH & FW Society. The application format & other details can be obtained from the district website **"https://kendrapara.odisha.gov.in"** and the candidate should attend the Walk-in-Interview at the office of the Chief District Medical & Public Health Officer, Kendrapara on 09.07.2025 & 10.07.2025. The candidates are requested to register their names from 10.30 A.M. to 11.30 A.M., failing which their candidature shall not be considered. Incomplete application in any form is liable for rejection. The undersigned reserves the right to accept/reject any/all application and modify/cancel the advertisement without assigning any reason thereof. No personal query will be entertained.

Sd./- CDM&PHO-cum-District Mission Director, Kendrapara

OIPR-10018/11/0011/2526

# କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା

## ଅଭିଯୁକ୍ତ ପୁଅ କୋର୍ଟଚାଲାଣ

ନୂଆପଡ଼ା,୨୨।୬(ମକାରୁ ବେମାଲ

ନୂଆପଡ଼ା ଜିଲା ସଦର ବ୍ଲକ ବେଲଟୁକୁରି ଥାନା ଅନ୍ତର୍ଗତ କୁରୁମୁଣ୍ଡା ଗାଁରେ ଘଟିଛି ହତ୍ୟାକାଣ୍ଡ। ଜମିବାଡ଼ି ଗଣ୍ଡଗୋଳକୁ ନେଇ ପୁଅ ତୁଳାରାମ ବରିହାଙ୍କ କାଠଫାଳିଆ ମାଡ଼ରେ ବାପା ପବନସିଂ ବରିହା (୬୦)ଙ୍କ ଜୀବନ ଯାଇଛି। ରବିବାର ସନ୍ଧ୍ୟାରେ ପୋଲିସ ଅଭିଯୁକ୍ତ ତୁଳାରାମଙ୍କୁ



ଅଭିଯୁକ୍ତ ତୁଳାରାମ ବରିହା।

ଗିରଫ କରି କୋର୍ଟ ଚାଲାଣ କରିଛି। ଜମିବାଡ଼ିକୁ ନେଇ ପୂର୍ବରୁ ବାପ, ପୁଅଙ୍କ ମଧ୍ୟରେ ଝଗଡ଼ା ଲାଗିରହିଥିଲା। ଶନିବାର ଅପରାହ୍ନରେ ପବନସିଂ ଓ ତୁଳାରାମ ଜମିକୁ ଯାଇଥିବାବେଳେ ସେଠାରେ ବଚସା ହୋଇଥିଲା। ଏଥିରେ ତୁଳାରାମ ଉତ୍ତେଜିତ ହୋଇ ଏକ କାଠଫାଳିଆରେ ପବନସିଂଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲେ। ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ପଡ଼ିଯିବାରୁ ବାପାଙ୍କୁ ଛାଡି ତୁଳାରାମ ଘରକୁ ଚାଲିଆସିଥିଲେ। ଖାଇପିଇ ଶୋଇପଡ଼ିଥିଲେ। ରାତି ପର୍ଯ୍ୟନ୍ତ ପବନସିଂ ଘରକୁ ନ ଫେରିବା ଦେଖି ପରିବାର ଲୋକେ ଛାନିଆ ହୋଇ ଖୋଜିଥିଲେ। ବହୁତ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ରବିବାର ସକାଳେ ନିଜ ଚାଷ ଜମିରେ ପବନସିଂଙ୍କ ମୃତଦେହ ପଡିଥିବା ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ବେଲଟୁକୁରି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରକ୍ତଲାଗିଥିବା ଏକ କାଠଫାଳିଆ ମୃତଦେହ ପଡ଼ିଥିବା ସ୍ଥାନରୁ ପୋଲିସ ଜବତ କରିଛି। ତୁଳାରାମ କାଠଫାଳିଆରେ ପିଟି ହତ୍ୟା କରିଛନ୍ତି ବୋଲି ପବନସିଂଙ୍କ ସ୍ତ୍ରୀ ବାଳମତି ବରିହା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ.୫୫/୨୦୨୫) ରୁଜୁ କରିଛି। ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ।

# ଗୁଣିଗାରେଡ଼ି ସନ୍ଦେହ: ଚାଷୀଙ୍କ ଗଳାକାଟି ହତ୍ୟା

କଣ୍ଟାବାଞ୍ଜି, ୨୨।୬ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଘୁନେଶ ପଞ୍ଚାୟତ ଖୁଜେନ ଗାଁରେ ଶନିବାର ରାତିରେ ଜମିବାଡି ବିବାଦ ଓ ଗୁଣି ଗାରେଡ଼ି ସନ୍ଦେହକୁ ନେଇ ଜଣେ ବ୍ୟକ୍ତିଙ୍କୁ ଗଳାକାଟି ହତ୍ୟା କରାଯାଇଛି। ଏ ନେଇ ମୃତକଙ୍କ ଝିଅ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଖୁଜେନ ଗାଁର ଡିଙ୍ଗର ଜାନିଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଖୁଜେନ ଗାଁର ତୁଳାରାମ ଜାନି (୫୪) ଚାଷ କରି ଚଳନ୍ତି। ଘଟଣାଦିନ ରାତିରେ ସେ ଘର ବାହାରେ ଶୋଇଥିଲେ। କିନ୍ତୁ କିଛି ସମୟ ପରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଭିତରେ ଶୋଇଥିବା ତାଙ୍କ ସ୍ତ୍ରୀ ଏବଂ ଝିଅକୁ କବାଟ ବାଡ଼େଇ ଡାକିଥିଲେ। ଘର ଲୋକ ବାହାରକୁ ଆସି ତୁଳାରାମଙ୍କ ବେକରୁ ରକ୍ତ ବାହାରୁଥିବା ଏବଂ ସେ ଠିକ୍‌ରେ କଥା ହୋଇ ପାରୁ ନ ଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ତୁରେକେଲା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତୁଳାରାମଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତୁଳାରାମଙ୍କ ଝିଅ ଗାୟତ୍ରୀ ଯାନି(୧୯)ଙ୍କ ଅଭିଯୋଗ କ୍ରମେ ପୋଲିସ ତୁରେକେଲା ଥାନାରେ ନଂ. ୧୬୩/୨୦୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଥିବା ବେଳେ ପୋଲିସ ଏକ ଟାଙ୍ଗିଆ ଜବତ କରିଛି।

# ଫେରାର ବଳାତ୍କାରୀଙ୍କୁ ପଳାତକ ଘୋଷଣା କଲେ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ

ଖଲ୍ଲିକୋଟ,୨୨।୬(ପ୍ରଶାନ୍ତ କୁମାର ମିଶ୍ର)

ଜନୈକା ନାବାଳିକାଙ୍କୁ ଗତ ୨୦୧୯ରେ ବଳାତ୍କାର କରିଥିବା ଜଣେ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ପଳାତକ ଘୋଷଣା କରିଛନ୍ତି। ଏନେଇ ଅଭିଯୋଗ ପରଠାରୁ ସେ ଫେରାର ଥିଲେ। କୋର୍ଟ ନିର୍ଦ୍ଦେଶ ପରେ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ ପ୍ରଧାନ ଟିମ୍ ସହ ଅଭିଯୁକ୍ତଙ୍କ ଗ୍ରାମରେ ପହଞ୍ଚି ଡେଙ୍ଗୁରା ବଜାଇ ଅଭିଯୁକ୍ତଙ୍କ ଘର ସମ୍ମୁଖରେ ଲଟକା ଜାରି କରିଥିଲେ।



ଅଭିଯୁକ୍ତଙ୍କ ଗ୍ରାମରେ ପୋଲିସ ଲଟକା ଜାରି କରୁଛି।

ମାମଲାର ବିବରଣୀରୁ ପ୍ରକାଶ, ୨୦୧୯ରେ ଖଲ୍ଲିକୋଟ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ନଂ. ୧୦୫/୨୦୧୯ରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲା। ପୀଡିତା ନାବାଳିକା ହୋଇଥିବାରୁ ମାମଲା ପୋକ୍‌ସୋ କୋର୍ଟ (ଜିଆର କେସ୍ ନଂ. ୫୧/୨୦୧୯)ରେ ଚାଲିଥିଲା। ତେବେ କୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଅଭିଯୁକ୍ତ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ତାଙ୍କୁ ଗିରଫ କରିବାକୁ ଗିରଫ ପରୱାନା ଜାରି କରିଥିଲେ। ଏହା ସତ୍ତ୍ୱେ ସେ କୋର୍ଟରେ ହାଜର ନ ହେବାରୁ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଛନ୍ତି। ରବିବାର ଖଲ୍ଲିକୋଟ ଥାନାଧିକାରୀ ରମେଶ ପ୍ରଧାନ ପୋଲିସ ଟିମ୍ ସହ ଅଭିଯୁକ୍ତଙ୍କ ଗ୍ରାମକୁ ଯାଇ ଡେଙ୍ଗୁରା ବଜାଇ ତାଙ୍କ ଘର ସମ୍ମୁଖରେ ଲଟକା ଜାରି କରିଥିଲେ। ଏହି ସମୟରେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ ଉପସ୍ଥିତ ଥିଲେ। ଅଭିଯୁକ୍ତ ଆଗାମୀ ୩୦ ଦିନ ମଧ୍ୟରେ କୋର୍ଟରେ ହାଜର ନ ହେଲେ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ମହିଳାଙ୍କୁ ଛୁରାମାଡ଼, କାରଣ ଅସ୍ପଷ୍ଟ

ଖଲ୍ଲିକୋଟ,୨୨।୬(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ଛୁରାମାଡ଼ ହୋଇଛି। ସେ ହେଲେ ରାମଚନ୍ଦ୍ରପୁର ଗ୍ରାମର କନ୍ଧ ତରେଇଙ୍କ ସ୍ତ୍ରୀ ଗେଲି ତରେଇ(୫୦)। ସୂଚନାନୁଯାୟୀ, ଶନିବାର ରାତି ପ୍ରାୟ ୨ଟାରେ ଗେଲି ଶୌଚ ପାଇଁ ଘର ବାହାରକୁ ବାହାରି ଥିଲେ। ସେହି ସମୟରେ ପୂର୍ବରୁ ସେଠାରେ ଛକି ରହିଥିବା କେତେଜଣ ଦୁର୍ବୃତ୍ତ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ୨ ହାତ ସହ ଦେହର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ଗେଲିଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ମେଡ଼ିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସେପଟେ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଆକ୍ରମଣର କାରଣ ସ୍ପଷ୍ଟ ହୋଇନାହିଁ।

## ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା

# ଅନୁଧ୍ୟାନ କଲେ ପୂର୍ବାଞ୍ଚଳ ଡିଆଇଜି



ଘଟଣାସ୍ଥଳରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ ଓ ଭଦ୍ରକ ଏସ୍‌ପି ମନୋଜ ରାଉତ ଅନୁଧ୍ୟାନ କରୁଛନ୍ତି।

ଭଦ୍ରକ,୨୨।୬(ସନାତନ ରାଉତ)

ଭଦ୍ରକ ସହର ଚରମ୍ପାରେ ଘର ସାମ୍ନାରେ ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣାରେ ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ ରବିବାର ଅନୁଧ୍ୟାନ କରିଛନ୍ତି। ଡିଆଇଜି ପୂର୍ବାହ୍ନ ୧୧ଟା ବେଳେ ଚରମ୍ପାରେ ପହଞ୍ଚି ଗୁଳିମାଡ଼ର ଶିକାର ହୋଇଥିବା ବ୍ୟବସାୟୀ ବିଦ୍ୟାଧର ପାତ୍ରଙ୍କ ଗୋଦାମ ଓ ଗୁଳିମାଡ଼ ହୋଇଥିବା ସ୍ଥାନକୁ ଯାଇ ଅନୁଧ୍ୟାନ କରିବା ସହ ପ୍ରତ୍ୟକ୍ଷଦର୍ଶୀଙ୍କୁ ଘଟଣା ବିଷୟରେ ପଚାରିଥିଲେ। ସେହିପରି ବିଦ୍ୟାଧରଙ୍କ ପରିବାର ଲୋକଙ୍କ ସହ କଥା ହୋଇଥିଲେ। ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରିବା ସହ ବିଦ୍ୟାଧରଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସେ କଥା ହୋଇଛନ୍ତି। ଏହି ଗୁଳିକାଣ୍ଡ ହତ୍ୟା ଉଦ୍ଦେଶ୍ୟରେ କିମ୍ବା ଲୁଟ୍ ପାଇଁ କରାଯାଇଥିଲା, ସେନେଇ ତଦନ୍ତ ଚାଲିଛି। ତଦନ୍ତ ପରେ ଏହାର କାରଣ ସ୍ପଷ୍ଟ ହେବ। ଏସ୍‌ପି ଓ ଟାଉନ ଥାନାଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ୩ ଜିଲାରେ ବ୍ଲକିଂ ଓ ଚେକିଂ କରାଯାଉଛି ବୋଲି ଡିଆଇଜି କହିଛନ୍ତି।

ପ୍ରକାଶଥାଉ କି, ଚରମ୍ପାର ଗୋଖାଦ୍ୟ ବ୍ୟବସାୟୀ ବିଦ୍ୟାଧର ଶନିବାର ସନ୍ଧ୍ୟାରେ ଗୋଦାମରୁ ଟଙ୍କା ବ୍ୟାଗ୍ ଧରି ଘରକୁ ଫେରୁଥିଲେ। ଚରମ୍ପା ରାମମନ୍ଦିର ନିକଟସ୍ଥ ବେଲମଳା ଛକରେ ତାଙ୍କ ଘର ସାମ୍ନାରେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଗୁଳି କରି ଟଙ୍କା ବ୍ୟାଗ୍ ଲୁଟିନେଇ ଫେରାର ହୋଇଯାଇଥିଲେ। ବିଦ୍ୟାଧରଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବିଦ୍ୟାଧରଙ୍କ ସାନଭାଇ ପ୍ରକାଶ ପାତ୍ରଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା (ନଂ.୩୪୩/୨୫) ରୁଜୁ ହୋଇଛି।

# ଇନ୍‌ଫର୍ମର ସନ୍ଦେହରେ ୨ଜଣଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି,୨୨।୬ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ପାମେଡ ଥାନା ଅନ୍ତର୍ଗତ ସେଣ୍ଡ୍ରାବୋର ଓ ଏମ୍ପୁର ଗ୍ରାମର ୨ ଜଣଙ୍କୁ ମାଓବାଦୀମାନେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଶନିବାର ହତ୍ୟା କରିଛନ୍ତି। ସେମାନେ ହେଲେ ସମୟା ସୁନମ୍ ଓ ବେକ ଦେବା। ସେଣ୍ଡ୍ରାବୋର ଗ୍ରାମର ସମୟା ପୂର୍ବରୁ ମାଓବାଦୀ ସଂଗଠନରେ ଥିଲେ। ସେ ନିକଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କୁ ଓ ଏମ୍ପୁର ଗ୍ରାମର ବେକ ଦେବାଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀ ଶନିବାର ରାତିରେ ଘରୁ ଉଠାଇ ନେଇ ହତ୍ୟା କରିଛନ୍ତି। ସୂଚନାଯୋଗ୍ୟ, ଗତ ୪ ଦିନ ପୂର୍ବେ ମାଓବାଦୀମାନେ ପେଡାକୋର୍ମା ଗ୍ରାମର ଜଣେ ୧୩ ବର୍ଷର ନାବାଳକଙ୍କ ସହ ୩ ଜଣଙ୍କୁ ବେକରେ ରଶି ଲଗାଇ ଫାଶୀ ଦେଇ ହତ୍ୟା କରିଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## Business

# ୧୨୦୦ କୋଟିର କାରବାର ଆକଳନ

## ୨୦୨୬ରେ ଆସିବ ଆଇପିଓ

ଭୁବନେଶ୍ୱର,୨୧।୬

ବର୍ତ୍ତମାନ ସମୟରେ କୃଷିକ୍ଷେତ୍ର ଅପେକ୍ଷା କୃଷି ଜାତୀୟ ଉପାଦାନର ଆବଶ୍ୟକତା ପୂର୍ବାପେକ୍ଷା ଅଧିକ ରହିଛି। ଗୋପାଳନଠାରୁ ମତ୍ସ୍ୟ ଚାଷ ଏବଂ ଏପରିକି ପ୍ରାକୃତିକ ପ୍ରଣାଳୀରେ ଉନ୍ନତମାନର ସାର ମଧ୍ୟ ଗୋରୁ ଖାଦ୍ୟ (କ୍ୟାଟଲ ଫିଡ୍) ଉତ୍ପାଦନରୁ ମିଳିପାରୁଛି। ଏ କ୍ଷେତ୍ରରେ ଅନେକ ଆବଶ୍ୟକତା ରହିଥିଲାବେଳେ ୫୦୦ କେଜିରୁ ଆରମ୍ଭ ହୋଇଥିବା ମିଲ୍କିୟାନାର ଉତ୍ପାଦନ କ୍ଷମତା ୧୦ ବର୍ଷ ମଧ୍ୟରେ ବହୁ ଗୁଣା ବୃଦ୍ଧି ପାଇ ୫ ଲକ୍ଷ ଟନ୍‌ରେ ପହଞ୍ଚିଛି। ଫଳରେ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି ବୋଲି ମିଲ୍କିୟାନାର ନିର୍ଦ୍ଦେଶକ ପ୍ରଦୀପ ଅଗ୍ରୱାଲ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଓଡ଼ିଶା



ସମେତ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ହରିୟାଣା, ପଞ୍ଜାବ, ରାଜସ୍ଥାନ, କେରଳ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ଆସାମ, ଆଣ୍ଡାମାନ ନିକୋବର ଏବଂ ଡାମନଡିଉ ଭଳି ବଜାରରେ କମ୍ପାନୀର ଉତ୍ପାଦଗୁଡ଼ିକ ଉଭୟ ଚାଷୀ ଓ ବ୍ୟବସାୟୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ସେହିପରି ଛତିଶଗଡ଼ରେ କମ୍ପାନୀ ୩ଟି ଅତ୍ୟାଧୁନିକ ପ୍ରକ୍ରିୟାକରଣ ୟୁନିଟ୍ ଜରିଆରେ ବଜାର ଚାହିଦା ଓ ଚାଷୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ବ୍ରାଣ୍ଡ ଆବଶ୍ୟକ ବ୍ୟବସ୍ଥା ମଧ୍ୟ କରିଛି। ବିଶେଷକରି ଗୁଣାତ୍ମକ ଗୋଖାଦ୍ୟ ଓ ବ୍ୟାପକ ଡିଲର୍ସ ଏବଂ ଡିଷ୍ଟ୍ରିବ୍ୟୁଟର୍ସଙ୍କ ଜରିଆରେ ବ୍ରାଣ୍ଡ ଉତ୍ପାଦଗୁଡ଼ିକୁ ଉଭୟ ବ୍ୟବସାୟୀ ଓ ଚାଷୀଙ୍କ ଘର ପାଖରେ ଉପଲବ୍ଧ କରାଇପାରିଛୁ। ଫଳରେ ବ୍ରାଣ୍ଡ ଡିମାଣ୍ଡ ଓ ସୁଲଭ ମୂଲ୍ୟରେ ସୁଷମ ଓ ସ୍ୱାଦିଷ୍ଟ ଗୋଖାଦ୍ୟ ବଜାରରେ ଉପଲବ୍ଧ କରାଇପାରିଛୁ ବୋଲି ଅଗ୍ରୱାଲ ମତପ୍ରକାଶ କରିଥିଲେ। ଅପରପକ୍ଷରେ କମ୍ପାନୀ ଗତ ବର୍ଷ ପ୍ରାୟ ୧୦%ର କାରବାର ବୃଦ୍ଧି ସହ ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରାୟ ୧୦୦୦ କୋଟିର କାରବାର କରିଥିଲା। ଚଳିତ ବର୍ଷ ଏହି ଆକଳନରେ ଆଶାଜନକ ବୃଦ୍ଧି ସହ ୨୦୨୫-୨୬ ଆର୍ଥିକ ବର୍ଷରେ ବ୍ରାଣ୍ଡର କାରବାର ପ୍ରାୟ ୧୨୦୦ କୋଟି ଟଙ୍କା ଆକଳନ କରାଯାଇଛି। ଏପରିକି ବ୍ରାଣ୍ଡ ଚାହିଦା ବଜାରରେ ବୃଦ୍ଧି ପାଉଥିବାରୁ କମ୍ପାନୀ ୨୦୨୬ ପ୍ରାରମ୍ଭରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ରେ ପଞ୍ଜୀକୃତ ହୋଇ ଆଇପିଓ ଆଣିବ ବୋଲି ବ୍ରାଣ୍ଡର ଓଡ଼ିଶା ହେଡ୍ ଦେବବ୍ରତ ଦାଶ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଉଲ୍ଲେଖଯୋଗ୍ୟ, କମ୍ପାନୀ ପକ୍ଷରୁ ଶନିବାର ରିଟେଲର୍ସ ମିଟ୍‌ର ଆୟୋଜନ କରାଯାଇଥିଲା। ଏହି ମିଟ୍‌ରେ ଶ୍ରେଷ୍ଠ ବିକ୍ରେତାଙ୍କୁ ସମ୍ମାନିତ କରାଯାଇଥିଲାବେଳେ ଏହି ଅବସରରେ ପ୍ରାୟ ୫୦୦ ରିଟେଲର୍ସ ସାମିଲ ହୋଇଥିଲେ।

# ୨୫ରେ ଖୋଲିବ ଏସ୍‌ଏସ୍‌ଟିଏଲ୍‌ର ଆଇପିଓ

ଭୁବନେଶ୍ୱର,୨୨।୬

ସମ୍ଭବ ଷ୍ଟିଲ୍ ଟ୍ୟୁବ୍‌ସ ଲିମିଟେଡ୍ (ଏସ୍‌ଏସ୍‌ଟିଏଲ୍)ର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ୨୦୨୫ ଜୁନ୍ ୨୫ରେ ଖୋଲିବ। ଏହି ଅଫରର ମୋଟ୍ ଆକାର ୫୪୦ କୋଟି ଟଙ୍କା ରହିଛି। ସେଥିରୁ ୪୪୦ କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରାଯିବ ଏବଂ ଅଫର୍ ଫର୍ ସେଲ୍‌ରେ ଅଂଶଧନକାରୀମାନେ ୧୦୦ କୋଟି ଟଙ୍କାର ଇକ୍ୱିଟି ଶେୟାର୍ ବିକ୍ରି କରିବେ। ସେହିଭଳି ଏହାର ଆଙ୍କର ନିବେଶକମାନେ ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ବିଡ୍ ଦାଖଲ କରିପାରିବେ। ଏପରିକି ୨୦୨୫ ଜୁନ୍ ୨୭ରେ ଏହି ଆଇପିଓର ବିଡ୍ ଦାଖଲ ଶେଷ ହେବ। ଏହି ଅଫର୍‌ରେ ଇକ୍ୱିଟି ଶେୟାର ପିଛା ଦାମ୍ ୭୨ଟଙ୍କାରୁ ୮୨ ଟଙ୍କା ମଧ୍ୟରେ ରହିଛି, ନିବେଶକମାନେ ସର୍ବନିମ୍ନ ୧୮୨ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରିପାରିବେ ଏବଂ ସେଥିରେ ୧୮୨ଟି ଲେଖାଏଁ ଇକ୍ୱିଟି ଶେୟାର ଯୋଡ଼ିପାରିବେ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, ତାହାକୁ କମ୍ପାନୀ ହାସଲ କରିଥିବା କିଛି ଋଣକୁ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବ।

# ପ୍ରକୃତି ଯୋଗ ଭୂମିର ଶୁଭାରମ୍ଭ




ଭୁବନେଶ୍ୱର,୨୨।୬: (ଅଭୟ ଦାଶ)

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ) ଲିମିଟେଡର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'ପ୍ରକୃତି ଯୋଗ ଭୂମି'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନାଲକୋର ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ସୁସ୍ଥତା ଏବଂ ଯୋଗାଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନାଲ୍‌କୋ ପକ୍ଷରୁ ପୁରୀର ମହାତ୍ମା ଗାନ୍ଧୀ ପାର୍କ ପରିସରରେ ଏକ ଯୋଗ ମଣ୍ଡପ 'ପ୍ରକୃତି ଯୋଗ ଭୂମି'ର ଆରମ୍ଭ କରାଯାଇଛି। ସେହିଭଳି ନାଲ୍‌କୋ ଦ୍ୱାରା ବିକଶିତ ଓ ପରିଚାଳିତ 'ମହାତ୍ମା ଗାନ୍ଧୀ ପାର୍କ' ପୁରୀର ସମସ୍ତ ବର୍ଗର ନାଗରିକମାନଙ୍କ ପାଇଁ ଏକ ଲୋକପ୍ରିୟ ସ୍ଥାନ ପାଲଟିଛି। ଏହି ପାର୍କକୁ ଅଞ୍ଚଳବାସୀ ଜଗିଂ, ସକାଳ ଏବଂ ସନ୍ଧ୍ୟା ଭ୍ରମଣ ତଥା ବ୍ୟାୟାମ ନିମନ୍ତେ ଆସିଥାନ୍ତି। ଏପରିକି ଯୋଗ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ 'ପ୍ରକୃତି ଯୋଗ ଭୂମି' ସ୍ୱାସ୍ଥ୍ୟ ସଚେତନ ଜନସାଧାରଣ, ବରିଷ୍ଠ ନାଗରିକ ଓ ଯୁବବର୍ଗଙ୍କୁ ଉତ୍ସାହିତ କରିଛି। ସେହିପରି ଏକ ଶାନ୍ତ ଓ ପ୍ରାକୃତିକ ପରିବେଶରେ ଯୋଗାଭ୍ୟାସ କରିବା ନିମନ୍ତେ ଏହି ସ୍ଥାନ ପ୍ରେରଣା ଯୋଗାଇବ।

# କ୍ୟୁଆଇପି ଜରିଆରେ ପାଣ୍ଠି ସଂଗ୍ରହ

ଭୁବନେଶ୍ୱର,୨୨।୬

ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ୍ (ଇରେଡା) ପକ୍ଷରୁ କ୍ୱାଲିଫାଏଡ୍ ଇନଷ୍ଟିଚ୍ୟୁସନ୍ସ ପ୍ଲେସ୍‌ମେଣ୍ଟ (କ୍ୟୁଆଇପି) ଜରିଆରେ ୨୦୦୫.୯୦ କୋଟି ଟଙ୍କା ହାସଲ କରାଯାଇଛି। ଏପରିକି ଶେୟାର ପିଛା ୧୬୫.୧୪ ଟଙ୍କା ହିସାବରେ ୧୨.୧୫ କୋଟି ଶେୟାର ଜାରି କରି କମ୍ପାନୀ ଏହି ପାଣ୍ଠି ସଂଗ୍ରହ କରିଛି। ଶେୟାର ପିଛା ୧୬୫.୧୪ ଟଙ୍କାର ଇସ୍ୟୁ ମୂଲ୍ୟ ହେଉଛି, ଶେୟାର ପିଛା ୧୭୩.୮୩ ଟଙ୍କାର ଫ୍ଲୋର୍ ମୂଲ୍ୟର ୫% ରିହାତି ବୋଲି କୁହାଯାଉଛି। ସେହିଭଳି ଉଭୟ ଘରୋଇ ଓ ବୈଦେଶିକ ଯୋଗ୍ୟ ସଂସ୍ଥାଗତ ଗ୍ରାହକ(କ୍ୟୁଆଇବି)ଙ୍କ ଠାରୁ ଏହା ଜବରଦସ୍ତ ସମର୍ଥନ ହାସଲ କରିଥିଲା। ସେଥିରେ ବୀମା କମ୍ପାନୀ, ସିଡ୍ୟୁଲ୍‌ଡ କମର୍ସିଆଲ୍ ବ୍ୟାଙ୍କ ଓ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ସାମିଲ ଥିଲେ। ବୋର୍ଡ ପକ୍ଷରୁ ଇକ୍ୱିଟି ଶେୟାରକୁ ଯୋଗ୍ୟ ସଂସ୍ଥାଗତ ଗ୍ରାହକଙ୍କୁ ଆବଣ୍ଟନ କରାଯାଇଥିଲା। ଏହି କ୍ୟୁଆଇପି ଅଧିକ ସବ୍‌ସ୍କ୍ରାଇବ୍ ହୋଇଥିଲାବେଳେ ୧୫୦୦କୋଟି ଟଙ୍କାର ଆଧାର ଆକାର ତୁଳନାରେ ୨୦୦୫.୯୦ କୋଟି ଟଙ୍କାର ବିଡ୍ ହାସଲ କରିଥିଲା। ଏହା ୧.୩୪ ଗୁଣା ଅଧିକ ବୋଲି କୁହାଯାଉଛି। ଏହି ପାଣ୍ଠି ଇରେଡାର ଟାୟାର-୧ ପୁଞ୍ଜି ଓ ସାମଗ୍ରିକ ପୁଞ୍ଜି ସ୍ୱଚ୍ଛଳତା ହାର (ସିଏଆର୍)କୁ ସମର୍ଥନ କରିବ ବୋଲି କୁହାଯାଉଛି। ଏହା ଭାରତର ଅକ୍ଷୟ ଶକ୍ତି କ୍ଷେତ୍ରକୁ ସହାୟତା ପ୍ରଦାନ କରିବା ଲାଗି କମ୍ପାନୀର କ୍ଷମତାରେ ଉନ୍ନତି ଆଣିବ। ଏ ସମ୍ପର୍କରେ ଇରେଡାର ସିଏମଡି ପ୍ରଦୀପ କୁମାର ଦାସ କହିଛନ୍ତି, କ୍ୟୁଆଇପି ଜରିଆରେ ସଂଗ୍ରହ ହୋଇଥିବା ପାଣ୍ଠି ପାଇଁ ଆମେ ବେଶ ଉତ୍ସାହିତ ଅଛୁ। ଏପରିକି ୨୦୨୩ ନଭେମ୍ବରରେ ଆମ ଆଇପିଓର ଅଳ୍ପ ସମୟ ପରେ, ଏହି କ୍ୟୁଆଇପି ସଫଳତାର ସହ ସମ୍ପନ୍ନ ହୋଇଛି।




ପତଞ୍ଜଳି ପକ୍ଷରୁ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ହରିୟାଣାଠାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପତଞ୍ଜଳି ଯୋଗପୀଠର ପ୍ରମୁଖ ତଥା ଯୋଗଗୁରୁ ସ୍ୱାମୀ ରାମଦେବଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ହରିୟାଣାର ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ, ମୁଖ୍ୟମନ୍ତ୍ରୀ ନାଏବ ସିଂହ ସୈନି, କୁରୁକ୍ଷେତ୍ର ସାଂସଦ ନବୀନ ଜିନ୍ଦଲଙ୍କ ସମେତ ଆଚାର୍ଯ୍ୟ ବାଲକ୍ରିଷ୍ଣା ଓ ଅନ୍ୟମାନେ ସାମିଲ ହୋଇ ଯୋଗ କରିଥିଲେ। ପରିଶେଷରେ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସୈନିଙ୍କୁ ରାମଦେବ ସମ୍ମାନିତ କରିଛନ୍ତି।

# ବୀମା କ୍ଷେତ୍ରରେ ଡିଜିଟାଲ ପ୍ରକ୍ରିୟାକରଣ


ଭୁବନେଶ୍ୱର,୨୨।୬

ଦେଶର ଅଗ୍ରଣୀ ବୀମା ପ୍ଲାଟଫର୍ମ ତଥା ପଲିସି ବଜାର ଫର୍ ବିଜ୍‌ନେସର ନୂତନ ଉତ୍ପାଦ 'ଏନ୍‌ରୁଟ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ପ୍ଲାଟଫର୍ମ ଭାରତୀୟ ବ୍ୟବସାୟଗୁଡ଼ିକୁ ସଶକ୍ତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ଏହି ନୂତନ ସୁବିଧା 'ଏନ୍‌ରୁଟ'କୁ ବଜାରରେ ପ୍ରଚଳନ କରାଇଛି। ସେହିଭଳି ଏହା ଏକ ଡିଜିଟାଲ ପ୍ଲାଟଫର୍ମ ହୋଇଥିଲାବେଳେ ଏହା ସାମୁଦ୍ରିକ ପରିବହନ ବୀମା ଘୋଷଣା, ପ୍ରମାଣପତ୍ର ଏବଂ ପଲିସି ଅପଡେଟ ପାଇଁ ସମୟକୁ ଦିନରୁ ମାତ୍ର ସେକେଣ୍ଡକୁ ହ୍ରାସ କରିଥାଏ। ଏପରିକି ଏହି ସମଗ୍ର ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ଓସିଆର-ବେସ୍‌ଡ ଅପଲୋଡ୍‌ସ ଏବଂ ହ୍ୱାଟ୍‌ସଆପ୍ ଏକୀକରଣର ଉପଯୋଗ କରିଥାଏ।

ଏ ସମ୍ପର୍କରେ ପଲିସି ବଜାର ଫର୍ ବିଜନେସର ନିର୍ଦ୍ଦେଶକ ସଜ୍ଞା ପ୍ରବୀଣ ଚୌଧୁରୀ କହିଥିଲେ, ଭାରତରେ ସାମୁଦ୍ରିକ ବୀମା ବ୍ୟବହାରକାରୀ ଅଭିଜ୍ଞତା, ଗତି ଏବଂ ସ୍ୱଚ୍ଛତା ଦୃଷ୍ଟିରୁ ବହୁ ଦିନ ଧରି ଅନୁପଯୁକ୍ତ ରହିଛି। ଏନ୍‌ରୁଟ ସହିତ ଆମେ ବ୍ୟବସାୟ ପାଇଁ ପ୍ରକୃତ କାର୍ଯ୍ୟକ୍ଷମ ସମସ୍ୟାର ସମାଧାନ କରୁଛୁ, ତାହା ପରିବହନ ଘୋଷଣା ପ୍ରକ୍ରିୟାକୁ ଅସୁବିଧା ମୁକ୍ତ କରିବା, ଶୀଘ୍ର ପ୍ରମାଣପତ୍ର ପ୍ରଦାନ କରିବା କିମ୍ବା ପଲିସିକୁ ଦକ୍ଷତାର ସହିତ ପରିଚାଳନା କରିବା ପାଇଁ ପ୍ରସ୍ତୁତି କରାଯାଇଛି। ଏହା କେବଳ ଆରମ୍ଭ ପ୍ରଯୁକ୍ତିବିଦ୍ୟା ହୋଇଥିଲାବେଳେ କିପରି ବାଣିଜ୍ୟିକ ବୀମାକୁ ସରଳ କରିପାରିବ, ସେ ନେଇ ଆମେ ଯୋଜନା ପ୍ରସ୍ତୁତ କରିଛୁ ବୋଲି ପ୍ରବୀଣ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ସୁସ୍ଥ ହେଲେ ଦାରୁଦିଅଁ, ଗଜପତିଙ୍କୁ ଖବର ଦେଲେ ଦଇତାପତି ସେବକ


## ଜନ୍ମଦିନ ଶୁଭେଚ୍ଛା



**ଡ. ମୁକ୍ତିକାନ୍ତ ମିଶ୍ର**
(ପ୍ରତିଷ୍ଠାତା: ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ)
ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନବସର, ମହାବୀର ଜୟନ୍ତୀ ଅବସରରେ ଆପଣଙ୍କ ୭୦ତମ ଶୁଭ ଜନ୍ମଦିନ ଉପଲକ୍ଷେ ସମସ୍ତ ବନ୍ଧୁ ଓ ପରିବାରବର୍ଗଙ୍କ ତରଫରୁ ଈଶ୍ୱରଙ୍କ ନିକଟରେ ଦୀର୍ଘାୟୁକାମନା କରୁଛି।
ଶୁଭେଚ୍ଛା ସହ :
ଦୁର୍ଗାମାଧବ ବଳିଆର ସିଂ
ଧ-୭୬୯୨୫


## ଫାର୍ମାସିରେ ଡକ୍ଟରେଟ୍ ଲାଭ



ଶ୍ରୀ ଶ୍ରୀଧର ରଞ୍ଜନ ଦାସ Biju Patnaik University of Technology (BPUT), Rourkelaରୁ ଫାର୍ମାସି ବିଭାଗରେ କୃତିତ୍ୱ ସହ (Ph.D) ଉପାଧି ଲାଭ କରିଛନ୍ତି। Einstein College of Pharmacy, Khurdaର Prof. (Dr.) Bibhuti Bhusan Panigrahi ଏବଂ I.G.I.P.S., Bhubaneswarର Prof. (Dr.) Manoj Kumar Paniଙ୍କ ତତ୍ତ୍ୱାବଧାନରେ "Formulation and Evaluation of Novel Bilayer Floating Tablet by using Selective Drugs as GRDDS" ଉପରେ ଗବେଷଣା କରିଥିବା ସନ୍ଦର୍ଭଟି Examiner, Prof. (Dr.) Satyabrata Bhanja, RITEE College of Pharmacy, Raipur ଏବଂ Dr. Rakesh Gupta, Vaish Institute of Pharmaceutical Education, Rohtak, Haryanaଙ୍କ ଦ୍ୱାରା ମୂଲ୍ୟାୟନ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶ୍ରୀଧର ରଞ୍ଜନ ଦାସ ବର୍ତ୍ତମାନ S.I.P.E.R., Cuttack ଠାରେ Associate Professor ଭାବେ କାର୍ଯ୍ୟରତ ଥିବା ସହ ତାଙ୍କର ଗବେଷଣାତ୍ମକ କାର୍ଯ୍ୟ ପାଇଁ ବିଦେଶର ଅନେକ ଗବେଷଣା ସଂସ୍ଥା ଦ୍ୱାରା ପ୍ରଶଂସିତ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ସେ ଅନେକ ବହୁ ପ୍ରତିଷ୍ଠିତ ଗବେଷଣାତ୍ମକ ପ୍ରକ୍ରିୟା ପ୍ରକାଶକ ସଂସ୍ଥାରେ ସମୀକ୍ଷକ ଭାବେ କାର୍ଯ୍ୟ କରି ଦେଶ ଏବଂ ବିଦେଶରେ ପ୍ରତିଷ୍ଠା ଲାଭ କରିଛନ୍ତି। ଡ. ଶ୍ରୀଧର ରଞ୍ଜନ ଦାସ କଟକ ଜିଲ୍ଲାର ଯଶପଡ଼ା ନିବାସୀ, ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ସୁଦାମ ଚରଣ ଦାସ ଏବଂ ଶ୍ରୀମତୀ ବାସନ୍ତୀ ଦାସଙ୍କ ମଧ୍ୟମ ପୁତ୍ର ଅଟନ୍ତି। ସେ ପିଙ୍ଗୁଆ, ଢେଙ୍କାନାଳ ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦୁଃଶାସନ ବେହେରା ଏବଂ ଶ୍ରୀମତୀ କୁନି ବେହେରାଙ୍କ ଏକମାତ୍ର ଜାମାତା ଅଟନ୍ତି। ସେ ଏହି କାର୍ଯ୍ୟର ସଫଳତାର ଶ୍ରେୟ ପ୍ରଭୁ ଶ୍ରୀଜଗନ୍ନାଥ, ଝଙ୍କଡ଼ ବାସିନୀ ମା' ଶାରଳା, ପିତାମାତା, ପରିବାର, ବନ୍ଧୁ, ପରିଜନ ତଥା ଗବେଷଣା ପାଇଁ ଉତ୍ସାହିତ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିଛନ୍ତି।
ଧ-୧୦୩୭

ପୁରୀ,୨୨।୬(ଅଜିତ୍ କୁମାର ମହାନ୍ତି)

ଆଷାଢ଼ ମାସ କୃଷ୍ଣପକ୍ଷ ଦ୍ୱାଦଶୀ ଅବସରରେ ରବିବାର ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଦାରୁଦିଅଁ ସୁସ୍ଥ ହେବା ଖବର ଦଇତାପତି ସେବକ ରାଜନହର ଯାଇ ଗଜପତି ମହାରାଜଙ୍କୁ ସୂଚନା ଦେବା ସହିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ଯାହାକୁ ରାଜ ପ୍ରସାଦ ବୀଜେ ନୀତି ବୋଲି କୁହାଯାଏ। ସୂଚନାଯୋଗ୍ୟ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦୀରେ ଶ୍ରୀବିଗ୍ରହ ମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେଉଥିଲେ। ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ଲାଗି ଦଇତା ଓ ପତିମହାପାତ୍ର ଗୁପ୍ତ ସେବା କରୁଥିଲେ। ପର୍ଯ୍ୟାୟକ୍ରମେ ଅଣସରର ପଞ୍ଚମୀ ତିଥିରେ ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରି ତେଲ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗିହେବା ପରେ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷ ତିନିଦିନ ଧରି ଲାଗି ହୋଇଥିଲେ। ପରେ ଖଳିଲାଗି ଏକାଦଶୀରେ ତୁଳସୀ ସହ ଦଶମୂଳ ମୋଦକ ମଧ ଲାଗି କରାଯାଇଥିଲା। ଏହାପରେ ଦାରୁଦେବତା ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ପରମ୍ପରା ଅନୁଯାୟୀ ଦ୍ୱାଦଶୀ ତିଥିରେ ଅଣସରରେ ଥିବା ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜନହରକୁ ବିଜେ ହେବାର ପରମ୍ପରା ରହିଛି। ରବିବାର ଶ୍ରୀମନ୍ଦିରରେ ସକାଳଧୂପ ସମ୍ପନ୍ନ ହୋଇ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ଦଇତାପତି ସେବକ ଅଣସର ଘର ଖୋଲି ଭିତରକୁ ପ୍ରବେଶ କରିଥିଲେ। ଭଣ୍ଡାର ମେକାପ ଦେଇଥିବା ପାଟବସ୍ତ୍ର ପଡିଥିବା ରୁପାଥାଳ ଅଣସର ଘରକୁ ନେଇ ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସଜେଇ କରି ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଢିଆରୀ ପକାଇଥିବା କପଡ଼ା ଉପରେ ଏହି ଥାଳିକୁ ସଜାଇ ରଖିଥିଲେ। ପରେ ଘଣ୍ଟ, ଛତା, କାହାଳୀ ସହ ଥାଳିଗୁଡ଼ିକୁ ଦଇତା ଓ ପତିମହାପାତ୍ର ଗଜପତି ମହାରାଜଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ଏକ ପରୁଆରରେ ଯାଇଥିଲେ। ଶ୍ରୀନଅର ରାଜବାଟୀରେ ପଡିଥିବା ଚାରିବାଡ଼ର ପାହାଡ଼ା ଉପରେ ଥାଳିମାନ ରଖିଥିଲେ। ରାଜଗୁରୁଙ୍କ ସହିତ ଗଜପତି ମହାରାଜା ଆସିଥିଲେ। ଏହାପରେ ଥାଳିଗୁଡ଼ିକୁ ସଂସ୍କାର କରି ରାଜଗୁରୁ ଗଜପତି ମହାରାଜାଙ୍କ ମୁଣ୍ଡରେ ଲଗାଇଥିଲେ। ଗଜପତି ମହାରାଜା ଦଇତାପତିଙ୍କୁ ଶାଢି ବନ୍ଧେଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ଦଇତାପତିମାନେ ଶାଢି ବନ୍ଧାଇବା ପରେ ଦାରୁ ବିଗ୍ରହ ସୁସ୍ଥ ହେବା ଖବର ଜଣାଇଥିଲେ। ଗଜପତିଙ୍କ ସହ ଠାକୁରଙ୍କ ଅଣସର ଘର କାର୍ଯ୍ୟ ସହ ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ହେବ ସେ ବିଷୟରେ ମଧ ଗଜପତି ଦଇତାପତିଙ୍କ ସହ ଆଲୋଚନା କରିଥିଲେ। ପରେ ଦଇତାପତି ସେବକ ମାନେ ଶ୍ରୀନଅରରୁ ପ୍ରସ୍ଥାନ କରିଥିଲେ। ସେହିପରି ତ୍ରୟୋଦଶୀ ସୋମବାର ଅବସରରେ ଶ୍ରୀବିଗ୍ରହଙ୍କୁ ଘଣା ଲାଗି କରାଯିବ।

## ଶ୍ରୀନଅରକୁ ରାଜପ୍ରସାଦ ବୀଜେ ନୀତି ସମ୍ପନ୍ନ



ଶ୍ରୀନଅରକୁ ରାଜପ୍ରସାଦ ବିଜେ କରିବା ପରେ ରାଜଗୁରୁ ଦଇତାପତି ଆଣିଥିବା ମହାପ୍ରଭୁଙ୍କ ଚନ୍ଦନକରାଳ ଆଦିକୁ ଗଜପତିଙ୍କୁ ସମର୍ପଣ କରୁଛନ୍ତି।


ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଲକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଅଣସରରେ ଦରଜି ସେବା

ମହାପ୍ରଭୁଙ୍କ ସେବା ମଧ୍ୟରେ ଅନ୍ୟତମ ଦରଜି ସେବା। ଏହି ଦରଜି ସେବା ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀମନ୍ଦିର ଉପାସନାର ଗୋଟିଏ ଆବଶ୍ୟକୀୟ ସେବା ହେଉଛି ଦରଜି ସେବା। ଏହି ସେବକଙ୍କୁ ଦରଜି ସେବକ କୁହାଯାଏ। ଏମାନଙ୍କର ଜଣେ ସର୍ଦ୍ଦାର ରହି ଦରଜିମାନଙ୍କୁ ଡାକି କାମ କରାନ୍ତି ବୋଲି ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି। ଦରଜି ସେବକମାନେ ବେଢ଼ପତ୍ର ଅନୁଯାୟୀ କାର୍ଯ୍ୟ କରିଥାନ୍ତି। କେବଳ ଦରଜିଙ୍କର ଯିଏ ସର୍ଦ୍ଦାର ରହନ୍ତି, ସେ ହିଁ 'ଶାଢ଼ୀ ବନ୍ଧାନ୍ତି'। ଅନ୍ୟମାନଙ୍କର ଶାଢ଼ୀ ବନ୍ଧା ହୁଏ ନାହିଁ। ଏହି ସେବା ବଂଶାନୁକ୍ରମିକ। ପ୍ରାୟ 'ମହାପାତ୍ର' ସାଙ୍ଗିଆରେ ଦରଜି ସେବକମାନେ ପରିଚିତ। ଦରଜିମାନେ ସେବା ଜାଣିବା ପରେ ସେବାକାର୍ଯ୍ୟ କରିଥାନ୍ତି। କେଉଁ ବେଢ଼ରେ କେତେ କାମ ହେବ, ତାହା ନିର୍ଦ୍ଦିଷ୍ଟଭାବେ ଉଲ୍ଲେଖ ହୋଇ ରହିଛି। ଚଉଦଜଣ ଦରଜିଙ୍କୁ ନେଇ ଏକ 'ନିଯୋଗ' ଥିବାର ସୂଚନା ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି। ପ୍ରତ୍ୟେକ ବେଢ଼ରେ ଜଣେ ମୁଖିଆ ରହି ସେହି ବେଢ଼ର ନିର୍ଦ୍ଦିଷ୍ଟ କାର୍ଯ୍ୟକୁ କରାଇଥାନ୍ତି। ବେଢ଼ କହିଲେ, କାହା ପରେ କିଏ କାମ କରିବ ଏବଂ କାହାର କାହା ପରେ କାମ ପଡୁଛି ଏହାର କ୍ରମ ତାଲିକା। ଦରଜି ସେବାରେ ମୋଟ ବାରଗୋଟି ବେଢ଼ ତାଲିକା ରହିଛି। ଅର୍ଥାତ୍ ବାରଟି ବେଢ଼ ତାଲିକା ଅନୁଯାୟୀ ବର୍ଷସାରା ସେବା କାର୍ଯ୍ୟ ନିର୍ବାହ ହୋଇଥାଏ। ଏଥିରୁ ସ୍ପଷ୍ଟ ଅନୁମାନ କରାଯାଏ ଯେ, ଏହି ସେବା ଗୋଟିଏ ଛୋଟ ସେବା ନୁହେଁ। ମହାପ୍ରଭୁଙ୍କ ବାରମାସର ତେର ଯାତ୍ରାରେ ଦରଜିଙ୍କର ବ୍ୟାପକ ସେବା ରହିଛି। ସେବା ପାଇଁ ଗଜପତିଙ୍କ ଶାସନ ସମୟରେ ଦରଜିମାନଙ୍କୁ 'ସନନ୍ଦ' ପ୍ରଦାନ କରାଯାଉଥିଲା। ଗଜପତିଙ୍କ ହୁକୁମନାମା ବା ସନନ୍ଦ ପାଇଥିବା ଦରଜିମାନଙ୍କୁ ସରକାରୀ ଦରଜି ବୋଲି କୁହାଯାଉଥିଲା।

# ବିଧବାଙ୍କ ସ୍ୱରକୁ ଦୃଢ଼ କରାଯାଉ

## ଆଜି ଅନ୍ତର୍ଜାତୀୟ ବିଧବା ଦିବସ



ଘର ସଂସାର କରି ଜୀବନକୁ ଖୁସିରେ ବିତାଇବାକୁ ପ୍ରାୟ ମହିଳାଙ୍କର ଆଶା ଥାଏ। କିନ୍ତୁ କେତେକ ପରିସ୍ଥିତିରେ ଏଭଳି ଆଶାରେ କଳା ବାଦଲ ମାଡ଼ିଆସେ। ସ୍ୱାମୀଙ୍କର ମୃତ୍ୟୁ ପରେ ସେମାନଙ୍କୁ ବିଧବା ଜୀବନ କଟାଇବାକୁ ପଡ଼ିଥାଏ। ଆଉ ଏଭଳି ଜୀବନରେ ବି କେତେକ ସମସ୍ୟା ଆସିଥାଏ। କିନ୍ତୁ ଏଗୁଡ଼ିକ ପ୍ରତି ଧ୍ୟାନ ଦେବା ସହ ତା'ର ସମୁଚିତ ସମାଧାନର ଆବଶ୍ୟକତା ମଧ୍ୟ ରହିଛି। ତେବେ ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁନ୍ ୨୩ ତାରିଖକୁ 'ଅନ୍ତର୍ଜାତୀୟ ବିଧବା ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ବିଶ୍ୱବ୍ୟାପୀ ବିଧବାମାନଙ୍କର ସମସ୍ୟାଗୁଡ଼ିକର ସମାଧାନ ପାଇଁ ମିଳିତ ଜାତିସଂଘ ପକ୍ଷରୁ ଉଦ୍ୟମ ଜାରୀ ରହିଛି। ଅବଶ୍ୟ ଲୁମ୍ବା ଫାଉଣ୍ଡେଶନ ପକ୍ଷରୁ ୨୦୦୫ରେ ପ୍ରଥମ ଥର ପାଇଁ ବିଧବା ଦିବସ ପାଳନ କରାଯାଇଥିଲା। ୨୦୧୦ରେ ମିଳିତ ଜାତିସଂଘ ଜୁନ୍ ୨୩ରେ ଏହି ଦିବସ ପାଳନକୁ ସ୍ୱୀକୃତି ଦେଇଥିଲେ। ସୂଚନାଯୋଗ୍ୟ ଲୁମ୍ବା ଫାଉଣ୍ଡେଶନର ପ୍ରତିଷ୍ଠାତା ଲର୍ଡ ରାଜ ଲୁମ୍ବାଙ୍କ ମା' ପୁଷ୍ପାବତୀ ଲୁମ୍ବା ଜୁନ୍ ୨୩ରେ ବିଧବା ହୋଇଥିଲେ। ତେବେ ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି, 'ବିଧବାଙ୍କ ସ୍ୱରକୁ ଦୃଢ଼ କରାଯାଉ'। ଏକ ଆକଳନରୁ ଜଣାପଡ଼ିଛି ଯେ, ସମଗ୍ର ବିଶ୍ୱରେ ପ୍ରାୟ ୨୪୫ ମିଲିୟନ ବିଧବା ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୧୧୫ ମିଲିୟନ ଦୁର୍ଦ୍ଦଶା ମଧ୍ୟରେ କାଳାତିପାତ କରୁଛନ୍ତି। ତେଣୁ ସେମାନେ କିପରି ଭଲ ଭାବରେ ଜୀବନ ବିତାଇ ପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବା ଦରକାର। ଅବଶ୍ୟ ଏହି ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧବାମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯିବା ସହ ସେଗୁଡ଼ିକ ସମାଧାନ ପାଇଁ ବିଚାର ଆଲୋଚନା କରାଯାଇଥାଏ।



# Classified Everyday
0674-2580101, 9692975378



REAL ESTATE
SALE

Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492. D-738

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର- 6000/-, ଝାରପଡ଼ା- 4600/- contact- 7978551614, 9439049194. D-950



FOR RENT

2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298 D-990



Healthcare

Positively health benefits SPA expert female therapist homely atmosphere. 8658088274. D-974

Newly open health benefits SPA by expert therapist. Contact- 8280961126. D-76924

Newly open spa positively health benefits (Expert therapist). Contact: 7749034655 D-76922

Newly open Jyoti SPA positively health benefits (expert therapist). 8458067955. D-76923


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By virtue of an affidavit sworn before Magistrate, BBSR, dated- 21.06.25, I, Mukesh Pradhan, Address: At- Christapur, P.O.- Chelagada, Dist.- Gajapati, PIN- 761017, declare that I have changed my son's name from Prince Pradhan to Pradeep Pradhan. Henceforth, he shall be known as Pradeep Pradhan for all purposes.
Mukesh Pradhan
D- 1033

I, Sunita Agarwal, D/o Dwarika Prasad Modi, W/o Sachin Agarwal, At- Classic Apartment, flat-1(B), first floor, Sahebzada Bazar, Ganesh Ghat, P.O.- Chandinichowk, P.S.- Lalbag, Dist.- Cuttack, 753002 hereby declare by the affidavit No.- 5062, dt- 21.06.25 that after Married to Sachin Agarwal I have changed my surname Modi to Agarwal. So Sunita Agarwal and Sunita Modi is one and same person. D-1039

I, Jyoti Sharma, W/o Asish Sharma, At- Hemraj Lane, Nayasadak, P.O.- Chandini Chouk, P.S.- Lalbag, Dist.- Cuttack, declare by an affidavit before Notary Public, Cuttack Dt- 18.06.25 that name of my husband is Asish Sharma. Asish Sharma and Asish Kumar Sharma is one and same person. D-1040


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


### LEGAL NOTICE

IR No.- 955/ date- 10.06.25

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଆଇ.ଏ.ଏସ୍., ଅତିରିକ୍ତ କମିଶନର, ରିଭିଜନାଲ କୋର୍ଟ ନଂ.-୨, ୪ର୍ଥ ମହଲା, ନଅତାଲା, ୟୁନିଟ୍-୫, ଭୁବନେଶ୍ୱର, ଜି-ଖୋର୍ଦ୍ଧା
ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା ୧୫ (ଖ) ମୁତାବକ
ଓ.ଏସ୍.ଏସ୍. କେସ୍ ନମ୍ବର- ୮୧/୨୦୨୩
ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

ପୁଷ୍ପାଞ୍ଜଳି ମହାପାତ୍ର, ସ୍ୱା- ପ୍ରକାଶ ନାରାୟଣ ଭଣ୍ଡାରେ ...ବାଦୀ
ବନାମ
ବନ୍ଦୋବସ୍ତ ଅଫିସର ଏବଂ ଓଗେର ...ପ୍ରତିବାଦୀ

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ.-୨- ରଙ୍ଗଲତା ସାହୁ, ସ୍ୱା- ବଂଶୀଧର ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.-୫- ଚିତ୍ତରଞ୍ଜନ ସାହୁ, ପି- ବଂଶୀଧର ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.-୭- ବିନୋଦିନୀ ସାହୁ, ପି- ବଂଶୀଧର ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.-୮- ଆହ୍ଲାଦିନୀ ସାହୁ, ପି- ବଂଶୀଧର ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.- ୧୦- ଭକ୍ତି ରଞ୍ଜନ ସାହୁ, ପି- କାଳୀଚରଣ ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

ନୋଟିସ
ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

ପ୍ରତିବାଦୀ ନଂ.-୨- ରଙ୍ଗଲତା ସାହୁ, ସ୍ୱା- ବଂଶୀଧର ସାହୁ, ପ୍ରତିବାଦୀ ନଂ.-୫- ଚିତ୍ତରଞ୍ଜନ ସାହୁ, ପି- ବଂଶୀଧର ସାହୁ, ପ୍ରତିବାଦୀ ନଂ.-୭- ବିନୋଦିନୀ ସାହୁ, ପି- ବଂଶୀଧର ସାହୁ, ପ୍ରତିବାଦୀ ନଂ. ୮- ଆହ୍ଲାଦିନୀ ସାହୁ, ପି- ବଂଶୀଧର ସାହୁ, ପ୍ରତିବାଦୀ ନଂ. ୧୦- ଭକ୍ତି ରଞ୍ଜନ ସାହୁ, ପି- କାଳୀ ଚରଣ ସାହୁ, ସମସ୍ତ ପ୍ରତିବାଦୀ ସା- ଗମେଇ, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା ଅଟନ୍ତି। ଯେହେତୁ ଏହି ପ୍ରତିବାଦୀଙ୍କ ନିକଟକୁ ମାନ୍ୟବର କୋର୍ଟଙ୍କର ନୋଟିସ୍ ଯିବାରେ ପ୍ରତିବାଦୀମାନେ ଉକ୍ତ ଠିକଣାମାନଙ୍କରେ ରହୁନଥିବାରୁ ନୋଟିସ୍ ଫେରସ୍ତ ଆସିଅଛି ସୁତରାଂ ପ୍ରତିବାଦୀଙ୍କର ଅବଗତି ନିମନ୍ତେ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ଉପରଲିଖିତ ରିଭିଜନ କମିଶନରଙ୍କ ଅଦାଲତ ଇଜିଲାସରେ ଭୁବନେଶ୍ୱର ସ୍ଥିତ ନଅତାଲା କୋଠା କାର୍ଯ୍ୟାଳୟରେ ଆସନ୍ତା ତା୨୨।୦୭।୨୦୨୫ରିଖ ଦିବା ୧୧:୧୫ ମିନିଟ୍ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିଜମା ବିବରଣୀ
ଜିଲ୍ଲା: ଖୋର୍ଦ୍ଧା, ତହସିଲ:-ଜଟଣୀ, ମୌଜା:- ନୀଳକଣ୍ଠପୁର, ହାଲ ଖାତା ନଂ- ୭୮, ହାଲ ପ୍ଲଟ ନଂ.- ୩୩୩, ସମୁଦାୟ ଏରିଆ:- ଏ ୦.୦୫୫ କରେସ୍ପଣ୍ଡିଙ୍ଗ୍ ଟୁ ସାବିକ ଖାତା ନଂ. ୮୦, ସାବିକ ପ୍ଲଟ ନଂ. ୨୫୫ (ସବ୍ ପ୍ଲଟ୍- ୪୮- ଏରିଆ:- ଏ ୦.୦୨୭.୫ ଓ ସବ୍ ପ୍ଲଟ୍- ୪୯, ଏରିଆ:- ଏ ୦.୦୨୭.୫) ସମୁଦାୟ ଏରିଆ:- ଏ ୦.୦୫୫ ସର୍ବମୋଟ ଏ ୦.୨୯୦ଡି ମଧ୍ୟରୁ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ- ୨, ୫, ୭, ୮ ଓ ୧୦ ମାନେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସ୍‌ରେ ଉପସ୍ଥିତ ରହି ମୋକଦ୍ଦମା ଶୁଣାଣିରେ ଅଂଶଗ୍ରହଣ କରିବେ ଯଦି ୱାରସ୍ ପ୍ରତିବାଦୀମାନଙ୍କର ଆପତ୍ତି ଅଭିଯୋଗ ତଥା କାଗଜାତ ପ୍ରମାଣ କରିବାର ଥାଏ ତାହା କୋର୍ଟଙ୍କୁ ଜଣାଇବେ। ଅନ୍ୟଥା ନିୟମ ଅନୁଯାୟୀ ଉପରଲିଖିତ ମୋକଦ୍ଦମାକୁ ବିଚାର କରାଯିବ।

ଭୁବନେଶ୍ୱର
ତା:

ଅତିରିକ୍ତ କମିଶନର ରିଭିଜନାଲ କୋର୍ଟ ନଂ- ୨, ୪ର୍ଥ ମହଲା, ନଅତାଲା କୋଠା, ୟୁନିଟ- ୫, ଭୁବନେଶ୍ୱର, ଜି- ଖୋର୍ଦ୍ଧାଙ୍କ ଅନୁମୋଦନ କ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୦୩୮

## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**୰ଦୋଳଗୋବିନ୍ଦ ଷଡ଼ଙ୍ଗୀ**
ଅବସରପ୍ରାପ୍ତ ଓଡ଼ିଶା ରାଜ୍ୟ ଶିଳ୍ପ ଉପନିର୍ଦ୍ଦେଶକ
ଆବିର୍ଭାବ- ୧୦।୦୩।୧୯୩୯
ତିରୋଧାନ- ୨୬।୦୬।୨୦୨୨
(ଆଷାଢ଼ କୃଷ୍ଣପକ୍ଷ ତ୍ରୟୋଦଶୀ)
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ନିଃସ୍ୱାର୍ଥପର ସେବା ମନୋଭାବ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣ ସର୍ବଦା ଆମ୍ଭମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ। ପତ୍ନୀ ବିୟୋଗ ପରେ ଭୁବନେଶ୍ୱରସ୍ଥିତ ରତ୍ନପ୍ରଭା ଦେବୀ ମେମୋରିଆଲ ଟ୍ରଷ୍ଟର ସ୍ଥାପନା ଓ ଏହାର ଏକକ ସଂସ୍ଥାପକ ଅଧ୍ୟକ୍ଷ ଭାବେ ଆପଣଙ୍କ କାର୍ଯ୍ୟ ସମ୍ପାଦନ ଅବିସ୍ମରଣୀୟ ତଥା ପ୍ରେରଣାଦାୟୀ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ- ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୧୦୩୬

### ଦଶାହ ଉପଲକ୍ଷେ



**୰ଗୀତାଞ୍ଜଳି ସେଠୀ (ମାମି)**
କାସିଆ, ବଳଙ୍ଗା, ନିମାପଡ଼ା
ଆବିର୍ଭାବ: ୧୧।୦୬।୧୯୭୦
ତିରୋଧାନ: ୧୪।୦୬।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତିଦାୟକ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:
ହତଭାଗ୍ୟ ସ୍ୱାମୀ: ଗୋକୁଳାନନ୍ଦ ଓ ପରିବାରବର୍ଗ
ଧ-୧୦୩୪

### ଏକାଦଶାହ ଉପଲକ୍ଷେ



**୰ଦ୍ରୌପଦୀ ବେହେରା**
ସ୍ଥାନ: ଡମଣା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୨୪।୧୧।୧୯୪୪
ତିରୋଧାନ: ୧୩।୦୬।୨୦୨୫
ଚାହୁଁ ଚାହୁଁ ଦଶ ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର- ସନ୍ତୋଷ ବେହେରା, ପୁତ୍ରବଧୂ- ଶାନ୍ତି ବେହେରା, ନାତି- ବିଜୁ, ଅଜୁ, ଜାକେଶ, ମାନସ, ଦିନେଶ, ସୋନୁ, ସାନୁ, ନାତୁଣୀ- ସାଗରିକା, ସ୍ୱାଗତିକା, ଶ୍ରୀୟାଂଶୀ ଏବଂ ପରିବାରବର୍ଗ
ଧ-୧୦୧୬


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଡାଇରିଆ : କାରଣ, ପ୍ରତିକାର


ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ଝାଡ଼ାବାନ୍ତି ବା ଡାଇରିଆ ପ୍ରାୟତଃ ବର୍ଷା ଦିନେ ଅଧିକ ମାତ୍ରାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହୁତ ଲୋକଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିଥାଏ, କାରଣ ପ୍ରବାହିତ ଜଳରେ ଜୀବାଣୁ ସଂକ୍ରମଣ ହେବାର ଆଶଙ୍କା ଅଧିକ। ଆମେ ଦୈନନ୍ଦିନ ଜୀବନରେ ଏସବୁ ପ୍ରତି ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି। ଡାଇରିଆ ଏମିତି ଏକ ସ୍ୱାସ୍ଥ୍ୟ ସମସ୍ୟା, ଯାହାକି ଯେକୌଣସି ସମୟରେ ସବୁ ବର୍ଗର ବ୍ୟକ୍ତିଙ୍କୁ ସଂକ୍ରମିତ ହୋଇଥାଏ। ଡାଇରିଆ ମୁଖ୍ୟତଃ ଜଳ ଏବଂ ମାଛିଙ୍କ ଦ୍ୱାରା ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ଅତିଶୀଘ୍ର ବ୍ୟାପିଥାଏ। ଏହାକୁ ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ରୋଗୀ ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ରହିଥାଏ।"





ମାନବ ସଭ୍ୟତା ସୃଷ୍ଟି ହେବା ଦିନଠାରୁ, ମନୁଷ୍ୟର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦୈନନ୍ଦିନ ମନୁଷ୍ୟ ଯେତେ ସତର୍କତାରେ ରହିଲେ ସୁଦ୍ଧା, ବେଳେ ବେଳେ ଅଜଣା ଓ ହେୟ ଜ୍ଞାନ ବଶତଃ ସାଧାରଣ ଭୁଲ୍ ହୋଇ ଯାଇଥାଏ। ବେଳେବେଳେ ଏହା ନିଜର, ନିଜ ପରିବାରର ସହ ସମାଜ ନିମନ୍ତେ ନାହିଁ ନଥିବା କ୍ଷତି ପହଞ୍ଚାଇ ଥାଏ। ବେଳେବେଳେ ଏପରି ସ୍ଥିତି ହୋଇଥାଏ ଯେ, ଏକାଧିକ ମନୁଷ୍ୟ ମୃତ୍ୟୁ ମୁଖରେ ପଡିବାର ଆଶଙ୍କା ରହିଥାଏ। ଆମର ସାମାଜିକ ଚଳଣି ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଆମର ପୂର୍ବ ପିଢ଼ିମାନଙ୍କ ଦୈନନ୍ଦିନ ଚାଲିଚଳଣି, ଖାଦ୍ୟପେୟ, ପୋଷାକ ଓ ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ସବୁ ଆଜିର ଆଧୁନିକ ସଭ୍ୟତାଠାରୁ ସମ୍ପୂର୍ଣ୍ଣ ଭିନ୍ନ ରକମର ଥିଲା। ଏହାଦ୍ୱାରା ଡାଇରିଆ, କଲେରା, ମିଳମିଳା, ବସନ୍ତ, ହାଡ଼ଫୁଟି ଆଦି ମହାମାରୀ ଭାବେ ଜଣଙ୍କ ଠାରୁ ଅନ୍ୟ ଜଣକୁ କ୍ଷିପ୍ର ଗତିରେ ବ୍ୟାପି ବହୁ ଲୋକଙ୍କ ଜୀବନ ହାନି ଘଟୁଥିଲା। ଆଜି ସେ ପରିସ୍ଥିତି ନାହିଁ ସତ କିନ୍ତୁ ବେଳେ ବେଳେ କିଛି ତ୍ରୁଟି ବିଚ୍ୟୁତି ଘଟିଲେ ଡାଇରିଆ ପରି ପରିସ୍ଥିତି ସୃଷ୍ଟି ହେଉଛି। ସାଧରଣ ଭାବେ ଅନୁମେୟ କଲେ ଜଣାଯାଏ ଯେ ଆଜିର ଛୋଟ ପିଲା, ଯୁବପିଢ଼ି, ମଧ୍ୟବୟସ୍କ ଓ ବୟସ୍କ ଉଚ୍ଚ ରକ୍ତଚାପ, ସିକଲସେଲ, କିଡ୍‌ନୀ, ହୃଦ୍‌ରୋଗ ଜନିତ ବିଭିନ୍ନ ଜଟିଳ ତଥା ମାରାତ୍ମକ ରୋଗରେ ଆକ୍ରାନ୍ତ ହେବା ଦେଖା ଦେଇଛି। ଅତୀତରେ ଏସବୁ ରୋଗରେ ପୀଡ଼ିତ ରୋଗୀଙ୍କ ସଂଖ୍ୟା ଅତି ନଗଣ୍ୟ ଥିଲା। କିଛି ବର୍ଷ ପୂର୍ବେ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଜ୍ଞାନ ଏବଂ ସଚେତନତାର ଅଭାବରୁ ହେଉ କିମ୍ବା କୌଣସି କାରଣରୁ ବାସି ଖାଦ୍ୟ, ଘୋଡା ନ ହୋଇ ରଖାଯାଇଥିବା ଖାଦ୍ୟ ଖାଇବା, ପୋଖରୀ, ନଦୀ ଓ ଝରଣା ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରିବା ହେତୁ ଡାଇରିଆ ମହାମାରୀ ରୋଗରେ ବହୁ ବ୍ୟକ୍ତି ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିଲେ। ସାଧାରଣତଃ ବାସି ତଥା ବିଷାକ୍ତ ଖାଦ୍ୟ, ଦୂଷିତ ଜଳ ହିଁ ଝାଡ଼ାବାନ୍ତିର ପ୍ରମୁଖ କାରଣ। ଏହାକୁ ମନୁଷ୍ୟ ଖାଇବା ମାତ୍ରେ ତାହା ମନୁଷ୍ୟ ଶରୀରରେ ପାର୍ଶ୍ୱ ପ୍ରତିକ୍ରିୟା କରାଇ ରୋଗ ସୃଷ୍ଟି କରାଇଥାଏ।

## ଝାଡ଼ାବାନ୍ତି ହେବାର କାରଣ

ପ୍ରାୟତଃ ଗାଁ ଏବଂ ପଡାମାନଙ୍କରେ ରାତିରେ ରନ୍ଧା ଖାଦ୍ୟକୁ ସକାଳେ ଖାଇବା ପାଇଁ ରଖିଥାନ୍ତି। କେତେକ ଖାଦ୍ୟକୁ ଠିକ୍ ଭାବରେ ଘୋଡ଼ାଇ ରଖି ନ ଥାନ୍ତି। ଏହାଦ୍ୱାରା ମଶା, ମାଛି, କିମ୍ବା ଅନ୍ୟାନ୍ୟ କୀଟ ପତଙ୍ଗଙ୍କ ଦ୍ୱାରା ଖାଦ୍ୟ ବିଷାକ୍ତ ହେବାର ଆଶଙ୍କା ଥାଏ। ସେହି ଖାଦ୍ୟକୁ ଖାଇବା ଦ୍ୱାରା ମନୁଷ୍ୟ ଡାଇରିଆ (ଝାଡ଼ାବାନ୍ତି)ରେ ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଥାଏ। ଏତଦ ସହ, ବଣରେ ଭିଭିନ୍ନ ରକମର ଛତୁ ଫୁଟିଥାଏ, କେଉଁ ଛତୁ ଖାଇବା କେଉଁ ଛତୁ ନଖାଇବା ତା' ଉପରେ ଅନେକଙ୍କର ଧାରଣା ନଥାଏ। ଏମିତି କେତେ ପ୍ରକାରର ଛତୁ ରହିଛି ଯାହାକି ସ୍ୱାସ୍ଥ୍ୟ ପାଇଁ ବିଷାକ୍ତ ଅଟେ। ତେଣୁ ଛତୁକୁ ଉଷ୍ମ ଜଳରେ ଅଳ୍ପ ହଳଦୀ ଗୁଣ୍ଡ ପକାଇ କିଛି ସମୟ ରଖି ରୋଷେଇ କରିବା ଉଚିତ। ଦୂଷିତ ପାଣି ପେଟକୁ ଗଲେ ଝାଡ଼ାବାନ୍ତିର ଶିକାର ହେବାକୁ ପଡିଥାଏ। ବନ୍ଧ, ନଦୀ, ନାଳ, ସଞ୍ଚିତ ଜଳାଶୟ, ଝରଣା ଜଳ କେତେକ କାରଣରୁ ଦୂଷିତ ହୋଇଥାଏ। ଡ୍ରେନ ପାଖ ଦେଇ ଯାଇଥିବା ପାଇପ ବେଳେବେଳେ ଫାଟିଯାଇଥାଏ। ଫଳରେ ପାନୀୟ ଜଳରେ ଦୂଷିତ ହୋଇଥାଏ। ଏସବୁ ଜଳକୁ ବ୍ୟବହାର କଲେ ଝାଡ଼ାବାନ୍ତି ହେବାର ଆଶଙ୍କା ରହିଥାଏ। ଜଳାଶୟରେ ଲୋକମାନେ ଶୌଚ କରିବା, ଗାଈ, ମଇଁଷି, ଘୁଷୁରିକୁ ଗାଧୋଇବା, ପୋଖରୀ ହୁଡ଼ାରେ ମନୁଷ୍ୟ, ଗାଈ, ଗୋରୁ, ଛେଳି, ମଇଁଷି, ଘୁଷୁରି ଆଦି ମଳ ତ୍ୟାଗ କରିବା ଦ୍ୱାରା ସେହି ପାଣି ବ୍ୟବହାର ଯୋଗ୍ୟ ହୋଇ ନ ଥାଏ। ପାହାଡ଼ର ନିମ୍ନ ଭାଗରେ ଝରଣା ଜଳ ମଧ୍ୟ ବେଳେବେଳେ ଦୂଷିତ ହୋଇଥାଏ।

ଝାଡ଼ାବାନ୍ତି ବା ଡାଇରିଆ ପ୍ରାୟତଃ ବର୍ଷା ଦିନେ ଅଧିକ ମାତ୍ରାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହୁତ ଲୋକଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିଥାଏ କାରଣ, ପ୍ରବାହିତ ଜଳରେ ଜୀବାଣୁ ସଂକ୍ରମଣ ହେବାର ଆଶଙ୍କା ଅଧିକ ଅଟେ। ଆମେ ଦୈନନ୍ଦିନ ଜୀବନରେ ଏସବୁ ପ୍ରତି ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି। ଡାଇରିଆ ଏମିତି ଏକ ସ୍ୱାସ୍ଥ୍ୟ ସମସ୍ୟା, ଯାହାକି ଯେକୌଣସି ସମୟରେ ସବୁ ବର୍ଗର ବ୍ୟକ୍ତିଙ୍କୁ ସଂକ୍ରମିତ ହୋଇଥାଏ। ଡାଇରିଆ ମୁଖ୍ୟତଃ ଜଳ ଏବଂ ମାଛିଙ୍କ ଦ୍ୱାରା ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ଅତିଶୀଘ୍ର ବ୍ୟାପିଥାଏ। ଏହାକୁ ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁମୁଖରେ ପଡିବା ଆଶଙ୍କା ରହିଥାଏ। ତେଣୁ ଛୋଟ ଶିଶୁ, ଛାତ୍ରୀଛାତ୍ରଙ୍କ ସମେତ ଗାଁ, ପଡାମାନଙ୍କରେ ବସବାସ କରୁଥିବା ସାଧାରଣ ଲୋକଙ୍କୁ ମୁଖ୍ୟତଃ ଖାଦ୍ୟ ଓ ଜଳର ବ୍ୟବହାର ଉପରେ ସତର୍କତା ଓ ସଚେତନତା କରାଇବା ନିତାନ୍ତ ଜରୁରୀ।

ସରକାରଙ୍କ ଦ୍ୱାରା ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଓ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା ସମସ୍ତ ଜୀବାଣୁ ଓ ଭୂତାଣୁ ଜନିତ ରୋଗର ପ୍ରତିରୋଧ ପାଇଁ ବିଭିନ୍ନ ଟିକାକରଣ ବ୍ୟବସ୍ଥା ରହିଛି। ଶିଶୁ ଓ ବୟସ୍କ ଶିଶୁଙ୍କ ଡାଇରିଆକୁ ପ୍ରତିରୋଧ ନିମନ୍ତେ ତିନୋଟି ପର୍ଯ୍ୟାୟ(୬,୧୦ ଓ ୧୪ ସପ୍ତାହ) ମଧ୍ୟରେ 'ରୋଟା ଭାଇରସ' ନାମକ ଟିକାକରଣ କରାଯାଇଥାଏ। ବେଳେବେଳେ ଟିକା ନେଇ ନ ଥିବା ଶିଶୁ, ରୋଗପ୍ରତିରୋଧକ ଶକ୍ତି କମ ଥିବା ବ୍ୟକ୍ତି ଏବଂ ଜଟିଳ ଦୁରାରୋଗରେ ଆକ୍ରାନ୍ତ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହେଲେ ଜୀବନହାନିର ଆଶଙ୍କା ଅଧିକ ରହିଥାଏ।

## ଡାଇରିଆ ପ୍ରତିରୋଧ ନିମନ୍ତେ ସତର୍କତା

– କୌଣସି ବ୍ୟକ୍ତିଙ୍କୁ ଏକାଧିକ ଥର ଝାଡ଼ା ଓ ବାନ୍ତି ହେଲେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ।
– ପାଣିକୁ ଭଲଭାବେ ସିଝାଇ, ଛାଣି ପାନୀୟ ଜଳ ରୂପେ ବ୍ୟବହାର କରନ୍ତୁ।
–ଓଆର୍‌ଏସ୍‌କୁ ବାରମ୍ବାର ପିଇବା ଆବଶ୍ୟକ।
– ଅଳ୍ପ ଲୁଣ, ଚିନି, ଲେମ୍ବୁରସକୁ ମିଶାଇ ପାନୀୟ ଭାବେ ପିଇବା ଉଚିତ।
– ସଜ ରନ୍ଧା ଖାଦ୍ୟ ସହ ଉଷୁମ ଖାଦ୍ୟ ଖାଇବା ଉଚିତ।
–ବାସି ଖାଦ୍ୟ ଖାଇବା ଅନୁଚିତ।
–ମଶା,ମାଛି ଠାରୁ ଦୂରେଇ ରହିବା ପାଇଁ ବାସ ସ୍ଥାନର ଚତୁଃପାର୍ଶ୍ୱ ସଫାସୁତରା ରଖିବା ଉଚିତ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସମୟ ଉପଯୋଗୀ ପଦକ୍ଷେପ ହେତୁ ବିଭିନ୍ନ ପ୍ରକାର ଜୀବାଣୁ ଓ ଭୂତାଣୁ ଜନିତ ରୋଗକୁ ପ୍ରତିରୋଧ କରାଯାଇ ପାରୁଛି। ଏତଦ ସହ ଡାଇରିଆକୁ ପ୍ରତିହତ ଓ ପ୍ରତିରୋଧ ନିମନ୍ତେ ସାମୂହିକ ଭାବେ ସତର୍କତା ଓ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ସର୍ବସାଧାରଣଙ୍କ ପାଖରେ ପହଞ୍ଚିବା ଆବଶ୍ୟକତା ରହିଛି।

–ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

# ଓଜନ ନିୟନ୍ତ୍ରଣ କରେ ଶାଗ



ସ୍ୱାସ୍ଥ୍ୟ ପାଇଁ ଶାଗ କେତେ ଉପକାରୀ ତାହା ଅନେକ ଜାଣନ୍ତି। ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍ ବ୍ୟତୀତ ଭିଟାମିନ୍-ଏ, ସି ଏବଂ ଇ ଆଦି ଭରି ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଶାଗ ଖାଆନ୍ତି, ତେବେ ତାଙ୍କର ଓଜନ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ ବୋଲି ଏକ ସର୍ଭେରୁ ଜଣାପଡିଛି। 'ଶାଗ ଏବଂ ଓଜନ ନିୟନ୍ତ୍ରଣ' ବିଷୟରେ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଗବେଷଣା କରି ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଶାଗରେ ଥିବା ଭିଟାମିନ୍-ଏ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ତା'ସହ ଦୃଷ୍ଟି ଶକ୍ତି ପାଇଁ ଏହା ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ। ସଜନା ଶାଗ ରକ୍ତରେ ଗ୍ଲୁକୋଜ୍ ଏବଂ ପରିସ୍ରାରେ ଶର୍କରା ଏବଂ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ। ଏହା ଲିଭର୍ ସେଲ୍‌କୁ ମଧ୍ୟ ସୁରକ୍ଷା ଦେଇଥାଏ। ଏଥିରେ ଫସ୍‌ଫରସ୍ ଓ କ୍ୟାଲ୍‌ସିୟମ୍ ଅଧିକ ପରିମାଣରେ ଥିବାରୁ ଅସ୍ଥିକୁ ମଜଭୁତ୍ ରଖିବାରେ ସାହାଯ୍ୟ କରେ। ଆଣ୍ଠୁଗଣ୍ଠି ବାତ ଆଶଙ୍କାକୁ ଏହା ମଧ୍ୟ କେତେକାଂଶରେ ଦୂର କରିଥାଏ। ଯେହେତୁ ଏଥିରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିଛି, ତେଣୁ ଏହା କେଶମୂଳକୁ ଦୃଢ଼ ରଖିବା ସହ ତ୍ୱଚାକୁ ଔଜ୍ଜ୍ୱଲ୍ୟତା ପ୍ରଦାନ କରେ। ଭିଟାମିନ୍‌ସ ଓ ମିନେରାଲ୍ସ ଏଥିରେ ଥିବାରୁ ଏହା ଖାଦ୍ୟ ହଜମ ହେବାରେ ମଧ୍ୟ ସାହାଯ୍ୟ କରିଥାଏ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମଧ୍ୟ ଉପକାରୀ।

# ନୀରୋଗ ରହିବାର ସରଳ ସୂତ୍ର



ଆମର ଏଭଳି କେତେକ ଅଭ୍ୟାସ ରହିଛି ଯାହା ପ୍ରତି ଆମେ ନଜର ନେବା ନିହାତି ଦରକାର। କାରଣ ନିଜକୁ ସୁସ୍ଥ ରଖିବା ଲାଗି କେତେକ ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। ଖାଇବାର ଠିକ୍ ପରେ ପରେ ଫଳମୂଳ ଆଦୌ ଖାଆନ୍ତୁ ନାହିଁ। ଚା', କଫି, କୋଲଡ୍ରିଙ୍କ ଏବଂ ନିଶାଦ୍ରବ୍ୟ ଠାରୁ ମଧ୍ୟ ଯଥା ସମ୍ଭବ ଦୂରେଇ ରୁହନ୍ତୁ। ଏହା ଶରୀର ଉପରେ କୁପ୍ରଭାବ ପକାଇବା ସହ ପେଟରେ ଏସିଡିଟିର ମାତ୍ରା ବଢ଼ାଇ ଦେଇଥାଏ। ଖାଇବା ସମୟରେ କେତେକେ ପାଣି ପିଇଥାଆନ୍ତି। ଏହା ଏକ ଖରାପ ଅଭ୍ୟାସ। କାରଣ ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିଥାଏ। ଏହାଦ୍ୱାରା ଓଜନ ବଢ଼ିବା ପରି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେଣୁ ଖାଇବା ପୂର୍ବରୁ ଏବଂ ସମୟରେ ପାଣି ନ ପିଇବା ଭଲ। ଖାଇବାର ଅଧଘଣ୍ଟାଏ ପରେ କିମ୍ବା ପୂର୍ବରୁ ପାଣି ପିଅନ୍ତୁ, ଯାହାକି ଖାଦ୍ୟ ହଜମରେ ସାହାଯ୍ୟ କରିବ। ଖାଇବାର ଠିକ୍ ପରେ ପରେ ଶୁଅନ୍ତୁ ନାହିଁ। ଏହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିଥାଏ। ଖାଦ୍ୟ ଖାଇବା ପରେ କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଦ୍ୟ ଠିକ୍ ଭାବରେ ହଜମ ହୋଇଥାଏ। ଖାଇବାର ଠିକ୍ ପରେ ପରେ ଆଦୌ ଗାଧାନ୍ତୁ ନାହିଁ। କାରଣ, ଖାଇବା ପରେ ଗାଧୋଇଲେ ତାହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିବାର ଆଶଙ୍କା ରହିଛି। ଏହାଦ୍ୱାରା ରକ୍ତ ସଞ୍ଚାଳନ ତ୍ରୀବ ହୋଇଥାଏ ଯାହା ଶରୀର ପାଇଁ କ୍ଷତି ପହଞ୍ଚାଏ। ଏସବୁ ବ୍ୟତୀତ ସବୁବେଳେ ଠିକ୍ ସମୟରେ ଖାଆନ୍ତୁ । କୌଣସି ରୋଗର କାରଣ ବିଷୟରେ ଜାଣିପାରିଲେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ଚିକିତ୍ସା କରାଇ ନିଅନ୍ତୁ।

# ଅଧିକ ସମୟ ଆଙ୍ଗୁଠି ଫୁଟାଉଥିଲେ...



ଆଙ୍ଗୁଠି ଫୁଟାଇଲେ ଟିକେ ଆରାମ ଲାଗେ। କିନ୍ତୁ କେତେକ ବ୍ୟକ୍ତିଙ୍କର ଏହା ଏକ ଅଭ୍ୟାସର ପରିଣତ ହୋଇଯାଇଥାଏ। ତେବେ ଏଭଳି ଅଭ୍ୟାସର ଖରାପ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିବାର ଆଶଙ୍କା ରହିଛି ବୋଲି ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏପରି ଅଭ୍ୟାସ ଲାଗି ରହିଲେ ସଂପୃକ୍ତ ବ୍ୟକ୍ତି ଭବିଷ୍ୟତରେ ଆଣ୍ଠୁଗଣ୍ଠିଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଆଙ୍ଗୁଠି ଫୁଟାଇବା ଏକ ଅଭ୍ୟାସରେ ପରିଣତ ହୋଇଥିବା କେତେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ପରୀକ୍ଷା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଆଣ୍ଠୁଗଣ୍ଠିଜନିତ ସମସ୍ୟାର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେଣୁ ଏଭଳି ଅଭ୍ୟାସରୁ ବିରତ ରହିବା ସହ ଆଇରନ୍, ପୋଟାସିୟମ୍ ଏବଂ କ୍ୟାଲସିୟମ୍‌ଯୁକ୍ତ ଖାଦ୍ୟ ଖାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ଜାଣି ରଖନ୍ତୁ



ଉଷୁମ ପାଣିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଅନେକ ଭରି ରହିଛି। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା ଶରୀର ପାଇଁ ଲାଭଦାୟକ। ଜଣେ ଆଜ୍‌ମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ଦୂର ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଏହାର ଆଉ ଏକ ଉପକାରୀ ଗୁଣ ମଧ୍ୟ ରହିଛି। କୋଲେଷ୍ଟରଲ ଜନିତ ସମସ୍ୟା ଆଜିକାଲି ଏକ ସାଧାରଣ କଥା ପାଲଟି ଗଲାଣି କହିଲେ ଭୁଲ ହେବ ନାହିଁ। ତେଣୁ ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟରଲର ପରିମାଣ ସନ୍ତୁଳିତ ରହିଥାଏ। ଉଷୁମ ପାଣି ପିଇଲେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହ ମେଦବହୁଳତାକୁ କେତେକାଂଶରେ ନିୟନ୍ତ୍ରଣ କରିଥାଏ।

# ସନ୍ତୁଳିତ ଜୀବନଶୈଳୀ ଓ ସକାରାତ୍ମକ ମାନସିକତା



ନିଜର ଜୀବନଶୈଳୀକୁ ଯଦି ଆମେ ସନ୍ତୁଳିତ ରଖିପାରିଲେ, ତେବେ ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। କେବଳ ସେତିକି ନୁହେଁ, ଏହାର ସୁପ୍ରଭାବ ମାନସିକତା ଉପରେ ପଡିଥାଏ। ଜୀବନଶୈଳୀ ଯଦି ଠିକ୍ ଠାକ୍ ରହିଲା, ତେବେ ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିଥାଏ ବୋଲି ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ମତ ଦେଇଛନ୍ତି। 'ସନ୍ତୁଳିତ ଜୀବନଶୈଳୀ ଏବଂ ସକାରାତ୍ମକ ମାନସିକତା' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଜୀବନଶୈଳୀ ସନ୍ତୁଳିତ ରହୁଥିବା ତାହାର ପ୍ରଭାବ ସେମାନଙ୍କର ମାନସିକତା ଉପରେ କିପରି ପଡୁଛି ତାହାକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରାଯାଇଥିଲା। ଜୀବନଶୈଳୀ ସନ୍ତୁଳିତ ରହିବା ଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ରହୁଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଜଣେ ବ୍ୟକ୍ତି ଏଥିପାଇଁ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ସହ ନିୟମିତ ବ୍ୟାୟାମ କରିବା ବ୍ୟତୀତ ଟେନସନଠାରୁ ଦୂରେଇ ରହିବା ଦରକାର ବୋଲି ସେମାନେ ରିପୋର୍ଟରେ ଦର୍ଶାଇଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

➤ରକ୍ତହୀନତା ସମସ୍ୟା ସହ ଜଡ଼ିତ ବ୍ୟକ୍ତିଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରିବେ।



➤ପ୍ରତିଦିନ ସକାଳୁ ବ୍ୟାୟାମ କରିବା ବ୍ୟତୀତ କିଛି ସମୟ ଯୋଗ କରନ୍ତୁ। ମନକୁ ଶାନ୍ତ ରଖି ଯୋଗ କଲେ ତାହାର ସକାରାତ୍ମକ ପ୍ରଭାବ ଶରୀର ଉପରେ ପଡ଼ିଥାଏ।

➤ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ସାମିଲ କରିବା ସହ ଏଥିରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ।

➤ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।

➤କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। ଠିକ୍ ସମୟରେ ଖାଆନ୍ତୁ ଏବଂ ଶୁଅନ୍ତୁ।

➤ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଏହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।

➤ଆଖୁ ରସରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ରକ୍ଷା କରିଥାଏ।

➤ବୟସ୍କ ବ୍ୟକ୍ତିମାନେ ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ନିହାତି ଦରକାର।

# ବାତ ମାରିବାର ଲକ୍ଷଣ



ବାତ ମାରିବା ଏକାଧିକ ପ୍ରକାରର ରହିଛି। ଏଗୁଡିକର ଲକ୍ଷଣ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ। ବାତ ମାରିବା ଆରମ୍ଭ ହେବା ପୂର୍ବରୁ କେତେକ ସୂଚନା ପ୍ରକାଶ ପାଇଥାଏ। ସେଗୁଡିକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ କରିବା, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି 'ଅରା'ର କେତୋଟି ଉଦାହରଣ। ତେଣୁ ସେହି ବାତ ମାରିବା ସମୟରେ ହିଁ ରୋଗୀ ଉପରେ ସତର୍କ ଦୃଷ୍ଟି ରଖିବା ନିହାତି ଦରକାର। ସେହି ସମୟରେ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବାକୁ ଭୁଲନ୍ତୁ ନାହିଁ। ବାତ ମାରିଲେ ରୋଗୀ ଦୁଲ୍‌କରି ପଡ଼ିଯାଇପାରେ। ତା'ର ଦେହ ଓ ମୁଣ୍ଡ ନିକଟରେ ରହିଥିବା କୌଣସି କଠିନ ପଦାର୍ଥରେ ହଠାତ୍ ବାଡ଼େଇ ହୋଇଯାଇପାରେ। ତେଣୁ ରୋଗୀକୁ ବାତ ମାରିଲା ବେଳେ ତା' ପାଖରୁ ଚେୟାର୍, ଟେବୁଲ୍ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ନେବା ଉଚିତ। ବାତ ମାରିବା ବନ୍ଦ କରିବା ପାଇଁ ରୋଗୀକୁ ମାଡ଼ି ବସି ଧରିବା ନିରାପଦ ନୁହେଁ। ରୋଗୀକୁ କଡ଼ମାଡ଼ି ଶୁଆଇ ଦେଲେ ତା'ର ଶ୍ୱାସକ୍ରିୟା ସାବଲୀଳ ରୁହେ। ତା'ର ବେକ ଓ ଅଣ୍ଟା ପାଖରୁ ବୋତାମ କି ଗଣ୍ଠି ଫିଟେଇ ହୁଗୁଳା କରିଦେବା ଆବଶ୍ୟକ। ତା'ର ପାଟିରେ କୌଣସି କାଠି କି ଚାମଚ ଭର୍ତ୍ତି କରନ୍ତୁ ନାହିଁ। ତା' ପାଟି ଭିତରକୁ ନିଜର ଆଙ୍ଗୁଠି ଭର୍ତ୍ତି କରିବା ମଧ୍ୟ ନିରାପଦ ନୁହେଁ। ଅବସ୍ଥା ଯଦି ଗୁରୁତର ହୁଏ ତେବେ ବିଳମ୍ବ ନ କରି ନିକଟସ୍ଥ ହସପିଟାଲକୁ ନେଇଯାଆନ୍ତୁ।

# ବ୍ରୁକ୍ ୯୯, ବୁମ୍‌ରାଙ୍କୁ ୫ ଉଇକେଟ

**ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ**

ଲିଡ୍ସ, ୨୨।୬

ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡର ହ୍ୟାରି ବ୍ରୁକ୍ସ ୯୯ ରନରେ ଆଉଟ ହୋଇଥିବାବେଳେ ଭାରତର ଯଶପ୍ରୀତ୍ ବୁମ୍ରା ୫ ଉଇକେଟ ସଫଳତା ପାଇଛନ୍ତି। ଇଂଲଣ୍ଡର ପ୍ରଥମ ଇନିଂସ ୪୬୫ରେ ସୀମିତ ରହିବାରୁ ଭାରତ ୬ ରନରେ ଅଗ୍ରଣୀଲାଭ କରିଛି। ଭାରତ ପ୍ରଥମ ଇନିଂସରେ ୪୭୧ ରନ କରିଥିଲା। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଭାରତ ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୪୯ ରନ ସଂଗ୍ରହ କରିଛି। ପ୍ରଥମ ଇନିଂସରେ ଶତକ ହାସଲକାରୀ ଯଶସ୍ୱୀ ଜୟସ୍ୱାଲ ମାତ୍ର ୪ ରନ କରି ବ୍ରେଡନ କାର୍ସଙ୍କ ବଲ୍‌ରେ ଆଉଟ ହୋଇଛନ୍ତି। ଲୋକେଶ ରାହୁଲ ୨୮ ଓ ସାଇ ସୁଦର୍ଶନ ୧୬ ରନରେ ଅପରାଜିତ ରହିଛନ୍ତି। ନିଜ ଟେଷ୍ଟ ପଦାର୍ପଣରେ ସୁଦର୍ଶନ ପ୍ରଥମ ଇନିଂସରେ ଡକ୍ (୦)ରେ ଆଉଟ ହୋଇଥିଲେ। ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୦୯/୩ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ପୂର୍ବଦିନ ୧୦୦ ରନରେ ଅପରାଜିତ ରହିଥିବା ଓଲି ପୋପ୍ ଆଉ ୬ ରନ ଯୋଗକରି ପ୍ୟାଭିଲିୟନ ଫେରିଥିବାବେଳେ ହ୍ୟାରି ବ୍ରୁକ୍ସ ନର୍ଭସ ନାଇଣ୍ଟିଜ୍‌ର ଶିକାର ହୋଇ ମାତ୍ର ୧ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ୯୯ ରନରେ ଆଉଟ ହୋଇ ନିରାଶ ମନରେ କ୍ରିଜ୍ ଛାଡ଼ିଥିବାବେଳେ ଇଂଲଣ୍ଡ ପକ୍ଷରୁ ଶେଷ ଭାଗରେ ଜେମି ସ୍ମିଥ ୪୦, କ୍ରିସ୍ ୱୋକ୍ସ ୩୮ ଓ ବ୍ରେଡନ କାର୍ସ ୨୨ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଫଳରେ ଇଂଲଣ୍ଡ ଭାରତ ପ୍ରଥମ ଇନିଂସ ସ୍କୋରର ନିକଟତର ହୋଇଥିଲା। ମାତ୍ର ବୁମ୍ରାଙ୍କ ମ୍ୟାଜିକ୍ ଇଂଲଣ୍ଡକୁ ଅଗ୍ରଣୀ ହେବାକୁ ଦେଇ ନ ଥିଲା। ସେ ୫ ଉଇକେଟ ହାସଲ କରି ଭାରତକୁ ଛୋଟ ଅଗ୍ରଣୀ ଦେଇଥିଲେ। ଟେଷ୍ଟ କ୍ରିକେଟରେ ଏହାଥିଲା ବୁମ୍ରାଙ୍କ ୧୪ଶ ଏବଂ ବିଦେଶ ମାଟିରେ ୧୨ଶ ୫ ଉଇକେଟ। ତାଙ୍କ ବ୍ୟତୀତ ବିଦେଶ ମାଟିରେ ଭାରତର କେବଳ କପିଳ ଦେବ ୧୨ ଥର ୫ ଉଇକେଟ ସଫଳତା ପାଇଥିଲେ। ଅନ୍ୟ ଭାରତୀୟ ବୋଲରଙ୍କ ମଧ୍ୟରେ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଓ ମହମ୍ମଦ ସିରାଜ ୨ଟି ଉଇକେଟ ନେଇଥିଲେ।



୫ ଉଇକେଟ ହାସଲପରେ ସାଥୀ ଖେଳାଳିଙ୍କ ସହ ପଡ଼ିଆ ଛାଡୁଛନ୍ତି ଭାରତର ଯଶପ୍ରୀତ୍ ବୁମ୍‌ରା।


**ତୀର୍ଥ ଭ୍ରମଣ ସ୍ପେଶାଲ**

BANAMALI PANDA, JAJPUR TOWN, JAJPUR, M-9437310046, 9668114682

**ପ୍ୟାକେଜ୍ ଟ୍ରେନ୍ ଟୁର୍: ୧ମ ଯାତ୍ରା (ଉତ୍ତର ଭାରତ):** ପିତୃପକ୍ଷ ମହାଳୟା ଉପଲକ୍ଷେ ପୁରୀ- ଭୁବନେଶ୍ୱରରୁ ତା୧.୦୯.୨୫ରୁ ବାହାରି ପ୍ରୟାଗରାଜ (ତ୍ରିବେଣୀସଙ୍ଗମ) ଆଗ୍ରା, ଗୋପ, ମଥୁରା, ବୃନ୍ଦାବନ, ଦିଲ୍ଲୀ, ଅମୃତସର, ୱାଘାବର୍ଡର, ଜାମ୍ମୁ, କଟରା, ବୈଷ୍ଣବଦେବୀ, ହରିଦ୍ୱାର, ଋଷିକେଶ, ବଦ୍ରିନାରାୟଣଧାମ, କେଦାରନାଥ, ଅଯୋଧ୍ୟା, କାଶୀ, ବାରଣାସୀ, ଗୟା (ପିଣ୍ଡଦାନ), ବୁଦ୍ଧଗୟା ହୋଇ ତା୧୬.୦୯ରେ ପୁରୀ ପହଞ୍ଚିବ। **୨ୟ ଯାତ୍ରା:** ତା୧୮.୦୯ରେ ଭୁବନେଶ୍ୱରରୁ ବାହାରି ପ୍ରୟାଗରାଜ (ତ୍ରିବେଣୀସଙ୍ଗମ), ଗୟା, ପିଣ୍ଡଦାନ, ବୁଦ୍ଧଗୟା, ଅଯୋଧ୍ୟା, କାଶୀ, ବାରଣାସୀ ହୋଇ ତା୨୩.୯ରେ ପୁରୀ ପହଞ୍ଚିବ। **୩ୟ ଯାତ୍ରା: ପଶ୍ଚିମ/ମଧ୍ୟ ଭାରତ:** ୨ ଧାମ ଓ ୭ ଗୋଟି ଜ୍ୟୋତିର୍ଲିଙ୍ଗ ଭ୍ରମଣ ଉପଲକ୍ଷେ ପୁରୀ ଷ୍ଟେସନରୁ ତା୨୪.୦୯ରେ ବାହାରି ଅହମ୍ମଦାବାଦ, ଅକ୍ଷରଧାମ, ଭିରାଭଲ, ସୋମନାଥ, ପ୍ରଭାସତୀର୍ଥ, ଦ୍ୱାରକାଧାମ, ଭେଟଦ୍ୱାରକା, ନାଗେଶ୍ୱର, ମାଉଣ୍ଟଆବୁ, ଆଜମିର୍, ପୁଷ୍କର, ଉଜ୍ଜୟିନୀ, ଇନ୍ଦୋର, ପୁନେ, ଭୀମଶଙ୍କର, ଶନିସିଗ୍ନାପୁର, ଔରଙ୍ଗାବାଦ, ଏଲୋରା, ଘୃଷ୍ଣେଶ୍ୱର, ନାସିକ, ତ୍ର୍ୟମ୍ବକେଶ୍ୱର, ସିରିଡ଼ିସାଇ ହୋଇ ତା୦୬.୧୦ରେ ପୁରୀ ପହଞ୍ଚିବ। **୪ର୍ଥ ଯାତ୍ରା: ଦକ୍ଷିଣ ଭାରତ:** ତା୨୩.୧୦ରେ ଭୁବନେଶ୍ୱରରୁ ବାହାରି ଚେନ୍ନାଇ, ମଦୁରାଇ, ମିନାକ୍ଷୀଦେବୀ, ସେତୁବନ୍ଧ, ରାମେଶ୍ୱରଧାମ, ତ୍ରିଚନ୍ନାପଲ୍ଲୀ, ନଗରକୋଏଲ୍, କନ୍ୟାକୁମାରୀ, ତ୍ରିଭେନ୍ଦ୍ରମ୍, ପଦ୍ମନାଭସ୍ୱାମୀ, ବେଙ୍ଗାଲୁରୁ, ମହୀଶୂର ପ୍ୟାଲେସ୍, ବୃନ୍ଦାବନଗାର୍ଡେନ, ତିରୁପତି ହୋଇ ତା୦୪.୧୧ରେ ପୁରୀ ପହଞ୍ଚିବ।

**ବ୍ୟବସ୍ଥା:** ଭଲ ଗାଇଡ୍, ରୁଚିକର ଖାଦ୍ୟ, ସମ୍ପୂର୍ଣ୍ଣ ଦାୟିତ୍ୱ, ସକାଳ ଚା, ଦୁଇଓଳି ଖାଦ୍ୟ, ଇଡ୍ଚିଂ, ଧର୍ମଶାଳା ରହଣି ଓ ପାର୍ଶ୍ୱ ଗାଡ଼ି ଖର୍ଚ୍ଚ ସହ ଜଣ ପ୍ରତି ୧ମ ଯାତ୍ରା- ଟ୧୮,୭୦୦ଙ୍କା, 3A- ଟ୨୬,୦୦୦/- (ହରିଦ୍ୱାରଠାରୁ ବଦ୍ରିନାଥ, କେଦାରନାଥ ଯାତାୟାତ ଖର୍ଚ୍ଚ, ଖାଦ୍ୟ ଓ ରହଣି ଖର୍ଚ୍ଚ ଯାତ୍ରୀ ବହନ କରିବେ), ୨ୟ ଯାତ୍ରା- ଟ୮,୫୦୦ଙ୍କା, 3A- ଟ୧୩,୦୫୦ଙ୍କା, ୩ୟ ଯାତ୍ରା- ଟ୧୮,୫୮୦ଙ୍କା, 3A- ୨୫,୭୭୫ଙ୍କା, ୪ର୍ଥ ଯାତ୍ରା- ଟ୧୮,୮୦୦ଙ୍କା, 3A- ଟ୨୬,୫୫୦ଙ୍କା । ପ୍ରତ୍ୟେକ ଯାତ୍ରା ପାଇଁ ୨୦୦୦/୫୦୦୦ ଟଙ୍କା ଦେଇ ନିମ୍ନ ଠିକଣାରେ କିମ୍ବା ପରିଚାଳକଙ୍କ ସହ ଯୋଗାଯୋଗ କରି ସିଟ୍ ଶୀଘ୍ର ବୁକିଂ କରନ୍ତୁ। ବିଜ୍ଞାପନ ପ୍ରକାଶ ପାଇବାର ୮ ଦିନ ପର୍ଯ୍ୟନ୍ତ ଅଗ୍ରିମ ଗ୍ରହଣ କରାଯିବ। ନଚେତ୍ ଟିକେଟ୍ ମିଳିବାର ସମ୍ଭାବନା ଯଥେଷ୍ଟ କମ୍।

ବମ୍ବେ ଡାଇଙ୍ଗ, ବକ୍ସିବାଜାର, କଟକ- ୯୪୩୮୪୦୮୬୦୫/ ଭୁବନେଶ୍ୱର- ୮୮୯୫୮୧୩୨୨୨/ ସମ୍ବଲପୁର- ୯୪୩୭୫୮୮୪୬୪ / ପୁରୀ- ୯୪୩୭୪୩୫୦୦୨ / ଅନୁଗୁଳ- ୯୮୬୧୪୫୩୬୪୧/ ବାରିପଦା- ୭୮୫୪୮୬୧୨୨୩ / ଆଠମଲ୍ଲିକ - ୮୯୧୭୪୯୯୧୬୩ / ଢେଙ୍କାନାଳ- ୮୫୯୬୮୦୬୬୯୦/ ବାଲେଶ୍ୱର- ୯୯୩୭୦୭୪୦୨୩/ କେନ୍ଦୁଝର- ୯୯୩୮୬୮୦୨୩୦ / ବ୍ରହ୍ମପୁର- ୯୮୬୧୧୭୦୬୮୩ / ବଲାଙ୍ଗୀର- ୯୪୩୭୧୯୫୦୫୮ / ରାଉରକେଲା- ୬୩୭୦୭୪୭୧୯୭ / କଳାହାଣ୍ଡି- ୭୮୯୪୭୩୧୭୭୪ / ଭଦ୍ରକ- ୯୬୬୮୧୧୪୬୮୨/ ବୌଦ୍ଧ- ୯୭୭୮୮୧୭୩୦୫/ କେନ୍ଦ୍ରାପଡ଼ା- ୯୦୪୦୪୧୬୬୦୪/ ନୟାଗଡ଼- ୬୩୭୧୨୩୩୭୦୫ / ଜଗତ୍‌ସିଂହପୁର- ୯୯୩୭୧୭୮୨୫୫


# ରାଜ୍ୟ ଓପନ ଚେସ୍: ଲଭ୍ୟଜ୍ୟୋତି ଚାମ୍ପିୟନ

ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ଅଲେଖ ଚନ୍ଦ୍ର ଦେବତା ସ୍ମାରକୀ ରାଜ୍ୟ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଲଭ୍ୟଜ୍ୟୋତି ରାଉତରାୟ ଓ ଶୁଭେନ୍ଦୁ କୁମାର ପାତ୍ର ୪.୫ ପଏଣ୍ଟ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ସ୍ଥିତପ୍ରଜ୍ଞ ସାହୁ, ପ୍ରତ୍ୟୁଷ ମହାପାତ୍ର ଓ ଭିନିତ ନାୟକ ଟପ୍-୫ ଫିନିଶ୍ କରିଥିଲେ। ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସୁପ୍ରିୟା ନାୟକ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସିଡ୍ରିମ୍‌ଜ ଇ-କମର୍ସର ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦେବତା, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତ ଅଲେଖ ଚନ୍ଦ୍ର ଦେବତାଙ୍କ ବୋହୂ ସ୍ମୃତି ଦେବତା ଏବଂ ସମ୍ପର୍କୀୟ ଦ୍ୱିତୀକାଂଶ, ଦକ୍ଷିତାଂଶ ଦେବତା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।


ରାଜ୍ୟ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।



କଳିଙ୍ଗ ଷ୍ଟାଡିୟମରେ ରବିବାର ଆରମ୍ଭ ହୋଇଥିବା ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ଭାରତ-କିର୍‌ଗିଜ ରିପବ୍ଲିକ ମ୍ୟାଚ ଡ୍ର

**୨୩ ବର୍ଷରୁ କମ୍ ଫୁଟ୍‌ବଲ**

ନୂଆଦିଲ୍ଲୀ, ୨୨।୬ (ପି.ଟି.)

ତାଜିକିସ୍ତାନର ହିସୋରଠାରେ ଭାରତ ଓ କିର୍‌ଗିଜ ରିପବ୍ଲିକ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ଗୋଲଶୂନ୍ୟ ଡ୍ର ଭାବେ ଶେଷ ହୋଇଛି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ୨୩ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସ ଏବଂ ଏସିଆନ ଗେମ୍ସ ୨୦୨୬ ଲାଗି ପ୍ରସ୍ତୁତିର ଅଂଶବିଶେଷ ସ୍ୱରୂପ ଭାରତ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବା ଲାଗି ତାଜିକସ୍ତାନ ଗସ୍ତ କରିଥିଲା। ଭାରତ ଅୟୋଜକ ଦଳ ବିପକ୍ଷ ପ୍ରଥମ ମ୍ୟାଚ ୨-୩ ଗୋଲ୍‌ରେ ହାରିଯାଇଥିଲା। ମୁଖ୍ୟ କୋଚ୍ ନୌସାଦ ମୂଷା କିର୍‌ଗିଜ ରିପବ୍ଲିକ ବିପକ୍ଷ ମ୍ୟାଚ ପାଇଁ ତାଜିକସ୍ତାନ ବିପକ୍ଷରେ ଖେଳିଥିବା ଷ୍ଟାର୍ଟିଂ ଇଲେଭେନ୍‌ର ୮ ଖେଳାଳି ପରିବର୍ତ୍ତନ କରିଥିଲେ। କେବଳ ଡିଫେଣ୍ଡର ପ୍ରମବୀର, ବିକାଶ ୟୁମ୍‌ନାନ୍ ଓ ଅଭିଷେକ ସିଂ ଟେକ୍‌ଚାମ ସେମାନଙ୍କ ସ୍ଥାନ ବଜାୟ ରଖିଥିଲେ। ଏତେ ଖେଳାଳି ପରିବର୍ତ୍ତନ ସତ୍ତ୍ୱେ ଦୁଇ ଦଳ ମଧ୍ୟରେ କିରଗିଜ୍ ଦଳର ପ୍ରଦର୍ଶନ ଭଲ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଦୁଇ ଦଳ କେତୋଟି ସୁଯୋଗ ପାଇଥିଲେ ମଧ୍ୟ କାର୍ଯ୍ୟକାରୀ କରିବାରେ ସଫଳ ରହି ନ ଥିଲେ।

# ନିଶାନ୍ତ ବିଶ୍ୱାଳଙ୍କୁ ଟାଇଟଲ

**ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର**

ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)

ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସଏଓ) ଆନୁକୂଲ୍ୟରେ ଭିନ୍‌ଟେଜ୍ କ୍ଲବ ପରିସରରେ ଅନୁଷ୍ଠିତ ଫାଲକନ ଅଲ୍ ଓଡ଼ିଶା ଓପନ ୬ ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟରେ ନିଶାନ୍ତ ବିଶ୍ୱାଳ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ଆଶୁତୋଷ ପାଢ଼ୀଙ୍କୁ ୬-୪ (୪୮-୨୬, ୩୨-୩୩, ୩୬-୧୧, ୨୪-୪୧, ୩୯-୨୬, ୪୪-୧୧, ୩୦-୩୭, ୪୪-୦, ୧୯-୩୫, ୩୮-୨୯) ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଏହାକୁ ମିଶାଇ ନିଶାନ୍ତ ୭ ଓପନ ସ୍ନୁକର ଟାଇଟଲ ଜିତିଛନ୍ତି। ପୂର୍ବରୁ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ନିଶାନ୍ତ ୫-୨ ଫ୍ରେମ୍‌ରେ ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରିଥିଲେ। ବିଏଏସଓ କାର୍ଯ୍ୟକାରିଣୀ ସଦସ୍ୟ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ଭିନ୍‌ଟେଜ କ୍ଲବର ପ୍ରତିଷ୍ଠାତା ଅମିୟ ରଞ୍ଜନ ନାୟକ ଓ ତାଙ୍କ ପାର୍ଟନର ସତ୍ୟଦୀପ ଦାସ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ରନରଅପ୍ ଆଶୁତୋଷ ପାଢ଼ୀ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ଓ ଚାମ୍ପିୟନ ନିଶାନ୍ତ ବିଶ୍ୱାଳ।

# କାନାଡାକୁ ଟି୨୦ ବିଶ୍ୱକପ୍ ଯୋଗ୍ୟତା

ଓଣ୍ଟାରିଓ (କାନାଡା), ୨୨।୬ (ପି.ଟି.)

ଆମେରିକାରେ ଅନୁଷ୍ଠିତ କ୍ୱାଲିଫାୟର୍ସରେ ବାହାମାସକୁ ୭ଉଇକେଟରେ ପରାସ୍ତ କରି କାନାଡାର ପୁରୁଷ କ୍ରିକେଟ ଦଳ ଆସନ୍ତା ବର୍ଷ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁଥିବା ଆଇସିସି ଟି୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଦଳ ଟୁର୍ଣ୍ଣାମେଣ୍ଟରେ ୫ଟି ମ୍ୟାଚ ଖେଳିଥିବା ଇଏପି କ୍ୱାଲିଫାୟର (ଅକ୍ଟୋବର ୧ରୁ ୧୭)ରୁ ୩ଟି ଦଳ ଆଞ୍ଚଳିକ କ୍ୱାଲିଫାୟର୍ସ ଯୋଗେ ପୁରୁଷ ଟି୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବେ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ କୁହାଯାଇଛି। ସ୍ଥାନୀୟ କିଙ୍ଗ୍ ସିଟି ଅନ୍ତର୍ଗତ ମାପଲ ଲିଫ୍ ନର୍ଥ-ୱେଷ୍ଟ ଗ୍ରାଉଣ୍ଡରେ କାନାଡା ଏହାର ଫାଇନାଲ ଗେମ୍‌ରେ


ଟି୨୦ ବିଶ୍ୱକପ ଯୋଗ୍ୟତାରେ ଉଲ୍ଲସିତ କାନାଡ଼ା ଖେଳାଳି।

ବେଳେ ସମସ୍ତ ମ୍ୟାଚରେ ବିଜୟ ଲାଭ କରିଥିଲା। କାନାଡା ଗତବର୍ଷ ଆମେରିକାରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ରେ ମଧ୍ୟ ସ୍ଥାନ ପାଇଥିଲା। ଏହି ଦଳ ବର୍ତ୍ତମାନ ଆସନ୍ତା ଟି୨୦ ଇଭେଣ୍ଟ ଲାଗି ଗତ ଥରର ଚାମ୍ପିୟନ ଭାରତ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଯୁକ୍ତରାଷ୍ଟ୍ର ଆମେରିକା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଦଳ ସହିତ ଯୋଗଦେଇଛି। ଆହୁରି ୭ଟି ଦଳ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ୟୁରୋପିଆନ କ୍ୱାଲିଫାୟର୍ସ (ଜୁଲାଇ ୫ରୁ ୧୧) ଦୁଇଟି, ଆଫ୍ରିକା କ୍ୱାଲିଫାୟର (ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪) ଦୁଇଟି ଏବଂ ଏସିଆ-ଟସ୍ ଜିତି ବୋଲିଂ ନେଇଥିଲା। ବାହାମାସ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୧୯.୫ ଓଭରରେ ୫୬ରନ କରି ଅଲଆଉଟ ହୋଇଯାଇଥିଲା। କାନାଡାର ପେସ୍-ସ୍ପିନ୍ ଯୋଡ଼ି କଲିମ ସାନା (୩/୬) ଓ ଶିଭମ ଶର୍ମା (୩/୧୬) ଚମତ୍କାର ବୋଲିଂ କରି ମିଳିତ ଭାବେ ୬ ଉଇକେଟ ଅକ୍ତିଆର କରିଥିଲେ। କାନାଡା ମାତ୍ର ୫.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ପ୍ରଭାବୀ ବ୍ୟାଟିଂ ସହ ଦିଲପ୍ରୀତ ବାଜୱା ୩୬ ରନ କରି ଅପରାଜିତ ରହିଥିଲେ। ନିକୋଲାସ କିର୍ଟନଙ୍କ ନେତୃତ୍ୱରେ କାନାଡା ୧୧୦ରନରେ ବରମୁଡାକୁ ପରାସ୍ତ କରି ପ୍ରତିଯୋଗିତାରେ ଏହାର ଅଭିଯାନ ଆରମ୍ଭ କରିଥିଲା।

# ଓଡ଼ିଶା ବାଳିକା, ବାଳକ ଦଳ କ୍ୱାର୍ଟରରେ

**ଜାତୀୟ ସବ୍‌ଜୁନିୟର ଥ୍ରୋ ବଲ୍**

ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)

ମହାରାଷ୍ଟ୍ରର ଶିରିଡ଼ିଠାରେ ଚାଲିଥିବା ୩୦ତମ ସବ୍‌ଜୁନିୟର ଥ୍ରୋ-ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଓ ବାଳକ ଦଳ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ଓଡ଼ିଶା ବାଳକ ଦଳ ତେଲଙ୍ଗାନାକୁ ୨-୦ ଓ ରାଜସ୍ଥାନକୁ ୨-୦ ସେଟ୍‌ରେ ହରାଇଥିବାବେଳେ ତୃତୀୟ ମ୍ୟାଚରେ ହରିୟାଣାଠାରୁ ୧-୨ରେ ପରାଜିତ ହୋଇଥିଲେ ହେଁ ଗ୍ରୁପ୍ 'ବି'ର ରନର ହିସାବରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ଓଡ଼ିଶା ଓ ଦିଲ୍ଲୀ ମଧ୍ୟରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ସେହିପରି ଗ୍ରୁପ୍ 'ସି'ରେ ଓଡ଼ିଶା ବାଳିକା ଦଳ ରାଜସ୍ଥାନକୁ ୨-୦, ତେଲଙ୍ଗାନାକୁ ୨-୦ ଓ କର୍ଣ୍ଣାଟକକୁ ୨-୦ ସେଟ୍‌ରେ ପରାସ୍ତ କରିଥିବା କୋଚ୍ ସୁଧାସିନ୍ଧୁ ସାହୁ ପ୍ରକାଶ କରିଛନ୍ତି। କ୍ୱାର୍ଟରରେ ଓଡ଼ିଶା ଓ ତାମିଲନାଡୁ ମଧ୍ୟରେ ମୁକାବିଲା ହେବ।

# କଟକ 'ଏ' ଚାମ୍ପିୟନ

ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କଟକ 'ଏ' ଚାମ୍ପିୟନ ହୋଇଛି। ରବିବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ କଟକ 'ଏ' ୬୭ ରନରେ ଭୁବନେଶ୍ୱର 'ଏ'କୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା କଟକ 'ଏ' ୪୫ ଓଭରରେ ୮ ଉଇକେଟ ହରାଇ ୨୩୭ ରନ କରିଥିଲା। ଦଳ ପକ୍ଷରୁ ଅନିଲ ସାହୁ (୧୦୮) ଶତକ ହାସଲ କରିଥିବାବେଳେ ପୀୟୂଷ ମନ୍ତ୍ରୀ ୪୦ ରନ କରିଥିଲେ। ବିପକ୍ଷ ଦଳର ଚନ୍ଦ୍ରାଂଶୁ ବାଘେଲ ୩ଟି ଉଇକେଟ ନେଇଥିଲେ। ୨୩୮ ରନ ବିଜୟ ଲକ୍ଷ୍ୟରେ ଭୁବନେଶ୍ୱର 'ଏ' ୪୦.୪ ଓଭରରେ ୧୭୦ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ସ୍ୱାଗତ ମିଶ୍ର ୫୧ ଓ ଆୟୁଷ ଚାନ୍ଦ ୪୧ ରନ କରିଥିଲେ। ବିଜୟୀ ଦଳର ସମ୍ବିତ ବେଜା ଓ ଜନ୍ମେଜୟ ଜେନା ୨ଟି ଲେଖାଏ ଉଇକେଟ ନେଇଥିଲେ। ଶତକୀୟ ଇନିଂସ ପାଇଁ ଅନିଲ ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫିସହ ୧,୦୦,୦୦୦ ଓ ରନରଅପ୍ ଦଳକୁ ୫୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓସିଏର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଧିନେଲ ପଲେଇ, ସଂଗ୍ରାମ କେଶରୀ ଗୁମାନ ସିଂ, ନୃସିଂହ ଚରଣ ଚୌଧାରୀ, ସୁଶାନ୍ତ ମହାନ୍ତି, ନିର୍ବାଣ ରୟ, ଶିବବ୍ରତ ମଲିକ, ସ୍ୱାଗତ ସାମନ୍ତରାୟ, ସନ୍ତୋଷ ଦାସ ଓ ଅଞ୍ଜନ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ମୋଟ ୧୦୩ ମ୍ୟାଚ ଅନୁଷ୍ଠିତ ହୋଇଥିଲା।



ଅତିଥିଙ୍କ ସହ ଚାମ୍ପିୟନ କଟକ 'ଏ' ଦଳର ଖେଳାଳିମାନେ।

# ବିଶ୍ୱ ଏକତାର ପ୍ରତୀକ ଅଲିମ୍ପିକ ରିଙ୍ଗ୍

**ଆଜି ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ**

ପ୍ରତିବର୍ଷ ଜୁନ୍ ୨୩ରେ ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ପାଳିତ ହୋଇ ଆସୁଛି। କ୍ରୀଡ଼ାରେ ବିଶ୍ୱ ଏକତାର ପ୍ରତୀକ ହେଉଛି ଅଲିମ୍ପିକ ରିଙ୍ଗ୍। ୧୮୯୪ରେ ପ୍ୟାରିସରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସ୍ଥାପନାକୁ ମନେପକାଇବାକୁ ଯାଇ ଏହି ଦିବସ ପାଳିତ ହୋଇଆସୁଛି। ବାରନ ପିଏରେ କୋବର୍ଟିନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଆଇଓସି ଆଧୁନିକ ଅଲିମ୍ପିକ ଖେଳକୁ ପୁନର୍ଜୀବିତ କରିଥିଲା ଏବଂ ୧୯୪୮ ଜୁନ୍ ୨୩ରେ ପ୍ରଥମ ଥର ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ପାଳିତ ହୋଇଥିଲା। ସେବେଠାରୁ କ୍ରୀଡ଼ା, ସ୍ୱାସ୍ଥ୍ୟ ଏବଂ ଅଲିମ୍ପିକ ଆନ୍ଦୋଳନର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଲାଗି ଏହା ଏକ ବିଶ୍ୱବ୍ୟାପୀ କାର୍ଯ୍ୟକ୍ରମ ପାଲଟିଯାଇଛି। ଏହି ଦିବସରେ ସମସ୍ତ ବୟସବର୍ଗର ଲୋକମାନଙ୍କୁ ଶାରୀରିକ କାର୍ଯ୍ୟକଳାପରେ ଅଂଶଗ୍ରହଣ ବ୍ୟତୀତ ଉତ୍କର୍ଷତା, ବନ୍ଧୁତା ଓ ସମ୍ମାନ ଆଦି ଅଲିମ୍ପିକ ଆଦର୍ଶକୁ ଗ୍ରହଣ କରିବା ଲାଗି ଉତ୍ସାହିତ କରାଯାଇଥାଏ। ସ୍ଥାନୀୟ କୌତୁକ ଦୌଡ଼ ଓ ସ୍କୁଲ କ୍ରୀଡ଼ା ଦିବସଠାରୁ ଆରମ୍ଭ କରି କମ୍ୟୁନିଟି ଟୁର୍ଣ୍ଣାମେଣ୍ଟ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଲୋକମାନଙ୍କ ମନରେ ଅଲିମ୍ପିକ ଭାବନାକୁ ଜାଗ୍ରତ କରିଥାଏ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ